R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ

ସଂଖ୍ୟା : ୨୬

ତିଥି : ନବମୀ

୩୧ ଅକ୍ଟୋବର ୨୦୨୫, ଶୁକ୍ରବାର

ଭୁବନେଶ୍ୱର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦


# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

31 October 2025, Friday

29th ANNIVERSARY

Bhubaneswar | Balasore | Angul | Berhampur | Sambalpur





## ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି
# ଇନ୍ଦିରା ଗାନ୍ଧି

ଭାରତୀୟ ରାଜନୀତି ସହିତ ବିଶ୍ୱ ରାଜନୀତିରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଥିଲେ ଭାରତର ଏକମାତ୍ର ତଥା ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧି । ତାଙ୍କର ରାଜନୈତିକ ଦୃଢ଼ତା ଭାରତ ସହିତ ତାଙ୍କୁ ବିଶ୍ୱ ରାଜନୀତିରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଥିଲା । ୧୯ ନଭେମ୍ବର ୧୯୧୭ ମସିହାରେ ଉତ୍ତରପ୍ରଦେଶର ଆଲାହାବାଦରେ ଏକ କଶ୍ମୀର ପଣ୍ଡିତ ପରିବାରରେ ଇନ୍ଦିରାଙ୍କର ଜନ୍ମ । ପିତା ଜବାହରଲାଲ ନେହରୁ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଆଗଧାଡ଼ିର ନେତା ସହିତ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ପିଲାଦିନୁ ଇନ୍ଦିରାଙ୍କ ଉପରେ ପିତା ନେହରୁଙ୍କର ଖୁବ୍ ପ୍ରଭାବ ରହିଥିଲା । ଜେଲ୍‌ରେ ଥାଇ ନେହରୁ ଇନ୍ଦିରାଙ୍କୁ ଅନେକ ଚିଠି ଲେଖିଥିଲେ ଯେଉଁଥିରେ ଜୀବନର ଅନେକ ନୀତିଶିକ୍ଷା ରହିଥିଲା । ପ୍ରାଥମିକ ସ୍ତରରେ ସେ ଆଲାହାବାଦର ସେଣ୍ଟ୍ ସିସିଲିଆ ଓ ସେଣ୍ଟମେରୀ ଖ୍ରୀଷ୍ଟିଆନ ସ୍କୁଲ, ବେକ୍ସର ଇକୋଲେ ନୌଭେଲା ଏବଂ ପୁନା ଓ ମୁମ୍ବାଇର ପ୍ୟୁପିଲ୍ସ ଓନ୍ ସ୍କୁଲରେ ଶିକ୍ଷାଲାଭ କରିଥିଲେ । ପରେ ଶାନ୍ତିନିକେତନର ବିଶ୍ୱଭାରତୀରେ ଶିକ୍ଷାଲାଭ କରିଥିଲେ । ପରେ ସେ ଅକ୍ସଫୋର୍ଡ଼ର ସୋମରଭିଲା ମହାବିଦ୍ୟାଳୟରୁ ଶିକ୍ଷାଗ୍ରହଣ କରିଥିଲେ । ୧୯୪୧ରେ ଭାରତକୁ ଫେରିବା ପରେ ସେ ସ୍ୱତନ୍ତ୍ରତା ଆନ୍ଦୋଳନରେ ନିଜକୁ ସାମିଲ କରାଇଥିଲେ । ଫିରୋଜ ଗାନ୍ଧିଙ୍କୁ ବିବାହ ପରେ ତାଙ୍କ ନାମ ଇନ୍ଦିରା ଗାନ୍ଧିରେ ପରିବର୍ତ୍ତିତ ହୋଇଥିଲା । ୧୯୪୭ ମସିହାରେ ଭାରତ ବିଭାଜନ ସମୟରେ ସେ ଶରଣାର୍ଥୀ ଶିବିରଗୁଡ଼ିକୁ ସଙ୍ଗଠିତ କରିବା ସହ ହଜାର ହଜାର ଲୋକଙ୍କୁ ଚିକିତ୍ସା ସୁବିଧା ଯୋଗାଇଥିଲେ । ଯେଉଁ କାରଣରୁ କଂଗ୍ରେସ ଦଳ ଭିତରେ ତାଙ୍କର ଏକ ସମ୍ମାନଜନକ ସ୍ଥାନ ସୃଷ୍ଟି ହୋଇଥିଲା । ଇନ୍ଦିରାଙ୍କର ଓଡ଼ିଶା ସହ ବେଶ୍ ଆବେଗିକ ସମ୍ପର୍କ ଥିଲା । ୩୦ ଅକ୍ଟୋବର ୧୯୮୪ ମସିହାରେ ସେ ଭୁବନେଶ୍ୱରର ପରେଡ଼ ପଡ଼ିଆରେ ନିଜର ଶେଷ ଭାଷଣ ପ୍ରଦାନ କରିଥିଲେ । ଏହାର ପରଦିନ ଅର୍ଥାତ୍ ୩୧ ଅକ୍ଟୋବର ୧୯୮୪ ମସିହାରେ ନିଜର ସୁରକ୍ଷାକର୍ମୀଙ୍କ ଦ୍ୱାରା ସେ ନିଜ ବାସଭବନରେ ନିହତ ହୋଇଥିଲେ । ପରେ ଭୁବନେଶ୍ୱରର ସେହି ପଡ଼ିଆକୁ ଇନ୍ଦିରା ଗାନ୍ଧିଙ୍କ ନାମରେ ଆଇ.ଜି ପାର୍କ ଭାବେ ନାମିତ କରାଯାଇଥିଲା ।

## ଆଜି ଜନ୍ମଦିନ
# ଲୌହମାନବ ସର୍ଦ୍ଦାର ପଟେଲ



ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ । ସ୍ୱାଧୀନ ଭାରତର ସେ ଥିଲେ ପ୍ରଥମ ଉପ-ପ୍ରଧାନମନ୍ତ୍ରୀ ତଥା ଗୃହମନ୍ତ୍ରୀ । ଭାରତରେ ଥିବା ଗଡ଼ଜାତ ଅଞ୍ଚଳ ଓ ସ୍ୱାଧୀନ ରାଜ୍ୟକୁ ଭାରତ ସହ ମିଶାଇବାରେ ସେ ନେଇଥିଲେ ଗୁରୁତ୍ୱପୂର୍ଣ୍ଣ ଭୂମିକା । ଭାରତର ଲୌହମାନବ ଭାବେ ତାଙ୍କର ରହିଛି ସ୍ୱତନ୍ତ୍ର ପରିଚୟ । ୧୮୭୫ ମସିହା ଅକ୍ଟୋବର ୩୧ ତାରିଖରେ ଗୁଜରାଟରେ ଜନ୍ମଗ୍ରହଣ କରିଥିଲେ ସର୍ଦ୍ଦାର ପଟେଲ । ତାଙ୍କର ଦୃଢ଼ ସଂକଳ୍ପ ବଳରେ ଭାରତରେ ୫୬୫ଟି ସ୍ୱାଧୀନ ଗଡ଼ଜାତ ରାଜ୍ୟ ମିଶିଥିଲେ । ସେଥିପାଇଁ ତାଙ୍କୁ ଏକତାର ପ୍ରତୀକ ବୋଲି ମଧ୍ୟ କୁହାଯାଇଥାଏ । ସେ ଜଣେ ଅଭିଜ୍ଞ ପ୍ରଶାସକ ଥିଲେ । ପ୍ରଶାସନିକ କ୍ଷେତ୍ରରେ ତାଙ୍କର ନିଜସ୍ୱ ଅଭିଜ୍ଞତା ରହିଥିଲା । ସ୍ୱାଧୀନ ଭାରତର ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ବିଶେଷ ଭାବେ କାମ କରିଥିଲେ ସେ । ସର୍ଦ୍ଦାର ପଟେଲଙ୍କର ଦୁଇଟି ବିଶେଷତ୍ୱ ଥିଲା - ବିଶ୍ୱାସ ଏବଂ ସଚ୍ଚୋଟତା । ତାଙ୍କର ଅଦମ୍ୟ ଉତ୍ସାହ, ଅସୀମ ଶକ୍ତି ଏବଂ ମାନବୀୟ ସମସ୍ୟାଗୁଡ଼ିକ ପ୍ରତି ବ୍ୟବହାରିକ ଦୃଷ୍ଟିକୋଣ ଦ୍ୱାରା ସେ ନିର୍ଭୟ ହୋଇ ସ୍ୱାଧୀନ ଭାରତର ପ୍ରାରମ୍ଭିକ ସମସ୍ୟା ଗୁଡ଼ିକର ସମାଧାନ କରିପାରିବାରେ ସଫଳ ହୋଇପାରିଥିଲେ । ୧୯୫୦ ମସିହା ଡିସେମ୍ବର ୧୫ ତାରିଖ ଦିନ ଏଭଳି ଏକ ମହାନ୍ ନାୟକଙ୍କର ଦେହବସାନ ଘଟିଥିଲା । ଭାରତୀୟ ଦେଶଭକ୍ତମାନଙ୍କ ମଧ୍ୟରେ ଅମୂଲ୍ୟ ରତ୍ନ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କୁ ୧୯୯୧ ମସିହାରେ ମରଣୋତ୍ତର 'ଭାରତରତ୍ନ' ଉପାଧିରେ ସମ୍ମାନିତ କରାଯାଇଥିଲା । ତାଙ୍କ ଜୟନ୍ତୀକୁ ରାଷ୍ଟ୍ରୀୟ ଏକତା ଦିବସ ରୂପେ ପାଳନ କରାଯାଉଛି । ଏହି ଦିନ ଭାରତୀୟ ଇତିହାସରେ ସର୍ଦ୍ଦାର ପଟେଲଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଦେଶବ୍ୟାପୀ ଏକତାର ଶପଥ ନେବା, ଜନ ଅଭିଯାନ ଚଳାଇବା, ଏକତା ପାଇଁ ଦୌଡ଼ ପୋଷ୍ଟର ଏବଂ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଏବଂ ପ୍ରଦର୍ଶନୀ ଆଦିର ଆୟୋଜନ କରାଯାଇଥାଏ । ଭାରତ ସରକାର ସର୍ଦ୍ଦାର ପଟେଲଙ୍କ ସମ୍ମାନରେ ପୃଥିବୀର ସବୁଠାରୁ ଉଚ୍ଚ ପ୍ରତିମା 'ଷ୍ଟାଚ୍ୟୁ ଅଫ୍ ୟୁନିଟି' (୧୮୨ ମିଟର ଉଚ୍ଚ) ପ୍ରତିମୂର୍ତ୍ତି ଗୁଜୁରାଟ ରାଜ୍ୟର ନର୍ମଦା ଜିଲ୍ଲାରେ ସର୍ଦ୍ଦାର ସରୋବର ଡ୍ୟାମ୍ ସନ୍ନିକଟ ସାଧୁବେଟ୍ ନାମକ ଏକ ଦ୍ୱୀପରେ ନିର୍ମାଣ କରିଛନ୍ତି ।

ବିଶ୍ୱବିଜୟୀ ଦାଶ
ମୋବାଇଲ ନଂ- ୬୩୭୦୨୦୮୪୨୮



# ହଟ୍‌ପଟ୍ ବାଥ

ଚୀନରେ ବର୍ତ୍ତମାନ ଏକ ଟ୍ରେଣ୍ଡ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଏଥିରେ ଲୋକମାନେ ଲଙ୍କା ଓ ଅନ୍ୟ ବିଭିନ୍ନ ପରିବାକୁ ବ୍ୟବହାର କରି ପ୍ରସ୍ତୁତ ହୋଇଥିବା ଗରମ ସୁପ୍‌ରେ ଗାଧୋଉଥିବାର ଦେଖିବାକୁ ମିଳୁଛି । ଏହି ଟ୍ରେଣ୍ଡ ଚାଇନିଜ ମେଡିସିନ ଟିସିଏମରୁ ପ୍ରେରିତ ହୋଇଛି । ଏକ ଲୋକକଥା ଅନୁସାରେ ଗରମ ସୁପ୍‌ରେ ଗାଧୋଇବା ଦେହ ପାଇଁ ଭଲ ହୋଇଥାଏ । ଚୀନର ହର୍ବିନ ସହରରେ ଥିବା ଏକ ରିସୋର୍ଟରେ ଅକ୍ଟୋବର ମାସରେ ହଟ୍‌ପଟ୍ ବାଥର ଆରମ୍ଭ ହୋଇଥିଲା । ଏଠାରେ ୫ ମିଟର ଚଉଡା ସ୍ୱିଂ ପୁଲର ନିର୍ମାଣ କରାଯାଇଥିଲା । ଯେଉଁଥିରେ ଗୋଟିଏ ପଟ ଲାଲ ଥିବାବେଳେ ଗୋଟିଏ ପଟ ଧଳା ରହିଥିଲା । ଲୋକମାନେ ରିଲାକ୍ସ ହେବା ବା ନିଜର ଷ୍ଟ୍ରେସ କମାଇବା ପାଇଁ ଏହି ହଟ୍‌ପଟ୍ ବାଥକୁ ବେଶି ଆପଣାଉଥିବା ଦେଖିବାକୁ ମିଳୁଛି । ତେବେ ଏହାକୁ ନେଇ କୌଣସି ଡାକ୍ତରୀ ମତ ସାମନାକୁ ଆସିନାହିଁ ।

# ଶୀତଦିନେ ଏସିର ଯତ୍ନ



ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି ଶୀତ ଋତୁ, ଯେଉଁକାରଣରୁ ଘରମାନଙ୍କରେ ଏସି ବନ୍ଦ ହେବା ଆରମ୍ଭ ହେବ । ହେଲେ ଏସିକୁ କିଛି ମାସ ପାଇଁ ବନ୍ଦ କରିବା ଆଗରୁ କିଛି ଟ୍ରିକକୁ ଆପଣାଇବାକୁ ହୋଇଥାଏ । କିଛି ଲୋକ ବେଳେବେଳେ ଏସିକୁ ସଫା ନକରି ବନ୍ଦ କରିଦେଇଥାଆନ୍ତି । ହେଲେ ଏହା ଏସି ପାଇଁ ଖୁବ କ୍ଷତିକାରକ ହୋଇଥାଏ । ତେଣୁ ଏସିକୁ ବନ୍ଦ କରିବା ଆଗରୁ ଏହାକୁ ସଫା କରିବାକୁ ଭୁଲନ୍ତୁ ନାହିଁ । ସଫା ନକରିବା ଦ୍ୱାରା ଏହା ଆଗକୁ ଚାଲିବାରେ ସମସ୍ୟା ଉପୁଜିଥାଏ । ତେଣୁ ଶୀତଦିନେ ଏସି ବନ୍ଦ କରିବା ଆଗରୁ ଏହାର ମେଣ୍ଟେନାସ ଜରୁରୀ ହୋଇଥାଏ । ପ୍ରଥମେ ମେନ୍‌ସୁଇଚ ପ୍ଲକରୁ ଏସିକୁ ଡିସକନେକ୍ଟ କରନ୍ତୁ । ଏୟାର ଫିଲ୍ଟରକୁ ସଫା କରନ୍ତୁ । ଡ୍ରେନ ପାଇପ ତଥା ଟ୍ରେରେ ଯମା ହୋଇଥିବା ପାଣିକୁ କାଢନ୍ତୁ । ଏସି କଭର ତଥା ଗ୍ରୀଲ୍ସକୁ ମଧ୍ୟ ସଫା କରନ୍ତୁ । ଆଉଟପୁଟ ୟୁନିଟ ଚେକ କରିବା ସହିତ ରିମୋଟରୁ ବ୍ୟାଟେରୀ କାଢି ଦିଅନ୍ତୁ । ବିଶେଷଭାବେ ବନ୍ଦ କରାଇବା ଆଗରୁ ସର୍ଭିସିଂ କରାଇ ନିଅନ୍ତୁ ।

## ସୋସିଆଲ କୋଟ୍ସ



"ଯେତେବେଳେ ଅଷ୍ଟ୍ରେଲିଆ ପହଞ୍ଚିଥିଲି ସେତେବେଳେ ଲୋକମାନେ ବିଭିନ୍ନ ନାମରେ ଜାଣିଥିଲେ । ଲୋକମାନେ ସେତେବେଳେ କହିଥିଲେ ନୂଆ ଡ୍ରାଇଭର ଆସିଗଲା । ଏପରିକି ଲୋକମାନେ ସଫାଇ କର୍ମଚାରୀ ମଧ୍ୟ ସମ୍ବୋଧନ କରିଛନ୍ତି ।
ଦିଲଜିତ ଦୋସାଞ୍ଜା, ସିଙ୍ଗର



"କାଷ୍ଟିଂ କାଉଚ ସବୁସ୍ଥାନରେ ଅଛି । ମୋ ସହିତ ଯେତେବେଳେ ଏହା ହୋଇଥିଲା ସେତେବେଳେ ମୁଁ ମାତ୍ର ୧୭ ବର୍ଷର ହୋଇଥିଲି । ସେହି ସମୟରେ ମୋତେ ଖୁବ ଅସହଜ ମନେ ହୋଇଥିଲା । ସେହି ସ୍ଥାନରୁ ମୁଁ ଉଠି ଚାଲିଯାଇଥିଲି ।
ମଦାଲସା, ଅଭିନେତ୍ରୀ



"ପୁରସ୍କାର ପାଇଁ କେବେ ବି ଚେଷ୍ଟା କରିନି । ପରିଶ୍ରମ ମୋର ପରିଚୟ । ସବୁବେଳେ ପ୍ରତିଟି ଫିଲ୍ମ ପାଇଁ ପରିଶ୍ରମ କରିଛି ।
ଅଭିଷେକ ବଚ୍ଚନ, ଅଭିନେତା

# ମୂର୍ତ୍ତିକୁ ମାରନ୍ତି ଚାପୁଡା



ଚୀନରେ ଏଭଳି ଅନେକ ପ୍ରଥା ରହିଛି ଯାହା ସାରା ବିଶ୍ୱକୁ ଚକିତ କରିଥାଏ । ଏହି ପ୍ରଥା ଗୁଡିକ ଅନେକ ସମୟରେ ସୋସିଆଲ ମିଡିଆରେ ଭାଇରାଲ ହୋଇଥାଏ । ସେହିକ୍ରମରେ ଏକ ପ୍ରଥା ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ବିଗତ ୫୦୦ ବର୍ଷଧରି ଲୋକମାନେ ଚୀନର ସୋଂଗ ବଂଶର ପୂର୍ବ ଚାନ୍ସଲର କିନ୍ ହୁଇ ଓ ତାଙ୍କ ପତ୍ନୀଙ୍କ ମୂର୍ତ୍ତିକୁ ଚାପୁଡା ମାରୁଛନ୍ତି । ତେବେ ଏହାପଛରେ ଇତିହାସର ଏକ ଘଟଣା ସମ୍ପୃକ୍ତ ରହିଛି । ସୂଚନା ଅନୁସାରେ ୧୨ତମ ଶତାବ୍ଦୀରେ କିନ ହୁଇ ଜେନେରାଲ ୟୁ ଫେଇଙ୍କ ଉପରେ ରାଜଦ୍ରୋହର ମିଛ ମାମଲା ରୁଜୁ କରିଥିଲେ, ଯାହାଫଳରେ ତାଙ୍କୁ ଫାଶୀ ଦିଆଯାଇଥିଲା । ଯାହାପରେ କିନ୍ ହୁଇଙ୍କୁ ସମସ୍ତେ ଘୃଣା କରିବାକୁ ଲାଗିଥିଲେ । ହାଙ୍ଗଝୋଉ ସହରରେ ଜନରଲ ୟୁ ଫେଇଙ୍କ ସମାଧୀ ସାମନାରେ ଉଭୟଙ୍କ ମୂର୍ତ୍ତି ନିର୍ମାଣ କରାଯାଇଛି । ମୂର୍ତ୍ତିରେ ଉଭୟ ନିଜର ଆଣ୍ଠୁ ଭାଙ୍ଗି ବସିବା ସହିତ ସେମାନଙ୍କର ହାତ ପଛପଟେ ବନ୍ଧା ଯାଇଛି । ଲୋକମାନେ ପ୍ରତିଦିନ ତାଙ୍କୁ ଚାପୁଡା ମାରିଥାଆନ୍ତି ।



୧୮୮୯- ପ୍ରସିଦ୍ଧ ଭାରତୀୟ ବିଦ୍ୱାନ, ସମାଜବାଦୀ ନେତା, ବିଚାରକ, ଶିକ୍ଷାବିତ୍ ନରେନ୍ଦ୍ର ଦେବଙ୍କ ଜନ୍ମ ।
୧୯୦୫- ଆମେରିକାରେ ସେଣ୍ଟ୍ ପିଟର୍ସବର୍ଗରେ କ୍ରାନ୍ତିକାରୀ ପ୍ରଦର୍ଶନ ।
୧୯୧୪- ତୁର୍କୀ ବିରୋଧରେ ଯୁଦ୍ଧ ଘୋଷଣା କଲା ବ୍ରିଟେନ୍ ।
୧୯୪୩- ଭାରତୀୟ ବୈଜ୍ଞାନିକ ଏବଂ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଜି. ମାଧବନ ନାୟରଙ୍କ ଜନ୍ମ ।
୧୯୫୩- ବେଲଜିଅମ୍‌ରେ ଟେଲିଭିଜନ୍‌ର ପ୍ରସାରଣ ଆରମ୍ଭ ।
୧୯୭୦- ବେଙ୍ଗଲରେ ବାତ୍ୟା କାରଣରୁ ପ୍ରାୟ ୧୦ ହଜାର ଲୋକଙ୍କ ମୃତ୍ୟୁ ।
୧୯୮୪- ଭାରତର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କ ଅଙ୍ଗରକ୍ଷକ ଦ୍ୱାରା ଗୁଳି କରି ହତ୍ୟା । ଇନ୍ଦିରାଙ୍କ ପରେ ରାଜୀବ ଗାନ୍ଧୀ ଭାରତର ନବମ ପ୍ରଧାନମନ୍ତ୍ରୀ ହେଲେ ।

# ଫ୍ୟାନ୍‌ଙ୍କ ଟାର୍ଗେଟରେ ମେକର୍ସ

ଦୀପିକାଙ୍କ ଫ୍ୟାନମାନେ ବର୍ତ୍ତମାନ ଖୁବ ରାଗିଛନ୍ତି । ତେବେ ଏହି ରାଗ ଦୀପିକା ନୁହେଁ ବରଂ କଳ୍କି ୨୮୯୮ ଏଡ୍‌ର ମେକର୍ସଙ୍କ ଉପରେ । କାରଣ ସୂଚନା ଅନୁସାରେ ଏହି ଫିଲ୍ମର କ୍ରେଡିଟ୍ ଲିଷ୍ଟରୁ ଦୀପିକାଙ୍କ ନାଁକୁ ମେକର୍ସମାନେ ବାଦ ଦେଇଛନ୍ତି । ଯାହାକୁ ନେଇ ଦୀପିକାଙ୍କ ଫ୍ୟାନମାନେ ବର୍ତ୍ତମାନ ନିଜର ଅସନ୍ତୋଷ ଦେଖାଇବାରେ ଲାଗିଛନ୍ତି । କଳ୍କିର ସିକ୍ୟୁଏଲରୁ କାର୍ଯ୍ୟ କରିବାର ସମୟକୁ ନେଇ ଦୀପିକାଙ୍କୁ ବାଦ ଦିଆଯାଇଥିଲା । ଦୀପିକା ନୂଆନୂଆ ମା' ହୋଇଥିବାରୁ ଆଠ ଘଣ୍ଟାର କାର୍ଯ୍ୟ ସମୟ ଦାବି କରିଥିଲେ । ହେଲେ ମେକର୍ସ ଏହାକୁ ଗ୍ରହଣ ନକରି ଦୀପିକାଙ୍କୁ ପ୍ରୋଜେକ୍ଟରୁ ବାଦ ଦେଇଥିଲେ । ହେଲେ ଏହାପରେ କ୍ରେଡିଟ ଲିଷ୍ଟରୁ ନାଁ ହଟାଇବା ଫ୍ୟାନମାନେ ଗ୍ରହଣ କରିପାରୁନାହାନ୍ତି । ଦୀପିକା ଉକ୍ତ ଫିଲ୍ମରେ ଏକ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲେ ତେଣୁ ତାଙ୍କର କ୍ରେଡିଟ ଲିଷ୍ଟରୁ ନାଁ ହଟାଇବା ତାଙ୍କ ପାଇଁ ଏକ ଅପମାନ ବୋଲି ଫ୍ୟାନମାନେ ମତ ଦେବାରେ ଲାଗିଛନ୍ତି । ତେବେ ସେପଟେ କିନ୍ତୁ କିଛି ଓଟିଟି ପ୍ଲାଟଫର୍ମରେ ଥିବା ଫିଲ୍ମର କ୍ରେଡିଟ ଲିଷ୍ଟରେ ଦୀପିକାଙ୍କ ନାଁ ରହିଛି, ହେଲେ କିଛି ଓଟିଟି ପ୍ଲାଟଫର୍ମରେ ଥିବା ସଂସ୍କରଣରେ ତାଙ୍କ ନାଁ ନାହିଁ । ତେଣୁ ଏହା ଜାଣିଶୁଣି କରାଯାଇଥିବା ନେଇ ଫ୍ୟାନମାନେ ଅଭିଯୋଗ କରିବା ସହିତ ଏହାକୁ ନେଇ ଖୁବ ଆଲୋଚନା କରୁଛନ୍ତି ।

STATUE OF UNITY
एक भारत, श्रेष्ठ भारत

# ଏକତା ଦିବସ

**୩୧ ଅକ୍ଟୋବର**

सत्यमेव जयते
Government of India

## ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଙ୍କ 150ତମ ଜୟନ୍ତୀ ଅବସରରେ କୃତଜ୍ଞ ରାଷ୍ଟ୍ରର ଶତ ଶତ ପ୍ରଣାମ



ପ୍ରଧାନମନ୍ତ୍ରୀ

**ଶ୍ରୀ ନରେନ୍ଦ୍ର ମୋଦୀ**

ଭାରତର ଲୌହ ପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ସ୍ମୃତିରେ ରାଷ୍ଟ୍ରକୁ ସମ୍ବୋଧିତ କରିବେ

ଏହି ଏକତା ଦିବସ ଉପଲକ୍ଷେ, ଆସନ୍ତୁ ନିଜ ଜିଲ୍ଲାରେ ହେଉଥିବା ରନ୍ ଫର୍ ୟୁନିଟି କାର୍ଯ୍ୟକ୍ରମରେ ଅଧିକ ସଂଖ୍ୟାରେ ଭାଗ ନେବା ଏବଂ ଏକ ଭାରତ ଶ୍ରେଷ୍ଠ ଭାରତ ଭାବନାକୁ ଆହୁରି ମଜବୁତ କରିବା

### ଏକତା ଦିବସ କାର୍ଯ୍ୟକ୍ରମ

- ଏକତା ପରେଡ୍
- ବ୍ରାସ୍ ବ୍ୟାଣ୍ଡ ପ୍ରଦର୍ଶନ
- ଘୋଡ଼ା, ଶ୍ୱାନ ଏବଂ ଓଟ ସୈନ୍ୟଦଳ
- ମହିଳା କଳାକାରଙ୍କ ଦ୍ୱାରା ପ୍ରଦର୍ଶନ
- ବିଏସଏଫ ଡଗ୍ ଶୋ (ସ୍ୱଦେଶୀ ପ୍ରଜାତି)
- ଡେୟାରଡେଭିଲ୍ ରାଇଡର୍ସର ପ୍ରଦର୍ଶନ
- ସ୍କୁଲ୍ ବ୍ୟାଣ୍ଡର ପ୍ରସ୍ତୁତି
- ଭାରତୀୟ ବାୟୁ ସେନା ଦ୍ୱାରା ଏୟାର ଶୋ'
- ''ଲୌହ ପୁରୁଷ'' - ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୀବନୀ ଉପରେ ଆଧାରିତ ଏକ ନାଟ୍ୟ ପ୍ରସ୍ତୁତି
- ଏକତା ପ୍ରକାଶ ଉତ୍ସବର ଆୟୋଜନ
- ଭାରତ ପର୍ବ ଅନ୍ତର୍ଗତ ୧ ରୁ ୧୫ ନଭେମ୍ବର ପର୍ଯ୍ୟନ୍ତ ରାଜ୍ୟସ୍ତରରେ ପ୍ରଦର୍ଶନୀ



"ଦେଶକୁ ଏକତା ସୂତ୍ରରେ ବାନ୍ଧିବାରେ ସର୍ଦ୍ଦାର ପଟେଲଙ୍କ ଅମୂଲ୍ୟ ଯୋଗଦାନକୁ ରାଷ୍ଟ୍ରୀୟ ଏକତା ଦିବସ ସମ୍ମାନ ଜଣାଉଛି । ଆସନ୍ତୁ, ଏହି ଦିନ ଆମେ ଆମ ସମାଜରେ ଏକତାର ବନ୍ଧନକୁ ଆହୁରି ମଜବୁତ କରିବା ।"

- ନରେନ୍ଦ୍ର ମୋଦୀ

CBC 19101/13/0022/2526

**ତାରିଖ :** ଶୁକ୍ରବାର, ୩୧ ଅକ୍ଟୋବର ୨୦୨୫ | **ସ୍ଥାନ :** ପରେଡ୍ ଗ୍ରାଉଣ୍ଡ,ଷ୍ଟାଚ୍ୟୁ ଅଫ୍ ୟୁନିଟି, ଏକତା ନଗର, ଗୁଜରାଟ | **ସମୟ :** ସକାଳ 7ଟାରୁ

ଡିଡି ନ୍ୟୁଜରେ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯିବ



ଲୋକସେବା ଭବନ ଠାରେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶ୍ରୀମତୀ ସୋଭନା ମହାନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ।

## ଦେଶୀ ମଦ କାରବାର ଅଭିଯୋଗରେ ଜଣେ ଗିରଫ

ପୁରୀ, (ସବ୍ୟୁ): ବେଆଇନ ରୂପେ ଦେଶୀମଦ କାରବାର କରିବା ଅଭିଯୋଗରେ ବାସେଳୀସାହି ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତର ପରିଚୟ ମଙ୍ଗଳାଘାଟ ଶ୍ରଦ୍ଧାବିହାରର ବାପି ବେହେରା (୩୯) ଅଟେ । ଅଭିଯୁକ୍ତ ନିକଟରୁ ୧୫ ଲିଟର ଦେଶୀମଦ ଜବତ କରିଛି ପୁଲିସ । ପୁଲିସ ସୂଚନା ମୁତାବକ ଗତ ବୁଧବାର ପୁଲିସ ପକ୍ଷରୁ ସନ୍ଧ୍ୟା ପାଟ୍ରୋଲିଂ କରାଯାଉଥିବା ବେଳେ ଅଭିଯୁକ୍ତ ଘର ପଛପଟେ ଦେଶୀମଦ କାରବାର କରୁଥିବା ନେଇ ପୁଲିସ ବିଶେଷ ସୂତ୍ରରୁ ଜାଣିବାକୁ ପାଇଥିଲା । ପରେ ଘଟଣା ସ୍ଥଳରେ ପୁଲିସ ଚଢ଼ାଉ କରି ଅଭିଯୁକ୍ତକୁ ଗିରଫ କରିବା ସହ ଦେଶୀମଦ ଜବତ କରିଥିଲା । ବେଆଇନ ଦେଶୀମଦ କାରବାର କରିବା ଅଭିଯୋଗରେ ଅଭିଯୁକ୍ତ ବିରୁଦ୍ଧରେ ୨୩୬/୨୦୨୫ ନମ୍ବର ମାମଲା ରୁଜୁ କରାଯାଇ ଗୁରୁବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିଲା ।

## ନଭେମ୍ବର ପହିଲାରୁ ସୁଭଦ୍ରା ଶକ୍ତି ମେଳା
# ପ୍ରଦର୍ଶନୀ ପଡିଆରେ ପ୍ରଦର୍ଶିତ ହେବ ବିଭିନ୍ନ ରାଜ୍ୟର ଉତ୍ପାଦ




ଭୁବନେଶ୍ୱର, (ସବ୍ୟୁ): ନଭେମ୍ବର ପହିଲାରୁ ୧୨ ତାରିଖ ପର୍ଯ୍ୟନ୍ତ ସୁଭଦ୍ରା ଶକ୍ତି ମେଳା ଇଡ଼କୋ ପ୍ରଦର୍ଶନୀ ପଡିଆରେ ଆୟୋଜିତ ହେବ । ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ସ୍ଥାନୀୟ ମିଶନ ଶକ୍ତି ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ, ନାରୀମାନେ ଆଜି ପ୍ରତ୍ୟେକ କ୍ଷେତ୍ରରେ ନିଜ ସାମର୍ଥ୍ୟ, ସୃଜନଶୀଳତା ଓ ଉଦ୍ୟୋଗୀତାର ପରିଚୟ ଦେଉଛନ୍ତି। ଏହି ଅପ୍ରତିମ ନାରୀ ଶକ୍ତିକୁ ସମ୍ମାନ ଜଣାଇ ମିଶନ ଶକ୍ତି ବିଭାଗ ଆୟୋଜନ କରୁଛି "ସୁଭଦ୍ରା ଶକ୍ତି ମେଳା-୨୦୨୫"। ଆସନ୍ତା ୧ ରୁ ୧୨ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ଭୁବନେଶ୍ୱରର ୟୁନିଟ୍-୩ ସ୍ଥିତ ଇଡ଼କୋ ପ୍ରଦର୍ଶନୀ ପଡିଆରେ ସୁଭଦ୍ରା ଶକ୍ତି ମେଳା, ୨୦୨୫-୨୬ ଅନୁଷ୍ଠିତ ହେବ।

ଏହି ମେଳାରେ ରାଜ୍ୟର ସମସ୍ତ ଜିଲ୍ଲାରୁ ୩୦୦ରୁ ଊର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଭାଗନେଇ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ପ୍ରଦର୍ଶନ ଓ ବିପଣନ କରିବେ। ଏହି ମେଳାରେ ୫୦ଟି ଖାଦ୍ୟ ଷ୍ଟଲର ବ୍ୟବସ୍ଥା ରହିଛି। ଦେଶର ୧୧ଟି ଅନ୍ୟାନ୍ୟ ରାଜ୍ୟ ଯଥା ପଞ୍ଜାବ, ଝାଡଖଣ୍ଡ, ଆନ୍ଧ୍ର ପ୍ରଦେଶ, ବିହାର, ଆସାମ, ପଶ୍ଚିମ ବଙ୍ଗ, ଛତିଶଗଡ, ଗୁଜୁରାଟ, ତେଲେଙ୍ଗାନା, ମଧ୍ୟ ପ୍ରଦେଶ ଏବଂ ଗୋଆରୁ ନିମନ୍ତ୍ରିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କ ରାଜ୍ୟର ଉତ୍କୃଷ୍ଟ ଉତ୍ପାଦ ପ୍ରଦର୍ଶନ କରିବେ। ଏହି ମେଳା କେବଳ କ୍ରୟ ବିକ୍ରୟର ମଞ୍ଚ ନୁହେଁ, ବରଂ ନାରୀମାନଙ୍କର ଆତ୍ମବିଶ୍ୱାସ, ସଫଳତା ଓ ସାମାଜିକ ସଶକ୍ତିକରଣର ଏକ ଉଜ୍ଜ୍ୱଳ ପ୍ରତୀକ। ଏହି ମେଳାରେ ବିବିଧ ହସ୍ତତନ୍ତ, ହସ୍ତଶିଳ୍ପ, ଖାଦ୍ୟ ଓ ଅଣ କାଷ୍ଠ ଜଙ୍ଗଲ ଉତ୍ପାଦ ପ୍ରଦର୍ଶିତ ହେବ। ପରିଦର୍ଶକ ଅତିଥିମାନେ ଏଠାରେ ଲୁଗାପଟା, ଖାଦ୍ୟଶସ୍ୟ, ଗୃହ ସାଜସଜ୍ଜା ଓ ଘରକରଣା ଜିନିଷର ଅପୂର୍ବ ସମ୍ଭାର କିଣିପାରିବେ। ଏହା ମହିଳା ଉଦ୍ୟୋଗୀମାନଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ, ଯେଉଁଠାରେ ସେମାନେ ନିଜର ଉତ୍ପାଦକୁ ବିଶାଳ ବଜାରରେ ପ୍ରଦର୍ଶନ କରି ନୂତନ ଗ୍ରାହକ ଓ ସମ୍ଭାବନାର ଦ୍ୱାର ଖୋଲିବେ। ୧୨ ଦିନର ଧରି ଚାଲିବାକୁ ଥିବା ଏହି ମେଳାରେ ଦର୍ଶକମାନେ ଅନୁଭବ କରିବେ ଓଡ଼ିଶାର ସଂସ୍କୃତି, ନାରୀ ଶକ୍ତି ଓ ପାରମ୍ପରିକ ସ୍ୱାଦର ଅନୁପମ ସଂଗମ। ଏହି ଅବସରରେ ବିଭାଗୀୟ ଶାସନ ସଚିବ ଗିରିଶ ଏସ.ଏନ, ନିର୍ଦ୍ଦେଶକା ଡଃ ମୋନିକା ପ୍ରିୟଦର୍ଶିନୀ, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱାଭାବିକ ହେଲା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି

ଭୁବନେଶ୍ୱର, (ସବ୍ୟୁ) : ୨୪ଘଣ୍ଟା ପ୍ରଭୁ ଶ୍ରୀଲିଙ୍ଗରାଜ ଖାଡା ଉପବାସ ରହିବା ପରେ ଗୁରୁବାର ମଧ୍ୟାହ୍ନ ପୂର୍ବରୁ ନୀତିକାନ୍ତି ସ୍ୱାଭାବିକ ହୋଇଛି । ସମର୍ଥା ନିଯୋଗ ସେବାୟତଙ୍କ ଅଭିମାନ ପାଇଁ ଏପରି ଘଟଣା ଘଟିଥିଲା । ଟ୍ରଷ୍ଟବୋର୍ଡ ବୁଝାସୁଝା କରିବା ପରେ ନୀତିକାନ୍ତି ସ୍ୱାଭାବିକ ହୋଇଛି । ଏପରି ବିଭ୍ରାଟର ସ୍ଥାୟୀ ସମାଧାନ ପାଇଁ ଉଦ୍ୟମ କରାଯିବ ବୋଲି ଟ୍ରଷ୍ଟବୋର୍ଡ ସୂତ୍ରରୁ ସୂଚନା ମିଳିଛି । ଛତିସାନିଯୋଗ ସେବାୟତଙ୍କ ଅଭିମାନ ପାଇଁ ବୁଧବାର ଦିନ ଓ ରାତି ତମାମ୍ ପ୍ରଭୁ ଶ୍ରୀ ଲିଙ୍ଗରାଜ ଉପବାସ ରହିଲେ । ଶ୍ରଦ୍ଧାଳୁମାନେ ମଧ୍ୟ ଠାକୁରଙ୍କ ପ୍ରସାଦ ପାଇବାରୁ ବଞ୍ଚିତ ହେଲେ । ବିଧି ଅନୁଯାୟୀ ବୁଧବାର ରାଧା ଦାମୋଦର ବେଶ୍ ଠାକୁରଙ୍କ ହେବା କଥା । ନୀତି ବିଭ୍ରାଟ ପାଇଁ ତାହା ହୋଇପାରିଲା ନାହିଁ କିମ୍ବା କାତ୍ତିକ ମାସରେ ଶ୍ରଦ୍ଧାଳୁମାନେ ଠାକୁରଙ୍କ ପ୍ରସାଦ ପାଇପାରିଲେ ନାହିଁ ।

ଗୁରୁବାର ଏହି ସମସ୍ୟା ଉପରେ ଟ୍ରଷ୍ଟବୋର୍ଡ ହସ୍ତକ୍ଷେପ କରି ସମର୍ଥା ନିଯୋଗ ସେବାୟତଙ୍କୁ ବୁଝାସୁଝା କରିବା ପରେ ନୀତିକାନ୍ତି ସ୍ୱାଭାବିକ ହୋଇଛି । ଛତିଶାନିଯୋଗ ମଧ୍ୟରେ ସମନ୍ୱୟ ଅଭାବରୁ ବାରମ୍ବାର ଏପରି ଘଟଣା ଘଟୁଛି । ଟ୍ରଷ୍ଟବୋର୍ଡ ଦୃଢ ଭାବେ ହସ୍ତକ୍ଷେପ କରି ସେମାନଙ୍କ ମଧ୍ୟରେ ସମନ୍ୱୟ କିପରି ରହିବ ତାହା ଉପରେ କାର୍ଯ୍ୟକଲେ ସବୁ ଠିକ୍ ହେବ ବୋଲି ଶ୍ରଦ୍ଧାଳୁମାନେ ମତ ଦେଇଛନ୍ତି । ସରକାର ଓ ଟ୍ରଷ୍ଟବୋର୍ଡ କେବଳ ଠାକୁରଙ୍କ ହୁଣ୍ଡି ଉପରେ ନଜର ରଖୁଥିବାରୁ ଛତିଶାନିଯୋଗ ମଧ୍ୟରେ ସମନ୍ୱୟର ଅଭାବ ରହୁଛି । ଯାହା ଫଳରେ ବାରମ୍ବାର ବିଭ୍ରାଟ ପରିଲକ୍ଷିତ ହେଉଛି । ବିଭ୍ରାଟ ଯୋଗୁ ଠାକୁରଙ୍କ ନୀତିକାନ୍ତି ବନ୍ଦ ରହିଫା ଫଳରେ ବାହାରୁ ଆସୁଥିବା ପର୍ଯ୍ୟଟକମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି । ଯାହାଦ୍ୱାରା ରାଜ୍ୟର ସମ୍ମାନ ହାନି ହେଉଛି ।

## ଏସ୍‌ସିବି ମେଡିକାଲ ଆଉଟଡୋର୍‌ରେ ରହିବ ଅଲଟ୍ରାସାଉଣ୍ଡ ବ୍ୟବସ୍ଥା

କଟକ(ସବ୍ୟୁ): ଏସ୍‌ସିବି ମେଡିକାଲରେ ସ୍ୱାସ୍ଥ୍ୟସେବାକୁ ସରଳୀକରଣ କରିବା ନିମନ୍ତେ କର୍ତ୍ତୃପକ୍ଷ ଉଦ୍ୟମ କରିଛନ୍ତି । ଆଗକୁ ଆଉଟଡୋର୍‌ରେ ରୋଗୀଙ୍କ ନିମନ୍ତେ ଅଲଟ୍ରାସାଉଣ୍ଡ ବ୍ୟବସ୍ଥା କରାଯିବ ବୋଲି ଜଣାପଡ଼ିଛି । ରୋଗୀ ଯେପରି ଅଲଟ୍ରାସାଉଣ୍ଡ ପାଇଁ ଘଣ୍ଟାଘଣ୍ଟା ଅପେକ୍ଷା ନ କରନ୍ତି ତାହାକୁ ନଜରରେ ରଖି ଏଭଳି କିଛି ମେଡିକାଲ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି । ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ସ୍ଥିର କରାଯାଇଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି । ପ୍ରକାଶଯୋଗ୍ୟ, ଏସ୍‌ସିବି ମେଡିକାଲର ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗ, ଆଞ୍ଚଳିକ ନିଦାନ କେନ୍ଦ୍ର, ରେଡିଓଲୋଜି ଓ ରଞ୍ଜନରଶ୍ମୀ ବିଭାଗରେ ଅଲଟ୍ରାସାଉଣ୍ଡ ବ୍ୟବସ୍ଥା କାର୍ଯ୍ୟ କରି ଆସୁଛି । ରୋଗୀ ଗୋଟିଏ ସ୍ଥାନରେ ଡାକ୍ତର ଦେଖାଇ ଅନ୍ୟ ସ୍ଥାନରେ ଯାଇ ଅଲଟ୍ରାସାଉଣ୍ଡ କରାଇବାକୁ ଧାଡି ଲଗାଇଥାନ୍ତି । ଯାହାଦ୍ୱାରା ରୋଗୀ ଗୋଟିଏ ଦିନରେ ଡାକ୍ତର ଦେଖାଇ ପରୀକ୍ଷା କରାଇବା ସମ୍ଭବପର ହୋଇ ନଥାଏ ।

# ସ୍କୁଟି ଡିକି ଭାଙ୍ଗି ଲୁଟିନେଲେ ୧୦ଲକ୍ଷ ଟଙ୍କା

ଚୌଦ୍ୱାର,(ସ.ବ୍ୟୁ.) : ଟାଙ୍ଗୀ ଥାନା ଅନ୍ତର୍ଗତ ନପଙ୍ଗ ପଂଚାୟତର କୋରକୋର ଗ୍ରାମର ଜନୈକ ବ୍ୟକ୍ତିଙ୍କ ସ୍କୁଟି ଡିକି ଭାଙ୍ଗି କେହି ଦୁର୍ବୃତ୍ତ ୧୦ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଥିବା ଜଣାପଡ଼ିଛି । କୋରକୋର ଗ୍ରାମର ରବିନ୍ଦ୍ର ତ୍ରିପାଠୀ ଟାଙ୍ଗୀସ୍ଥିତ ଡ୍ରିମସ୍ ଛକ ନିକଟସ୍ଥ ଷ୍ଟେଟ ବ୍ୟାଙ୍କରୁ ୧୦ଲକ୍ଷ ଟଙ୍କା ଉଠାଇବା ସହ ନିଜ ସ୍କୁଟି ଡିକିରେ ରଖି ଘରକୁ ଫେରିଥିଲେ । ଘରେ ପହଂଚିବା ପରେ ଶ୍ରୀ ତ୍ରିପାଠୀଙ୍କୁ ଏକ ଫୋନ୍ କଲ ଆସିବାରୁ ସେ ଅନ୍ୟମନସ୍କ ହୋଇ ଘର ଭିତରକୁ ଚାଲିଯାଇଥିଲେ । ଏହି ସମୟରେ ଦୁଇଟି ବାଇକ୍‌ରେ ୪ ଜଣ ଦୁର୍ବୃତ୍ତ ସେଠାରେ ପହଂଚି ତାଙ୍କ ସ୍କୁଟି ଡିକି ଭାଙ୍ଗି ସମସ୍ତ ଟଙ୍କାକୁ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ରବିନ୍ଦ୍ର ସଙ୍ଗେ ସଙ୍ଗେ ଏ ସମ୍ପର୍କରେ ଟାଙ୍ଗୀ ଥାନାକୁ ଖବର ଦେବା ପରେ ଟାଙ୍ଗୀ ଥାନା ଅଧିକାରୀ ଦାୟିତ୍ୱରେ ଥିବା ବିକାଶ କୁମାର ସେଠୀଙ୍କ ସହ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ ଘଟଣାସ୍ଥଳରେ ପହଂଚି ତଦନ୍ତ କରିବା ସହ ବ୍ୟାଙ୍କରେ ଲାଗିଥିବା ସିସିଟିଭି ଫୁଟେଜ୍ ଓ ଅଂଚଳରେ ଲାଗିଥିବା ସିସିଟିଭି ଫୁଟେଜ୍ ଆଧାରରେ ଯଥାଶୀଘ୍ର ଦୁର୍ବୃତ୍ତ ମାନଙ୍କୁ ଗିରଫ୍ କରାଯିବ ବୋଲି ପ୍ରକାଶ କରିଛନ୍ତି ।

## ଶଙ୍କର୍ଷଣ ପରିଡାଙ୍କ ବିୟୋଗରେ 'ସମୟ'ର ମୁଖ୍ୟ ସମ୍ପାଦକଙ୍କ ଶୋକ

ଭୁବନେଶ୍ୱର (ସବ୍ୟୁ): କବି ଶଙ୍କର୍ଷଣ ପରିଡାଙ୍କ ବିୟୋଗରେ 'ସମୟ ' ର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ଗଭୀର ଶୋକ ପ୍ରକାଶ କରି କହିଛନ୍ତି ଯେ ସେ ଜଣେ ସ୍ପଷ୍ଟବାଦୀ ରାଜନେତା, ସଂସ୍କାରବାଦୀ କବି ଓ ସୁବକ୍ତା ଥିଲେ। ତାଙ୍କର ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସେ ଗଭୀର ସମବେଦନା ଜ୍ଞାପନ କରିଛନ୍ତି।

# ଶଙ୍କର୍ଷଣ ପରିଡାଙ୍କ ପରଲୋକ
# ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର (ସବ୍ୟୁ): ବରିଷ୍ଠ ବିଜେପି ନେତା ତଥା କବି ଶଙ୍କର୍ଷଣ ପରିଡାଙ୍କ ପରଲୋକ ହୋଇଯାଇଛି। ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ତାଙ୍କ ଝିଅ ସୋସିଆଲମିଡ଼ିଆରେ ସୂଚନା ଦେଇଛନ୍ତି। ସେ ଦୀର୍ଘଦିନ ଫୁସ୍‌ଫୁସ୍ କର୍କଟ ରୋଗରେ ପୀଡିତ ଥିଲେ।

ଶଙ୍କର୍ଷଣଙ୍କ ଚିକିତ୍ସା ପ୍ରଥମେ ମୁମ୍ବାଇରେ ଚାଲିଥିଲା। ଏହାପରେ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପୁଣି ଖରାପ ହେବାକୁ ଏମ୍ସ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା। ମାସ ମାସ ଧରି ଚିକିତ୍ସା ସତ୍ତ୍ୱେ ବି ସେ ମୃତ୍ୟୁବରଣ କରିଛନ୍ତି। ସେ ଜଣେ ରାଜନେତା ଓ ସାହିତ୍ୟିକ ଭାବେ ବେଶ ପରିଚିତ ଥିଲେ। ପୁରୀ ଜିଲ୍ଲାପରିଷଦ ସଭାପତି ଭାବେ କାର୍ଯ୍ୟ କରିଥିଲେ। ତୃଣମୂଳସ୍ତରରେ ବିକାଶ ଏବଂ ଜନକଲ୍ୟାଣ ପାଇଁ ନିଜ ପ୍ରୟାସ ଜାରି ରଖିଥିଲେ । ତାଙ୍କର କବିତା ଓ କାହାଣି ବେଶ୍ ପାଠକୀୟ ଆଦୃତ ଲାଭ କରିଥିଲା। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକବ୍ୟକ୍ତ କରିଛନ୍ତି। ସୋସିଆଲ ମିଡ଼ିଆରେ ସେ ଉଲ୍ଲେଖ କରିଛନ୍ତି ଯେ, ଶଙ୍କର୍ଷଣ ପରିଡାଙ୍କ ବିୟୋଗ ଖବର ଶୁଣି ସେ ଦୁଃଖିତ ଓ ମର୍ମାହତ। ତାଙ୍କର ଦେହାନ୍ତ ଓଡ଼ିଶା ରାଜନୀତି ଓ ସାହିତ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି। ତାଙ୍କର ଆଦର୍ଶ, କର୍ତ୍ତବ୍ୟ ନିଷ୍ଠା ଓ ସମାଜ ପ୍ରତି ଥିବା ଉତ୍ସର୍ଗୀକୃତ ଭାବନା ପାଇଁ ଚିରସ୍ମରଣୀୟ ହୋଇ ରହିବେ। ଏହି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଉଛି। ମହାପ୍ରଭୁ ଶ୍ରୀ ଜଗନ୍ନାଥ ତାଙ୍କର ଅମରଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ।

# ଧଉଳିରେ ଅର୍ଟିଷ୍ଟ ମିଟ୍ କାର୍ଯ୍ୟକ୍ରମ



ଭୁବନେଶ୍ୱର, (ସବ୍ୟୁ): ଶାନ୍ତିସ୍ତୁପ ନିକଟସ୍ଥ ଧଉଳି ଚାରୁକଳା ମହାବିଦ୍ୟାଳୟ ପରିସରରେ ଆର୍ଟିଷ୍ଟ୍ ମିଟ୍ କାର୍ଯ୍ୟକ୍ରମରେ ବିଶିଷ୍ଟ ପଟ୍ଟଚିତ୍ର ଶିଳ୍ପୀ ବିଜୟ ପରିଡ଼ାଙ୍କ ସହ ସାକ୍ଷାତ ସହିତ ଉଦ୍‌ଘାଟିତ ହୋଇଯାଇଛି ଓଡ଼ିଶାର ପାରମ୍ପାରିକ ପଟ୍ଟଚିତ୍ର ଶିଳ୍ପୀ ଶିବିର। ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ ଶିଳ୍ପୀଗୁରୁ ବିଜୟ କୁମାର ପରିଡ଼ା ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଚିତ୍ରଶିଳ୍ପୀ ଡ. ପଞ୍ଚାନନ୍ ସାମଲ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍ଘାଟନ କରିଥିଲେ। ଓଡ଼ିଶାର ପାରମ୍ପାରିକ ପଟ୍ଟଚିତ୍ର ଆମର ପରିଚିତି ଏବଂ ଶ୍ରୀଜଗନ୍ନାଥ ସଂସ୍କୃତିର ବାର୍ତ୍ତାବହ, ଏହା ଶିଳ୍ପୀଙ୍କ ତୂଳୀରେ ନିଖୁଣ ଭାବେ ଚିତ୍ରିତ ହେବା ଆବଶ୍ୟକ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ମହାବିଦ୍ୟାଳୟର ଉପାଧ୍ୟକ୍ଷ ଚନ୍ଦନ କୁମାର ସାମଲ ଏଦିଗରେ ଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶିଳ୍ପୀଙ୍କ ଜୀବନୀ ବିଷୟରେ ପଚାରି ବୁଝିବା ସହିତ ୩୬ ଜଣ ଛାତ୍ରଛାତ୍ରୀ ଏହି ଶିବିରରେ ଅଂଶଗ୍ରହଣ କରି ଶ୍ରୀଜଗନ୍ନାଥଙ୍କ କଥାବସ୍ତୁ, ଛଅ ଋତୁ,କୃଷ୍ଣ ଲୀଳା,ବୋଇତ ବନ୍ଦାଣ ଏବଂ ସାମାଜିକ କଥାବସ୍ତୁକୁ ନେଇ ସୁନ୍ଦର ସୁନ୍ଦର ଚିତ୍ରାଙ୍କନ କରିଥିଲେ। ସୋଫିଆ ୟାସ୍ମିନ ଓ ଲକ୍ଷ୍ମୀଧର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଶିବିର ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଏମ୍ସ କର୍ମଚାରୀ ହତ୍ୟା ମାମଲା
# ମୁଖ୍ୟ ଅଭିଯୁକ୍ତ ବୁଲୁଛି, ପୋଲିସ ଧରୁନାହିଁ

ଭୁବନେଶ୍ୱର, (ସବ୍ୟୁ) : ଏମ୍ସ କର୍ମଚାରୀ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଶିବା ପ୍ରଧାନ ବୁଲୁଥିବା ବେଳେ ଖଣ୍ଡଗିରି ପୋଲିସ ତାକୁ ଜାଣି ଜାଣି ଗିରଫ କରୁନାହିଁ ବୋଲି ପୋଲିସ କମିଶନରଙ୍କୁ ଅଭିଯୋଗ କରିଛନ୍ତି ଏମ୍ସ କର୍ମଚାରୀଙ୍କ ପରିବାର ଲୋକେ ।୨୦ଦିନ ତଳେ ଏମ୍ସ ଠିକା କର୍ମଚାରୀ ସୁଧାଂଶୁ ଖୁଣ୍ଟିଆଙ୍କୁ ଗୋଡାଇ ଗୋଡାଇ ହତ୍ୟା କରିଥିଲେ ଦୁର୍ବୃତ୍ତ । ସେହି ମାମଲାରେ ପୋଲିସ ୪ଜଣ ସହଯୋଗୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଶିବା ଓ ଅନ୍ୟ କେତେଜଣ ଫେରାର୍ ଅଛନ୍ତି । ଶିବା ସୁଧାଂଶୁଙ୍କ ପରିବାରକୁ ହତ୍ୟା ଧମକ ଦେଉଥିବାରୁ ସେମାନେ ଭୟଭୀତ ହୋଇ ଚଳପ୍ରଚଳ ହେଉଥିବା ପୋଲିସ କମିଶନରଙ୍କୁ କହିଛନ୍ତି ।

ପୋଲିସ କମିଶନରଙ୍କୁ ଖଣ୍ଡଗିରି ଥାନା ଅବହେଳା ଓ ମୁଖ୍ୟଅଭିଯୁକ୍ତ ଶିବା ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ କରିବାକୁ ଆସିଥିବା ସୁଧାଂଶୁଙ୍କ ପରିବାର ସଦସ୍ୟ ଗଣମାଧ୍ୟମକୁ ବିସ୍ତୃତ ଭାବେ ସୂଚନା ଦେଇଛନ୍ତି । ସ୍ପଷ୍ଟ ଦିବାଲୋକରେ ହତ୍ୟାକାରୀ ହତ୍ୟା କରିବା ପରେ ଖୁଲମଖୁଲା ବୁଲୁଛି । ତାହା ପୋଲିସ ଜାଣୁଥିଲେ ମଧ୍ୟ କ'ଣ ପାଇଁ ତାକୁ ଗିରଫ କରୁନାହିଁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ସେମାନଙ୍କ କହିବାନୁଯାୟୀ ପୋଲିସ ଶିବା ପ୍ରଧାନକୁ ଆଗୁଆ ଜାମିନ ସୁଯୋଗ ଦେଉଛି । ୪ଜଣ ସହଯୋଗୀଙ୍କୁ ଗିରଫ କରିବା ପରେ ଏସିପି ଓ ଖଣ୍ଡଗିରି ଥାନା ଇନ୍ସପେକଟର ପ୍ରେସ୍‌ମିଟ୍ କରି ସାମ୍ବାଦିକମାନଙ୍କୁ ସୂଚନା ଦେଇଥିଲେ । ମୁଖ୍ୟ ଅଭିଯୁକ୍ତମାନଙ୍କ ସମ୍ପର୍କରେ ପଚାରିବାରୁ ପୋଲିସ ପ୍ରଶ୍ନକୁ ଏଡାଇ ଯାଇଥିଲା । ପୋଲିସ କହିବାନୁଯାୟୀ ସେମାନେ ଫେରାର ଅଛନ୍ତି । ତଦନ୍ତ ଜାରି ରହିଛି, ଖୁବଶୀଘ୍ର ଗିରଫ ହେବେ । ହେଲେ ସୁଧାଂଶୁଙ୍କ ପରିବାର ପୋଲିସ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି । ପୋଲିସ ମୁଖ୍ୟ ଅଭିଯୁକ୍ତ ଶିବା ସମେତ ଅନ୍ୟ କେତେଜଣଙ୍କୁ ଜାଣିଶୁଣି ଗିରଫ କରୁନାହିଁ । ସେମାନେ ଫେରାର ନାହାଁନ୍ତି । ଘର ପାଖରେ ଚଳପ୍ରଚଳ ହେଉଛନ୍ତି ବୋଲି ସୁଧାଂଶୁଙ୍କ ପରିବାର ଅଭିଯୋଗ କରିଛନ୍ତି ।

## ୧୧ ଗ୍ରାମ ବ୍ରାଉନସୁଗର ଜବତ, ଜଣେ ଗିରଫ

ପୁରୀ, (ସବ୍ୟୁ): ବ୍ରାଉନ ସୁଗାର ନିଶା କାରବାର ଅଭିଯୋଗରେ ଟାଉନ ଥାନା ପୁଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି କ୍ଷ ଅଭିଯୁକ୍ତ ଜଣକ ପାରା ନୋଳିଆସାହିର କାଲୁ ଓରଫ ଅବନୀ ରଞ୍ଜନ ନାୟକ (୩୮) । ଅଭିଯୁକ୍ତ ନିକଟରୁ ୧୧. ୨୮ ଗ୍ରାମ ବ୍ରାଉନ ସୁଗାର, ୨ ହଜାର ୮୦୦ ଟଙ୍କା ଓ ଏକ ମୋବାଇଲ ଜବତ କରାଯାଇଛି ।

## ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କବି ଶଙ୍କର୍ଷଣ ପରିଡ଼ାଙ୍କ ବିୟୋଗରେ ଶୋକ

କଟକ, (ସବ୍ୟୁ):ସାରସ୍ୱତ ସ୍ରଷ୍ଟା ଓ ସଂଗଠକ ଶଙ୍କର୍ଷଣ ପରିଡ଼ାଙ୍କ ବିୟୋଗରେ ଓଡ଼ିଶାର ପ୍ରାଚୀନ ସାରସ୍ୱତ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି । କବି ଶ୍ରୀ ପରିଡ଼ାଙ୍କ ବିୟୋଗରେ ଓଡ଼ିଆ ସାହିତ୍ୟ ଜଣେ ପ୍ରତିଶ୍ରୁତିସଂପନ୍ନ ସାହିତ୍ୟ ସାଧକଙ୍କୁ ହରାଇଲା ବୋଲି ଏକ ଶୋକବାର୍ତ୍ତାରେ ଅନୁଷ୍ଠାନର ସଭାପତି ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ, ସଂଗଠନ ସଂପାଦକ ଶଶିକାନ୍ତ ରାଉତ, ପାଠାଗାର ସଂପାଦକ ବ୍ରହ୍ମାନନ୍ଦ ମହାନ୍ତି, କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସଙ୍କ ସମେତ କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ଆଦିତ୍ୟ ପ୍ରତାପ ଧଳ, ବୈଜୟନ୍ତୀମାଳା ଶତପଥୀ, ମୀରା ବେଉରା, ଗାୟତ୍ରୀ ଦେବୀ, ସେନାପତି ପ୍ରଦ୍ୟୁମ୍ନ କେଶରୀ, ଅମିତାଭ ଖିଲାର, ଜେନା ଆଦିତ୍ୟ ପ୍ରତାପ ବାଘସିଂହ, ରଘୁ ସାହୁ, ଧରଣୀଧର ନାଥ, ରାଜକିଶୋର ସ୍ୱାଇଁ ଓ ଗୀତାଞ୍ଜଳି ପୃଷ୍ଟି ଜଣାଇଛନ୍ତି ।

## କାହା ସ୍ୱାର୍ଥରେ ବର୍ଷାରେ ହେଉଛି ପିଚୁରାସ୍ତା ନିର୍ମାଣ
# ପୂର୍ତ୍ତବିଭାଗର ଖାମଖିଆଲି ପାଇଁ ସମସ୍ୟାରେ ଜନସାଧାରଣ

ଜଟଣୀ, (ସବ୍ୟୁ) : ଦୃଢ ନେତୃତ୍ୱ ବିହୀନ ଜଟଣୀ ସହରରେ ପୂର୍ତ୍ତବିଭାଗ ଏକପ୍ରକାର ମନୋମୁଖୀ ଓ ଖାମଖିଆଲି କାର୍ଯ୍ୟଧାରା ପାଇଁ ଜନସାଧାରଣ ଓ ମୋଟର ସାଇକେଲ ଆରୋହୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ବିଭାଗ ପକ୍ଷରୁ ବର୍ଷାରେ ହରିଭାଇନା ଛକ ଠାରୁ ତଲଖେତା ଛକ ପର୍ଯ୍ୟନ୍ତ ଯାଇଥିବା ରାସ୍ତାରେ ସପ୍ତାହେ ତଳେ ବର୍ଷାରେ ପିଚୁ ପ୍ୟାଚ କାମ ଆରମ୍ଭ ହୋଇଥିଲା, ତେବେ ବର୍ତ୍ତମାନ ସେହି ନିମ୍ନମାନର ପିଚୁ ପରସ୍ତରୁ ପିଚୁଭାଗ ସମ୍ପୂର୍ଣ୍ଣ ଧୋଇଯାଇ ଗୋଡ଼ିଗୁଡିକ ବିକ୍ଷିପ୍ତ ହୋଇ ରାସ୍ତାରେ ଖେଳିଯିବା ଫଳରେ ଗାଡ଼ି ଚଳାଇ ଯିବା ସମ୍ଭବ ହେଉନାହିଁ । ଅନ୍ୟାନ୍ତରେ ଏହି ସମସ୍ୟାର ତୁରନ୍ତ ସମାଧାନ କିପରି କରାଯିବ ସେଦିଗରେ ଧ୍ୟାନ ନଦେଇ ପରୋକ୍ଷରେ ପୂର୍ତ୍ତବିଭାଗ ଲୋକଙ୍କୁ ବିପଦ ମୁଖକୁ ଠେଲିଦେଇଥିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟପକ୍ଷରେ ପୂର୍ତ୍ତ ବିଭାଗର ମନ୍ଥର କାମକୁ ନେଇ ରାସ୍ତାଟି ଅତି ଦୟନୀୟ ରୂପେ ପଡି ରହି ପ୍ରବଳ ଧୂଳି ସାଙ୍ଗକୁ ବର୍ଷାରେ କାଦୁଅ ପଚପଚ ହେବାଦ୍ୱାରା ଅସନ୍ତୋଷ ପ୍ରକାଶ ପାଇଛି। ଏଠି ପ୍ରଶ୍ନ ଉଠେ ବର୍ତ୍ତମାନ ଲଗାତର ଦୁଇ ଦୁଇଟି ଲଘୁଚାପ ସୃଷ୍ଟିର ପାଣିପାଗ ବିଭାଗର ପୂର୍ବ ସୂଚନା ଥିବା ବେଳେ କାହା ଇଙ୍ଗିତରେ ପୂର୍ତ୍ତ ବିଭାଗ କିପରି ରାସ୍ତା କାମ କରିବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଲେ ତାହା ଆଶ୍ଚର୍ଯ୍ୟ ବିଷୟ । ଏଠି ଠିକାଦାର ଏବଂ ପୂର୍ତ୍ତ ବିଭାଗର ମଧୁଚନ୍ଦ୍ରିକାରେ ନେତାଙ୍କ ପକେଟ ଗରମ କରାଯାଉଛି ବୋଲି ଆଲୋଚନା ହେଉଛି । ଅତଏବ ଜିଲ୍ଲାପ୍ରଶାସନ ଆନ୍ତରିକତା ସହିତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।



# ଆପୋଲୋରେ ବିଶ୍ୱ ଷ୍ଟ୍ରୋକ୍ ଦିବସ ପାଳିତ

ଭୁବନେଶ୍ୱର: ଆପୋଲୋ ହସ୍ପିଟାଲରେ ବିଶ୍ୱ ଷ୍ଟ୍ରୋକ୍ ଦିବସ ସଚେତନତା ଆଲୋଚନାର ସଫଳତାର ସହିତ ଆୟୋଜନ କରିଥିଲା। ଯାହା ଷ୍ଟ୍ରୋକ୍ ନିବାରଣ, ସମୟୋଚିତ ହସ୍ତକ୍ଷେପ ଏବଂ ସାମୁହିକ ଶିକ୍ଷା ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରିଥିଲା । ଏହି କାର୍ଯ୍ୟକ୍ରମରେ ନ୍ୟୁରୋଲୋଜି, ନ୍ୟୁରୋସର୍ଜରୀ, ରେଡିଓଲୋଜି, ମନସ୍ତାତ୍ତ୍ୱିକ ଏବଂ ଡାଏଟେଟିକ୍ସର ପ୍ରମୁଖ ବିଶେଷଜ୍ଞମାନଙ୍କୁ ଏକତ୍ରିତ କରାଯାଇଥିଲା, ଯେଉଁମାନେ ଜନସାଧାରଣଙ୍କୁ ଲକ୍ଷ୍ୟଭେଦୀ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । ଡକ୍ଟର ଆଲୋକ ଶ୍ରୀବାସ୍ତବ (ମୁଖ୍ୟ ପରିଚାଳନା ଅଧିକାରୀ ଏବଂ ଚିକିତ୍ସା ସେବା ନିର୍ଦ୍ଦେଶକ) ଷ୍ଟ୍ରୋକ୍ ପରିଚାଳନାରେ ମୂଲ୍ୟବାନ ମିନିଟ୍ ସଞ୍ଚୟ କରିବା ପାଇଁ ସମନ୍ୱିତ ଷ୍ଟ୍ରୋକ୍ ପ୍ରତିକ୍ରିୟା ଦଳ ଏବଂ ବିଶ୍ୱସ୍ତରୀୟ ନ୍ୟୁରୋ-ଜରୁରୀକାଳୀନ ଯତ୍ନ ପ୍ରତି ଆପୋଲୋର ଉତ୍ସର୍ଗତାର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ । ଡକ୍ଟର ଶ୍ରୀମନ୍ନାରାୟଣ ମିଶ୍ର (ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ) ଉତ୍ତମ ଫଳାଫଳ ପାଇଁ ଷ୍ଟ୍ରୋକ୍ ଲକ୍ଷଣଗୁଡ଼ିକର ପ୍ରାରମ୍ଭିକ ଚିହ୍ନଟ ଏବଂ ଜରୁରୀକାଳୀନ ପ୍ରତିକ୍ରିୟାକୁ ଆହ୍ୱାନ କରି ଗୋଷ୍ଠୀବ୍ୟାପୀ ସଚେତନତାକୁ ଉନ୍ନତ କରିବା ଉପରେ ଧ୍ୟାନ ଦେଇଥିଲେ । ଡକ୍ଟର ସୁଭ୍ରାଂଶୁ ଶେଖର ଜେନା ଷ୍ଟ୍ରୋକ୍ ସତର୍କତା ଲକ୍ଷଣଗୁଡ଼ିକ - ମୁହଁ ଝୁଲି ପଡ଼ିବା, ହାତ ଦୁର୍ବଳତା, କଥା କହିବାରେ ଅସୁବିଧା - ଏବଂ ତୀବ୍ର ଷ୍ଟ୍ରୋକ୍ ଚିକିତ୍ସାରେ ନୂତନ ଅଗ୍ରଗତି ବିଷୟରେ ବ୍ୟାଖ୍ୟା କରିଥିଲେ । ଡକ୍ଟର ଦେବବ୍ରତ ବିଶ୍ୱାଳ ଶଲ୍ୟଚିକିତ୍ସା ହସ୍ତକ୍ଷେପ ଏବଂ ଷ୍ଟ୍ରୋକ୍ ପୁନରୁଦ୍ଧାରରେ ଉନ୍ନତ ନ୍ୟୁରୋସର୍ଜିକାଲ୍ ପଦ୍ଧତିର ଭୂମିକା ବିଷୟରେ ଆଲୋଚନା କରିଥିଲେ । ଡକ୍ଟର ଦୀପକ ପରିଡା ଜଟିଳ ଷ୍ଟ୍ରୋକ୍ ମାମଲା ପରିଚାଳନାରେ ଜରୁରୀକାଳୀନ ନ୍ୟୁରୋସର୍ଜରୀ ବିକଳ୍ପ ଏବଂ ବହୁବିଧ ଦଳଗତ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡକ୍ଟର ମାନସ ରଞ୍ଜନ କର .ଡକ୍ଟର ଅନ୍ତର୍ଯ୍ୟାମୀ ନନ୍ଦ ,ଡକ୍ଟର ସତ୍ୟବ୍ରତ ଦାଶ ଷ୍ଟ୍ରୋକର ମାନସିକ ପ୍ରଭାବ ଏବଂ ପୁନରୁଦ୍ଧାର ସମୟରେ ମାନସିକ ସ୍ୱାସ୍ଥ୍ୟ ସହାୟତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଡକ୍ଟର ସୁନିତା ସାହୁ ଷ୍ଟ୍ରୋକ୍-ଅନୁକୂଳ ପୁଷ୍ଟିସାର, ଖାଦ୍ୟ ପରିବର୍ତ୍ତନ ଏବଂ ମସ୍ତିଷ୍କ ସ୍ୱାସ୍ଥ୍ୟ ପାଇଁ ପ୍ରମୁଖ ଖାଦ୍ୟ ଉପରେ ବ୍ୟବହାରିକ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ଆପୋଲୋ ହସ୍ପିଟାଲ୍ସ ଭୁବନେଶ୍ୱର ବିଶ୍ୱ ଷ୍ଟ୍ରୋକ୍ ଦିବସ ୨୦୨୫କୁ ଏକ ସଫଳ କରିବା ପାଇଁ ସମସ୍ତ ଡାକ୍ତର, କର୍ମଚାରୀ ଏବଂ ଜନସାଧାରଣ ଅଂଶଗ୍ରହଣକାରୀଙ୍କ ପ୍ରତି ହୃଦୟର ସହିତ କୃତଜ୍ଞତା ପ୍ରକାଶ କରେ ଏବଂ ସମ୍ପ୍ରଦାୟକୁ ସତର୍କ ରହିବାକୁ ଆହ୍ୱାନ କରେ ।



R.N.I. REGN. No. 65000/96 POSTAL REGN. No. OR/BN-32/12-14

31 October 2025, Friday

ତ୍ରିଂଶତମ ବର୍ଷ

ସଂଖ୍ୟା : ୨୬

ତିଥି : ନବମୀ

୩୧ ଅକ୍ଟୋବର ୨୦୨୫, ଶୁକ୍ରବାର

ଭୁବନେଶ୍ୱର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

29th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur

# ୨ରୁ ପହିଲି ଶୀତ

■ ଉତ୍ତର ଆଭ୍ୟନ୍ତରୀଣରେ ୭° ଯାଏଁ ଖସିବ ପାରଦ

■ ଉପକୂଳରେ ୨୦ ଡିଗ୍ରୀ ତଳକୁ ଆସିବ ତାପମାତ୍ରା

ଭୁବନେଶ୍ୱର, ୩୦ ।୧୦ (ସବ୍ୟୁ): ରାଜ୍ୟରେ ଅନୁଭୂତ ହେବ ପହିଲି ଶୀତ । ମହାରାଷ୍ଟ୍ରରେ ଏକ ଗୁରୁଚାପ ବଳୟ ସୃଷ୍ଟି ହେବ । ଫଳରେ ଉତ୍ତର-ପଶ୍ଚିମ ଦିଗରୁ ଉତ୍ତରା ଶୁଷ୍କ ବାୟୁ ବହିବ । ସାମୁଦ୍ରିକ ବାୟୁପ୍ରବାହ କମିବା ସହିତ ଜଳୀୟ ବାଷ୍ପ ପ୍ରଭାବ ଆଉ ରହିବନି । ତେଣୁ ନଭେମ୍ବର ୨ତାରିଖରୁ ଆରମ୍ଭ ହେବ ଶୀତ । ପଶ୍ଚିମ-



ଉତ୍ତର ଆଭ୍ୟନ୍ତରୀଣ ଅଞ୍ଚଳରେ ୭ ଡିଗ୍ରୀ ପର୍ଯ୍ୟନ୍ତ ରାତିର ତାପମାତ୍ରା କମିଯିବ । ଏହାସହ ଉପକୂଳ ଅଞ୍ଚଳରେ ତାପମାତ୍ରା ବି ୨୦ ଡିଗ୍ରୀ ସେଲସିୟସ ତଳକୁ ଖସି ଆସିବ । ଏଭଳି ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ କହିଛନ୍ତି ।

ସେପଟେ ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି, ରାଜ୍ୟକୁ ବର୍ତ୍ତମାନ ଉତ୍ତରା ପବନ ବହିବା ଆରମ୍ଭ ହୋଇଛି । ମେଘୁଆ ପାଗ ମଧ୍ୟ କ୍ରମଶଃ ଫେରିଯିବ । ଫଳରେ ରାଜ୍ୟରେ ପହିଲି ଶୀତ ଅନୁଭୂତ ହେବ। ୩୧ ତାରିଖ ରାତିରୁ କନ୍ଧମାଳ, ବାଲିଗୁଡା, ଫୁଲବାଣୀ ଓ ଗଜପତିର ଗଜାପୁର ଓ ମୋହନାରେ ସର୍ବନିମ୍ନ ତାପମାତ୍ରା ୨୦ ସେଲସିୟସ ତଳକୁ ଆସିପାରେ । ନଭେମ୍ବର ୨ ରାତିରୁ ସାରା ରାଜ୍ୟରେ ତାପମାତ୍ରା ପ୍ରାୟ ୩ରୁ ୪ ଡିଗ୍ରୀ ସେଲସିୟସ କମିବ ।

ଶ୍ରୀ ପଶୁପାଳକ କହିଛନ୍ତି ଝାରସୁଗୁଡା, ରାଉରକେଲା, ପାଲଲହଡା, ବାଦାମପାହାଡ, ବହଳଦାରେ ସର୍ବୋଚ୍ଚ ତାପମାତ୍ରା ୧୫ ଡିଗ୍ରୀରୁ ୧୭ ଡିଗ୍ରୀ ଖସିପାରେ । ସେହିପରି ବାଲିଗୁଡା, ଦାରିଙ୍ଗିବାଡି, ଗଦାପୁର ଓ ମୋହନାରେ ୧୭ ଡିଗ୍ରୀରୁ ୧୮ ଡିଗ୍ରୀ ସେଲସିୟସ ରହିପାରେ । ଏହା ଉତ୍ତର ଭାରତର ଦିଲ୍ଲୀ, ଚଣ୍ଡିଗଡ, ଲୁଧିଆନାର ତାପମାତ୍ରା ସହିତ ସମାନ ରହିପାରେ । (୯ ପୃଷ୍ଠାରେ)

# ଓଡ଼ିଶାରେ ହେବ ୯୨ ରେଳ ଓଭରବ୍ରିଜ୍

ଭୁବନେଶ୍ୱର, ୩୦ ।୧୦ (ସବ୍ୟୁ) : ଓଡ଼ିଶାରେ ୯୨ଟି ରେଳ ଓଭରବ୍ରିଜ୍‌ର ନିର୍ମାଣ ପାଇଁ ସମ୍ପୂର୍ଣ୍ଣ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିବେ । ଏଥିପାଇଁ କେନ୍ଦ୍ର ରେଳ ମନ୍ତ୍ରାଳୟ ଆବଶ୍ୟକ ଅନୁମୋଦନ କରିଛନ୍ତି ।

ସୂଚନାଯୋଗ୍ୟ ଯେ, ପୂର୍ବରୁ ଉଭୟ ରେଳ ମନ୍ତ୍ରାଳୟ ଓ ରାଜ୍ୟ ସରକାର ଏହି ରେଳ ଓଭରବ୍ରିଜ୍ ଗୁଡ଼ିକୁ ୫୦-୫୦ ଅନୁପାତରେ ଏଥିପାଇଁ ଖର୍ଚ୍ଚ କରିବେ ବୋଲି ସ୍ଥିର ହୋଇଥିଲା । ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଖର୍ଚ୍ଚ ସମ୍ପୂର୍ଣ୍ଣ ଭାବେ ରେଳ ମନ୍ତ୍ରାଳୟ ବହନ



■ ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବ ରେଳ ବିଭାଗ

■ ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ

କରିବାକୁ ଅନୁରୋଧ କରାଯାଇଥିଲା । ରାଜ୍ୟ ସରକାରଙ୍କ ଅନୁରୋଧ ରକ୍ଷା କରି କେନ୍ଦ୍ର ରେଳ ମନ୍ତ୍ରାଳୟ ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ମାଣ ହେବାକୁ ଥିବା ୯୨ଟି ରେଳ ଓଭର ବ୍ରିଜ୍‌ର ସମ୍ପୂର୍ଣ୍ଣ ନିର୍ମାଣ ଖର୍ଚ୍ଚ ବହନ କରିବେ ବୋଲି ପତ୍ର ମାଧ୍ୟମରେ ଜଣାଇଛନ୍ତି ।

ଓଡ଼ିଶାର ଭିତ୍ତିଭୂମି ବିକାଶ ପ୍ରତି କେନ୍ଦ୍ର ସରକାରଙ୍କ ଏହି ସହୃଦୟତାପୂର୍ଣ୍ଣ ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ (୯ ପୃଷ୍ଠାରେ)

# ଚୀନ୍ ଉପରୁ ଶୁଳ୍କ ହ୍ରାସ କଲେ ଟ୍ରମ୍ପ



ନୂଆଦିଲ୍ଲୀ, ୩୦ ।୧୦ : ଆମେରିକା ରାଷ୍ଟ୍ରପତି ଡ୍ରୋନାଲ୍ଡ ଟ୍ରମ୍ପ ଚୀନ୍‌ରୁ ତାଙ୍କ ଦେଶକୁ ରପ୍ତାନୀ ହେଉଥିବା ସାମଗ୍ରୀ ଉପରେ ଲଗାଇଥିବା ୫୭% ଶୁଳ୍କକୁ ୪୭%କୁ ହ୍ରାସ କରିଛନ୍ତି। ଏହାଛଡା ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ଚୁକ୍ତି ସମ୍ପର୍କରେ ଆଲୋଚନା ହେବାସହ ସମ୍ବେଦନଶୀଳ ବିରଳ ଆର୍ଥ ସାମଗ୍ରୀର ଆମଦାନୀ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିବା ରାଷ୍ଟ୍ରପତି ଟ୍ରମ୍ପ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସେ କହିଛନ୍ତି ଯେ ଦକ୍ଷିଣ କୋରିଆରେ ସେ ଚୀନ୍ ରାଷ୍ଟ୍ରପତି ଜିନ୍‌ପିଙ୍ଗଙ୍କୁ ସାକ୍ଷାତ କରିଥିଲେ। ସାକ୍ଷାତ ଆଲୋଚନାବେଳେ ଚୀନ୍ ଉପରେ ଲାଗିଥିବା ଶୁଳ୍କକୁ ୧୦% ହ୍ରାସ ପାଇଁ ନିଷ୍ପତ୍ତି ନିଆଯାଇଛି ।

ଏହାଛଡା ଚୀନ୍‌ରେ ଥିବା ବିରଳ ଆର୍ଥ ଉପରେ ରପ୍ତାନୀ ନିୟନ୍ତ୍ରଣ ଆଣିବାରେ ଫୋକସ କରାଯିବ। ଯାହା ହେଉଛି ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ଟ୍ରମ୍ପ କହିଛନ୍ତି। ଏହି ରେୟାର ଆର୍ଥ ସାମଗ୍ରୀକୁ ନେଇ କୌଣସି ପ୍ରତିବନ୍ଧକ ନାହିଁ। କିଛିକ୍ଷଣ ମଧ୍ୟରେ ଯାହା ଅସୁବିଧା ରହିଛି ତାହା ଉଭେଇ ଯିବ। ଜିନ୍‌ପିଙ୍ଗଙ୍କ ସହ ତାଙ୍କ ସାକ୍ଷାତକୁ ବେଶ୍ ରୋଚକପୂର୍ଣ୍ଣ ବୋଲି କହିବା ସହ ତାଙ୍କୁ ଏକ ପ୍ରମୁଖ ନେତା ଭାବେ ସମ୍ବୋଧନ କରିଛନ୍ତି। ସେମାନଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଆଲୋଚନା ହୋଇଛି। ବାଣିଜ୍ୟିକ ସହଯୋଗ ନେଇ କଥାବାର୍ତ୍ତା ହୋଇଛି। ଏହି ସାକ୍ଷାତକାରକୁ ସେ ୧୨ରୁ ୧୦ ରେଟିଂ କରିଛନ୍ତି। ଆମେ କିଛି ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ ଉପରେ ନିଷ୍ପତ୍ତି ନେଇସାରିଛୁ। ପୂର୍ବରୁ (୯ ପୃଷ୍ଠାରେ)

# ଆଜି ଅଁଳା ନବମୀ : ରାଧାପାଦ ଦର୍ଶନ କରିବେ ଶ୍ରଦ୍ଧାଳୁ

ସାକ୍ଷୀଗୋପାଳ, ୩୦ ।୧୦ (ସବ୍ୟୁ): ଆସନ୍ତାକାଲି କାର୍ତ୍ତିକ ମାସ ଶୁକ୍ଳପକ୍ଷ ନବମୀ ତିଥିରେ ପବିତ୍ର ଅଁଳା ନବମୀ। ଶ୍ରୀରାଧା ପାଦ ଦର୍ଶନ ଓ ଜଗଦ୍ଧାତ୍ରୀ ପୂଜା । ଏହି ଅବସରରେ ସତ୍ୟବାଦୀର ଅନ୍ୟତମ ପ୍ରସିଦ୍ଧ ବୈଷ୍ଣବ କ୍ଷେତ୍ର ସାକ୍ଷୀଗୋପାଳ ମନ୍ଦିରରେ ଠାକୁରାଣୀ ଶ୍ରୀ ଶ୍ରୀ ରାଧାରାଣୀଙ୍କ ପାଦ ଦର୍ଶନ ଅନୁଷ୍ଠିତ ହେବ । ମା ରାଧାରାଣୀଙ୍କ ପାଦ ଦର୍ଶନ ନିମନ୍ତେ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ରଙ୍କ ତତ୍ତ୍ୱାବଧାନରେ ପୁରୀ ଜିଲ୍ଲା ପ୍ରଶାସନ ତରଫରୁ ପ୍ରସ୍ତୁତି ଶେଷ ହୋଇଛି । ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଚଳିତ ବର୍ଷ ପ୍ରଥମ କରି ୧୧ ଥାକିଆ ଛାୟାପ୍ରଦ ଷ୍ଟିଲ ବ୍ୟାରିକେଡ଼ ନିର୍ମାଣ ହୋଇଛି । ବ୍ୟାରିକେଡ ମଧ୍ୟରେ ଭକ୍ତ ଓ ଶ୍ରଦ୍ଧାଳୁ



ମାନଙ୍କୁ ଗରମରୁ ରକ୍ଷା କରିବା ନିମନ୍ତେ ୱାଟରକୁଲର ଲାଗିଛି । ଆଧ୍ୟାତ୍ମିକ ଭଜନ ପରିବେଷଣ ନିମନ୍ତେ ସାଉଣ୍ଡ ସିଷ୍ଟମ ହୋଇଛି । ଭକ୍ତମାନେ ବ୍ୟାରିକେଡ଼ ମଧ୍ୟରେ ସିଂହଦ୍ୱାର ନିକଟରେ ମେଟାଲ ଡିଟେକଟର ଦ୍ୱାରା ଯାଞ୍ଚ ହୋଇ ଧାଡ଼ିରେ ଯାଇ ଠାକୁରଙ୍କୁ ଦର୍ଶନ କରିବେ । ରାଜ୍ୟ ତଥା ପୁରୀ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ତଥା ଅନ୍ୟତମବୃହତ୍ତମ ଗଣପର୍ବ ଭାବେ ପରିଚିତ ଅଁଳା ନବମୀରେ ଶ୍ରୀରାଧା ପାଦ ଦର୍ଶନ କରିବାକୁ ଓଡିଶା ତଥା ରାଜ୍ୟ ବାହାରୁ ଭକ୍ତଙ୍କ ସମାଗମ ହୋଇଥାଏ । ଯାହାକୁ ନେଇ ଚଳଚଞ୍ଚଳ ହୋଇପଡିଛି ସାକ୍ଷୀଗୋପାଳ ଅଞ୍ଚଳ ।ସାକ୍ଷୀଗୋପାଳ ମନ୍ଦିର ରଙ୍ଗବେରଙ୍ଗ ଆଲୋକ ସଜ୍ଜା ହୋଇଛି । ମନ୍ଦିର ପରିସର ସିଂହଦ୍ୱାର, ବକୁଳ ବନ, ପଞ୍ଚସଖା ସମାଧି ପୀଠ, ବସଷ୍ଟାଣ୍ଡସ୍ଥିତ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି ସ୍ଥଳ, କଲେଜ ଛକ ମନ୍ଦିର ବାଇପାସ ରାସ୍ତା ଓ ସାକ୍ଷୀଗୋପାଳ ବଜାର ଅଞ୍ଚଳରେ ଆଲୋକ ବ୍ୟବସ୍ଥା ହୋଇଛି। ସାକ୍ଷୀଗୋପାଳ (୯ ପୃଷ୍ଠାରେ)

# ଫେବୃଆରୀ ୧୭ରୁ ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷା

ଭୁବନେଶ୍ୱର, ୩୦ ।୧୦ (ସବ୍ୟୁ) : କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ)ର ୨୦୨୬ ବୋର୍ଡର ଦଶମ ପରୀକ୍ଷା ଫେବୃଆରୀ ୧୭ରୁ ଆରମ୍ଭ ହେବ। ଏହା ୨୦୨୬ ମାର୍ଚ୍ଚ ୧୦ ଯାଏ ଚାଲିବ। ସେହିଭଳି ଦ୍ୱାଦଶ ପରୀକ୍ଷା ଫେବୃଆରୀ ୧୭ରୁ ଆରମ୍ଭ ହୋଇ ଏପ୍ରିଲ ୯ ଯାଏ ଚାଲିବ।

ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ବିଷୟ ଉପରେ ନିର୍ଭର କରି ସକାଳ ୧୦.୩୦ରୁ ଅପରାହ୍ଣ ୧୨.୩୦ କିମ୍ବା ଅପରାହ୍ଣ ୧.୩୦ ପର୍ଯ୍ୟନ୍ତ ଚାଲିବ। ଦଶମ ଶ୍ରେଣୀ ଲାଗି ପ୍ରଥମ ଦିନରେ ଗଣିତ ପରୀକ୍ଷା ହେବ। ଦ୍ୱାଦଶ ଶ୍ରେଣୀର ପରୀକ୍ଷାର ପ୍ରଥମ ଦିନ ବାୟୋଟେକ୍ନୋଲୋଜି, ଏଣ୍ଟ୍ରେପ୍ରେନ୍ସରସିପ୍, ସଂସ୍କୃତ, ଷ୍ଟେନୋଗ୍ରାଫି ଆଦି ପରୀକ୍ଷା ହେବ। ପରୀକ୍ଷାର ଶେଷ ଦିନରେ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ (ଭୋକାଲ), ନେପାଳୀ, ଶାସ୍ତ୍ରୀୟ ସଙ୍ଗୀତ (ବାଦ୍ୟ) ଆଦି ବିଷୟ ରହିଛି। ଜାତୀୟ ଶିକ୍ଷାନୀତି ୨୦୨୦ ସୁପାରିଶ ଅନୁସାରେ ୨୦୨୬ରେ ଦଶମ ଶ୍ରେଣୀ ପାଇଁ ଦୁଇଟି ବୋର୍ଡ ପରୀକ୍ଷାର (୯ ପୃଷ୍ଠରେ)

# ତହସିଲରେ ହେବ ଜମି କିଣାବିକା

ଭୁବନେଶ୍ୱର, ୩୦ ।୧୦ (ସବ୍ୟୁ): ରାଜ୍ୟରେ ଏବେ ଜମି କିଣାବିକା ନେଇ ସୃଷ୍ଟି ହେଉଥିବା ସମସ୍ୟା ଦୂର ହେବ । ଏଣିକି ତହସିଲ ଅଫିସରେ ହେବ ଜମି କିଣାବିକା । ନଭେମ୍ବର ୧ ତାରିଖରୁ ହୋଇପାରିବ କିଣାବିକା । ପ୍ରଥମ ପର୍ଯ୍ୟାୟରେ ୪୪ଟି ତହସିଲ ଅଫିସରେ ଜମି କିଣାବିକା ଆରମ୍ଭ ହେବ। ପରେ ଡିସେମ୍ବରରେ ବାକି ୨୭୩ ତହସିଲରେ ଏହି ସେବା ଆରମ୍ଭ ହେବ । ନଭେମ୍ବର ୧ ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଶୁଭାରମ୍ଭ କରିବେ । ଏଣିକି ଅନଲାଇନରେ ସ୍ଲଟ (୯ ପୃଷ୍ଠାରେ)

# ଜଷ୍ଟିସ୍ ସୂର୍ଯ୍ୟକାନ୍ତ ସିଜେଆଇ ନିଯୁକ୍ତ

ନୂଆଦିଲ୍ଲୀ, ୩୦ ।୧୦ : ସୁପ୍ରିମ୍‌କୋର୍ଟର ୫୩ତମ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କୁ କେନ୍ଦ୍ର ଆଇନ୍ ମନ୍ତ୍ରଣାଳୟ ନିଯୁକ୍ତି ଦେଇଛି। କେନ୍ଦ୍ର ଆଇନ୍ ମନ୍ତ୍ରୀ ଅର୍ଜୁନରାମ ମେଘୱାଲ ଏହି ଘୋଷଣା କରିଛନ୍ତି। ହିମାଚଳ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ସାମାଜିକ ନ୍ୟାୟ, ସାମ୍ବିଧାନିକ ଆଇନ୍ ଓ ପ୍ରଶାସନ ଉପରେ ଭଲ ରାୟ ଦେବାର ସୁଖ୍ୟାତି ରହିଛି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ (୯ ପୃଷ୍ଠାରେ)



# ନୂଆପଡାରେ ହୋମ୍ ଭୋଟିଂ ଆରମ୍ଭ

ନୂଆପଡା, ୩୦ ।୧୦ (ସବ୍ୟୁ): ନୂଆପଡା ବିଧାନସଭା ଉପନିର୍ବାଚନ ପାଇଁ ସମସ୍ତ ୩୫୮ ଟି ବୁଥ ପାଇଁ ଭୋଟିଂ ମେସିନ ଓ ଭି ଭି ପାଟର କମିସନିଂ ଶେଷ ହୋଇଛି । ସ୍ଥାନୀୟ ନେସନାଲ କଲେଜରେ ଏଥିପାଇଁ ୨୭ ରୁ ୨୯ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ପ୍ରକ୍ରିୟା ଚାଲିଥିଲା । ଏହା ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ପ୍ରକାଶ ବିନ୍ଦୁ ଏବଂ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ପରେ ଗୁରୁବାର ଠାରୁ ହୋମ୍ ଭୋଟିଂ ପ୍ରକ୍ରିୟା ଆରମ୍ଭ ହୋଇଛି । ଏଥିପାଇଁ ୧୫ ଟି ପୋଲିଂ ଦଳ ନିଯୁକ୍ତ ହୋଇଛନ୍ତି। ପ୍ରତି ଦଳରେ ଦୁଇ ଜଣ ପୋଲିଂ ଅଫିସର୍, ଜଣେ ମାଇକ୍ରୋ ନିରୀକ୍ଷକ , ଜଣେ ସୁରକ୍ଷା ଅଧିକାରୀ ଏବଂ ଜଣେ ଭିଡିଓଗ୍ରାଫର ରହିଛନ୍ତି । ୮୫ ବର୍ଷରୁ ଉର୍ଦ୍ଧ୍ୱ ଏବଂ ୪୦ ପ୍ରତିଶତରୁ ଅଧିକ ଅକ୍ଷମତା ଥିବା ଦିବ୍ୟାଙ୍ଗ ମତଦାତା ୨୫୧ ଜଣ ଏହି ପ୍ରକ୍ରିୟାରେ ନିଜ ଘରେ ଥାଇ ଗୋପନୀୟ ଭାବରେ ପୋଷ୍ଟାଲ୍ ବାଲଟ୍ ମାଧ୍ୟମରେ (୯ ପୃଷ୍ଠାରେ)

# ନଭେମ୍ବରରୁ ନୂଆପଡାରେ ହେଭିୱେଟ୍‌ଙ୍କ ପ୍ରଚାର

ନୂଆପଡା, ୩୦ ।୧୦ (ସବ୍ୟୁ): ନୂଆପଡା ବିଧାନସଭା ଉପନିର୍ବାଚନରେ ପ୍ରଚାର ଧୀରେ ଧୀରେ ଜମି ଆସୁଛି। ତେବେ ନଭେମ୍ବର ପ୍ରଥମ ସପ୍ତାହରେ

**୪ ରୁ ୬ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ବଡ ସଭା**

**୩ରେ ନବୀନ ଯିବେ କୋମନା**

**ରେଭନ୍ତ, ସଚିନ ଓ କହ୍ନେୟା କଂଗ୍ରେସ ଲାଗି କରିବେ ପ୍ରଚାର**



ହାଇଭୋଲ୍‌ଟେଜ୍ ପ୍ରଚାର ଆରମ୍ଭ ହେବ ବୋଲି ସୂଚନା ମିଳିଛି । ନଭେମ୍ବର ୩ରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ପ୍ରଚାର ମୈଦାନକୁ ଓହ୍ଲାଇବେ। କୋମନାରେ ସଭା କରିବେ। ୭ ତାରିଖରେ ସେ ଖରିଆର ରୋଡ୍‌ରୁ ନୂଆପଡା ଯାଏ ରୋଡ୍ ଶୋ କରିପାରନ୍ତି। ସେହିଭଳି ବିଜେପି ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଚାରର ମଙ୍ଗ ସମ୍ଭାଳିବେ। ନଭେମ୍ବର ୪ରୁ ୬ ତାରିଖ ଯାଏ ବିଭିନ୍ନ ସଭା, ସମିତିରେ ସେ ଉଦ୍‌ବୋଧନ ଦେବେ ବୋଲି ଆପାତତଃ ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀ ବଡ ବଡ ସାଧାରଣ ସଭାକୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ବିଜେପିର ମଧ୍ୟ କିଛି କେନ୍ଦ୍ରୀୟ ନେତା ପ୍ରଚାର ମୈଦାନକୁ ଆସିପାରନ୍ତି। ସେହିଭଳି କଂଗ୍ରେସ ମଧ୍ୟ ଜାତୀୟ ସ୍ତରରେ ନେତାଙ୍କୁ ଆଣି ପ୍ରଚାର କରିବାକୁ ଯୋଜନା କରିଛି। ସୂଚନା ମୁତାବକ ତେଲେଙ୍ଗାନା (୯ ପୃଷ୍ଠାରେ)

## ବିହାର ବିଧାନସଭା ନିର୍ବାଚନ ଲାଗି ଇସିଆଇଙ୍କ ନିର୍ଦ୍ଦେଶ

# ଶାନ୍ତିପୂର୍ଣ୍ଣ, ପ୍ରଲୋଭନ ମୁକ୍ତ ନିର୍ବାଚନ ଲାଗି ସତର୍କ ରୁହ

ଭୁବନେଶ୍ୱର, ୩୦ ।୧୦ (ସବ୍ୟୁ) : ଭାରତ ନିର୍ବାଚନ ଆୟୋଗ ଆଜି ବିହାରରେ ଆନ୍ତଃରାଜ୍ୟ ସୀମା ସମସ୍ୟା ଉପରେ ଏକ ସମନ୍ୱୟବୈଠକ କରିଛନ୍ତି, ଯେଉଁଥିରେ ବିହାର, ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶ ଏବଂ ପଶ୍ଚିମବଙ୍ଗର ମୁଖ୍ୟ ସଚିବ, ଡିଜିପି ଏବଂ ପ୍ରମୁଖ ଶାସନ ସଚିବ (ଗୃହ) ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ରେଳ ମନ୍ତ୍ରଣାଳୟ ଏବଂ ସମସ୍ତ ପ୍ରବର୍ତ୍ତନ ସଂସ୍ଥାର ଅଧିକାରୀମାନେ ସାମିଲ ଥିଲେ।

ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର, ନିର୍ବାଚନ କମିଶନର ଡକ୍ଟର ସୁଖବୀର ସିଂହ ସାନ୍ଧୁ ଏବଂ ଡକ୍ଟର ବିବେକ ଜୋଶୀଙ୍କ ସହିତ, ବିହାର ଏବଂ ଏହାର ପଡ଼ୋଶୀ ରାଜ୍ୟଗୁଡ଼ିକରେ ଆଇନ ଶୃଙ୍ଖଳା ସ୍ଥିତିର ସମୀକ୍ଷା କରିଛନ୍ତି। ଅସ୍ତ୍ରଶସ୍ତ୍ର, ଅସାମାଜିକ ତତ୍ତ୍ୱ, ମଦ, ନିଶାଦ୍ରବ୍ୟ ଏବଂ ମାଗଣା ସାମଗ୍ରୀ ଯେମିତି ଆନ୍ତଃରାଜ୍ୟ ଏବଂ ନେପାଳ ସୀମା ଦେଇ ନଆସେ ତା ଉପରେ କଡା ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୀମାନ୍ତବର୍ତ୍ତୀ ଜିଲ୍ଲାରେ ଶାନ୍ତି ଏବଂ ଶୃଙ୍ଖଳା ବଜାୟ ରଖିବା ଉପରେ ବିଶେଷ ଧ୍ୟାନ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ବୈଠକ ସମୟରେ, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ମୁକ୍ତ, ନିରପେକ୍ଷ, ଶାନ୍ତିପୂର୍ଣ୍ଣ ଏବଂ ପ୍ରଲୋଭନମୁକ୍ତ ନିର୍ବାଚନ ପାଇଁ ଆୟୋଗର ପ୍ରତିବଦ୍ଧତା ଉପରେ ଗୁରୁତ୍ୱ ଦେବା ସହ ସମସ୍ତ ଅଂଶୀଦାରଙ୍କୁ ନିର୍ବାଚନ ପ୍ରକ୍ରିୟାର ଅଖଣ୍ଡତା ବଜାୟ ରଖିବା ପାଇଁ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିବାକୁ ସେ ଆହ୍ୱାନ କରିଛନ୍ତି।

ନିର୍ବାଚନ ଦିନ ଭୋଟରମାନଙ୍କ ପାଇଁ ସୁଖଦ ଅଭିଜ୍ଞତା ସୁନିଶ୍ଚିତ କରିବା ପାଇଁ ଆୟୋଗ ଭୋଟର-ସୁବିଧା ନିର୍ଦ୍ଦେଶାବଳୀର ଅନୁପାଳନ ଉପରେ ମଧ୍ୟ ସମୀକ୍ଷା କରିଥିଲେ। (୯ ପୃଷ୍ଠାରେ)

# ବିମାନବନ୍ଦରରୁ ମୋଷ୍ଟୱାଣ୍ଟେଡ୍ ଠକ ଗିରଫ

ଭୁବନେଶ୍ୱର, ୩୦ ।୧୦ (ସବ୍ୟୁ) : ଭୁବନେଶ୍ୱର ବିମାନ ବନ୍ଦର ନିକଟରୁ ସିବିଆଇର ମୋଷ୍ଟ ଓ୍ୱାଣ୍ଟେଡ୍ ଥିବା ଜଣେ ଠକକୁ ସିଆଇଏସ୍‌ଏଫ୍ ଗିରଫ କରି ସିବିଆଇକୁ ହସ୍ତାନ୍ତର କରିଛି। ତା’ବିରୋଧରେ ସାରା ଦେଶରେ ଲୁକ୍‌ଆଉଟ୍ ସର୍କୁଲାର ଜାରି ହୋଇଥିଲା।

ଦ୍ୱିବେନ୍ଦୁ ମହାରଣାଙ୍କ ଘର କଟକରେ । ସେ ଦିଲ୍ଲୀରେ ରହିବା ସହ କୋଟି କୋଟି ଟଙ୍କା ଠକି ଦୀର୍ଘଦିନ ହେବ ଫେରାର ହୋଇଯାଇଛନ୍ତି । ଦିଲ୍ଲୀ ସିବିଆଇ ମାମଲାର ତଦନ୍ତ କରୁଥିବାରୁ ତାକୁ ଖୋଜିଖୋଜି ବିଫଳ ହେବା ପରେ ଲୁକ୍‌ଆଉଟ୍ ସର୍କୁଲାର ଜାରି କରାଯାଇଥିଲା । ଲୁକ୍‌ଆଉଟ୍ ସର୍କୁଲାର ଜାରି ହେବା ଫଳରେ ଦେଶର ବିମାନବନ୍ଦର ସୁରକ୍ଷା କର୍ମୀ ଦ୍ୱିବେନ୍ଦୁ ଉପରେ ସତର୍କ ନଜର ରଖିଥିଲେ । କାରଣ ସିବିଆଇ (୯ ପୃଷ୍ଠାରେ)

# ମେଡିକାଲ ଜାଗା ଅକ୍ତିଆର୍ କରିବା ପ୍ରୟାସ କାହାର ?

## ଅଭିଯୋଗ ପରେ ବି ପ୍ରଶାସନ ନୀରବଦ୍ରଷ୍ଟା

ଢେଙ୍କାନାଳ: ଢେଙ୍କାନାଳ ସହର ବାଜିଚୌକ ଠାରେ ଥିବା ପୁରୁଣା ମୁଖ୍ୟ ମେଡିକାଲର ୩୦ଫୁଟ ପାଚେରୀ ସମେତ ଭିତରେ ଥିବା କେତୋଟି ଘରକୁ ଭାଙ୍ଗି ଦିଆଯାଇଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ପରେ ପ୍ରଶାସନ ନିରବଦ୍ରଷ୍ଟା ସାଜିଛନ୍ତି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏଡିଏମ ଡାକ୍ତର ନୀଳମଣି ଦିଲ୍ଲିପ ଚାନ୍ଦ ବେହେରାଙ୍କ ଅଭିଯୋଗ ଅନୁସାରେ ଗତ ୨୬ ତାରିଖ ଦିନ ଜେସିବି ଲଗାଇ ବର୍ତ୍ତମାନ ସହରାଞ୍ଚଳ ସ୍ୱାସ୍ଥ୍ୟ ଏବଂ



ଆରୋଗ୍ୟ କେନ୍ଦ୍ରର ୩୦ ଫୁଟ ପାଚେରୀ ଭଙ୍ଗା ଯାଇଥିବା ବେଳେ ୨ଟି କୋଠା ସହିତ ଛାତକୁ ବି ଭାଙ୍ଗି ଦିଆଯାଇଛି । ଘଟଣାକୁ ନେଇ ଥାନାରେ ଅଭିଯୋଗ ସହିତ ଜିଲ୍ଲାପାଳ, ଥାନାଧିକାରୀ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କୁ ଲିଖିତ ଭାବରେ ଅବଗତ କରାଯାଇଥିଲା । କିନ୍ତୁ କୌଣସି ଫଳ ମିଳିନଥିବା ବେଳେପୁଣି ଥରେ ୨୮ ତାରିଖ ରାତିରେ ଘର ଭାଙ୍ଗି ବା ସହିତ ଲକ୍ଷାଧିକ ଟଙ୍କାର ସମ୍ପତି ନଷ୍ଟ ହୋଇଛି ।ଛାତ ଭାଙ୍ଗି ପଡିବା ସହିତ ଘର ଭିତରେଥିବା ବିଭିନ୍ନ ସାମଗ୍ରୀ ମଧ୍ୟ ରହିଥିବାରସେ ଅଭିଯୋଗ କରିଛନ୍ତି । ୨୦୧୮ ମସିହାରୁ ଏହା ଜାତୀୟ ସ୍ୱାସ୍ଥ୍ୟ ମିଶନର ଘର ଥିବା ବେଳେ ବହୁ ଜିନିଷ ପତ୍ର ସହିତ ଏକ ଡିଜି ମଧ୍ୟ ରହିଥିଲା । ବାଜିଚୌକ ଫାଣ୍ଡି ଠାରୁ ରଗଡିସାହି ରାସ୍ତା ପର୍ଯ୍ୟନ୍ତ ଏହାକୁ ଭାଙ୍ଗି ଦିଆଯାଇଛି । ଭାଙ୍ଗିଦିଆଯିବା ଫଳରେ କୋଠା ସହିତ ୩୦ରୁ ୪୦ଲକ୍ଷ ଟଙ୍କା ସମ୍ପତି ନଷ୍ଟହୋଇଥିବାର ଜଣାପଡିଛି । ଏଥିସହ ସେ ପ୍ରକାଶ କରିଛନ୍ତି ଯେ ଗତ ସେପ୍ଟେମ୍ବର ୪ ତାରିଖରେ ପୌରସଂସ୍ଥା ତରଫରୁ ଉକ୍ତ ଭଙ୍ଗା ଯାଇଥିବା ଜାଗା ମଧ୍ୟରୁ ୧୦ରୁ ୧୨ଫୁଟ ଜାଗା ରାସ୍ତା ଭିତରକୁ ଛାଡିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ଚିଠି କରିଥିବା ମଧ୍ୟ ଅଧିକାରୀ ପ୍ରକାଶ କରିଛନ୍ତି। ମାତ୍ର ଭଙ୍ଗା ଯିବା ଘଟଣାର ପ୍ରଶ୍ନ ଉଠିବାପରେ ବର୍ତ୍ତମାନ ଅଧିକାରୀ ସହିତ ଅନ୍ୟ ବିଭାଗ ମଧ୍ୟ ଚୁପ୍ ହୋଇଥିବା ସେ ପ୍ରକାଶ କରିଥିଲେ।

# ଘର ତାଲାଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟିନେଲେ

## ରେଳ କର୍ମଚାରୀଙ୍କ ଘରେ ବୁଲାଇଲେ କଳାକନା

ତାଳଚେର,(ସବ୍ୟୁ) : ତାଳଚେର ରେଲୱେ ଷ୍ଟେସନ୍ ନିକଟରେ ଭଡ଼ାଘରେ ରହୁଥିବା ରେଲୱେ କର୍ମଚାରୀ ଶିବଶଙ୍କର କୁମାରଙ୍କ ଘରୁ ଦୁର୍ବୃତମାନେ କଳାକନା ବୁଲାଇଥିବା ଘଟଣା ସେହି ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଛି । ପୋଲିସ୍ ସୂତ୍ରରୁ ପ୍ରକାଶ, ବିହାର ଅଂଚଳର ଶିବଶଙ୍କର କୁମାର ତାଳଚେର ରେଲୱେଷ୍ଟେସନରେ ଚାକିରୀ କରନ୍ତି ଓ ସେ ଏକ ଭଡ଼ାଘର ନେଇ ମାଛ ଗୋଦାମ ନିକଟରେ ରହି ଆସୁଥିଲେ । ଗତ ସୋମାବାର ସକାଳେ ଡ୍ୟୁଟି ସାରି ଆସି ଦେଖିଲା ବେଳକୁ ଘରର ଆଲମିରା ଭଙ୍ଗା ଯିବା ସହିତ ସମସ୍ତ ଜିନିଷପତ୍ର ବିଛାଡ଼ି ହୋଇପଡ଼ିଥିବା ଦେଖିବାକୁ ପାଇଥିଲେ । ଗଡ଼ରେଜ୍ ରହିଥିବା ପ୍ରାୟ ୧୫ଗ୍ରାମର ସୁନାଚେନ୍, ରୁପା ଅଳଙ୍କାର ଓ ଅନ୍ୟାନ୍ୟ ଆସବାବ ପତ୍ର ଲୁଟି ଦୁର୍ବୃତମାନେ କଳାକନା ବୁଲାଇ ଦେଇ ଚମ୍ପଟ ମାରିଥିବାକୁ ନେଇ ସେ ଏସମ୍ପର୍କରେ କୋଲିୟରୀ ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି । ପୋଲିସ୍ ଏନେଇ ଅନୁସନ୍ଧାନ ଜାରି ରଖିଥିବା ସହିତ ଏକ ମାମଲା ରୁଜୁ କରିଥିବା ଜଣାପଡ଼ିଛି । ତେବେ ସେହି ଅଂଚଳଟି ପ୍ରାୟ ଶୁନ୍‌ଶାନ୍ ହୋଇପଡ଼ିଥିବା ବେଳେ ଦୁର୍ବୃତମାନଙ୍କର ପ୍ରାର୍ଦୁଭାବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏହି ନିକଟରେ ଜୈନିକା ମହିଳା ଢେ଼ଙ୍କାନାଳରୁ ଟ୍ରେନ ଯୋଗେ ତାଳଚେର ଆସୁଥଲେ । ଷ୍ଟେସନରେ ଟ୍ରେନରୁ ଓହ୍ଲାଉଥିବା ସମୟରେ ଦୁଇଜଣ ଦୁର୍ବୃତ ତାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଇ ଚମ୍ପଟ ମାରିଥିବା ବେଳେ ପାଖରେ ଥିବା ଯୁବକମାନେ ମହିଳାଙ୍କ ପାଟିତୁଣ୍ଡ ଶୁଣି ଦୁର୍ବୃତମାନଙ୍କୁ କାବୁ କରି ଜିଆରପି ପୋଲିସକୁ ହସ୍ତାନ୍ତର କରି ଦେଇଥିଲେ ବୋଲି ଜଣାପଡ଼ିଛି । ତେବେ ଜିଆରପି ପୋଲିସ ଓ ସ୍ଥାନୀୟ ପୋଲିସ ମିଳିତଭାବେ ପାଟ୍ରୋଲିଙ୍ଗ କଡ଼ାକଡ଼ି କରିବା ସହ ଯାତ୍ରୀମାନଙ୍କ ସୁବିଧା ପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି ।

# ଭଞ୍ଜପୁର ଜଗଦ୍ଧାତ୍ରୀ ମା'ଙ୍କ ପୂଜାଘଟ ଉତ୍ତୋଳନ

ବାରିପଦା, (ସବ୍ୟୁ): ଭଂଜପୁର ଠାରେ ମା'ଜଗଦ୍ଧାତ୍ରୀଙ୍କ ୭୩ତମ ପୂଜା ଅବସରରେ ଘଟ ଉତ୍ତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁବାରି ଅପରାହ୍ନ ୪ଟା ରେ ବେଲଗଡ଼ିଆ ନିକଟସ୍ଥ ଚିପଟ ନଦୀରୁ ବିଧି ବିଧାନ ଅନୁସାରେ ଘଟ ଉତ୍ତୋଳନ କରାଯାଇ ଏକ ବିରାଟ ଶୋଭାଯାତ୍ରାରେ ସହର ଓ ସାହି ପରିକ୍ରମା କରି ପୂଜା ମଣ୍ଡପରେ ପହଞ୍ଚିଥିଲା। ଏହି ଘଟ ଉତ୍ତୋଳନ ଶୋଭାଯାତ୍ରାରେ ପୁରୀ ରଥଯାତ୍ରାର ଘୋଷ ଘଣ୍ଟୁଆ ଦଳ, ଗଞ୍ଜାମ ଜିଲ୍ଲାର ଯୋଡ଼ି ଶଙ୍ଖ ଦଳ, ସମ୍ବଲପୁରର ସିଂହ ବାଜା, ଖୋର୍ଦ୍ଧା ଜିଲ୍ଲାର ଘୋଡାନାଚ, ମୟୂରଭଞ୍ଜର ଛଉ ବାଜା ଓ ସୋରିଷକୋଠି ଅଂଚଳର ସଂକୀର୍ତନ ଦଳ, ପଶ୍ଚିମବଙ୍ଗ ମେଦିନୀପୁରର ଢାକ ବାଜା ତଥା ବାରିପଦା ବ୍ରାହ୍ମଣ



ସମାଜ ଦ୍ୱାରା ସଂସ୍କୃତରେ ବେଦ ପାଠ ଦଳ ସାମିଲଥିଲେ ଓ ମା'ଙ୍କ କଳସ ମୁଣ୍ଡାଇଥିଲେ ଅବନୀ ଶଙ୍କର ଷଡ଼ଙ୍ଗୀ, ସଂକଳ୍ପ କାର୍ଯ୍ୟ ମଣ୍ଟୁ ନନା ଓ ବାବୁଲି ନନା ସମ୍ପାଦନ କରିଥିଲେ। ରାତ୍ର ୯ଟା ରୁ ଗୋଟେ ମଧ୍ୟରେ ମା'ଙ୍କର ପୂଜାବିଧି ସମ୍ପନ୍ନ ହେବବୋଲି ପୂଜକ ସମ୍ପଦ ନନା ଜଣାଇଛନ୍ତି। ଶୋଭାଯାତ୍ରା ଦାୟିତ୍ୱରେ ଥିବା ରଶ୍ମିରାଜ ପଟ୍ଟନାୟକ ଓ ପ୍ରମୋଦ ମହାନ୍ତିଙ୍କ ସମେତ ଏହି ଶୋଭାଯାତ୍ରାରେ ଶତାଧିକ ସଦସ୍ୟ ଯୋଗ ଦେଇଥିଲେ।

# ଅଧ୍ୟକ୍ଷା ସ୍ୱାମୀଙ୍କ ଦବଙ୍ଗଗିରି, କୋର୍ଟ ଚାଲାଣ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳରେ ଗତକାଲିର ଏକ ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଥିବା ବେଳେ ବ୍ଲକ୍ ଅଧ୍ୟକ୍ଷାଙ୍କ ସ୍ୱାମୀଙ୍କର ଭଦ୍ର ମୁଖାକୁ ଖୋଲି ଦେଇଛି । ହିନ୍ଦୋଳ ବ୍ଲକ୍ ଅଧ୍ୟକ୍ଷା ସସ୍ମିତାରାଣୀ ନାୟକ ନାମକୁ ମାତ୍ର ଆସନରେ ବସିଥିବା ବେଳେ ତାଙ୍କ ସ୍ୱାମୀ ସ୍ଥାନୀୟ କିଛି ଦଲାଲ୍ ନେତାଙ୍କୁ ଧରି କିଭଳି ଦବଙ୍ଗଗିରି ଚଳାଇଛନ୍ତି ତା'ର ପର୍ଦ୍ଦାଫାଶ କରିଛନ୍ତି ଜଣେ ସରପଞ୍ଚ । ସୂଚନା ଅନୁଯାୟୀ ଗତ ୨୮ ତାରିଖ ବୁଧବାର ଦିନ ପାଖାପାଖି ୨ ଟା ସମୟରେ ହିନ୍ଦୋଳ ବ୍ଲକ୍ ଅନ୍ତର୍ଗତ ଗଣ୍ଡାନାଳି ସରପଞ୍ଚ କୌଣସି ଏକ କାର୍ଯ୍ୟ ପାଇଁ ହିନ୍ଦୋଳ ବ୍ଲକ୍ ଅଫିସକୁ ଆସିଥିଲେ । ମାତ୍ର ବ୍ଲକ୍ ଅଫିସରେ ହିନ୍ଦୋଳ ବ୍ଲକ୍ ଅଧ୍ୟକ୍ଷାଙ୍କ ସ୍ୱାମୀ ପ୍ରଶାନ୍ତ ନାୟକ ତାଙ୍କୁ ୫ ପ୍ରତିଶତ ପିସି ପାଇଁ ଜୋରଜବରଦସ୍ତ କରିଥିଲେ । ପିସି ନ ଦେବା ଯାଏଁ ତାଙ୍କୁ ବ୍ଲକ୍ ପରିସରରେ ବଳ ପୂର୍ବକ ଅଟକ ରଖିବା ସହ ଅସଭ୍ୟ ଭାଷାରେ କୁଆଡେ ଗାଳି ଗୁଲଜ କରିଥିଲେ ଏବଂ ଜୀବନରୁ ମାରିବାର ଧମକ ମଧ୍ୟ ଦେଇଥିଲେ। କୌଣସି ମତେ ଖାଇବା ବାହାନା ଦେଖାଇ ଗଣ୍ଡାନାଳୀ ସରପଞ୍ଚ ସୁନୀଲ ସ୍ୱାଇଁ ଅଟକ ସ୍ଥାନରୁ କୌଶଳ କ୍ରମେ ଖସି ଆସି ସ୍ଥାନୀୟ ହିନ୍ଦୋଳ ଥାନାରେ ଏତଲା ଦେଇଥିବା କହିଛନ୍ତି । ତେବେ କିଛିଦିନ ପୂର୍ବରୁ ହିନ୍ଦୋଳ ବିଡ଼ିଓ ମଧ୍ୟ ଏହି ଅସଭ୍ୟତା ପାଇଁ ପ୍ରଶାନ୍ତଙ୍କ ନାମରେ ଥାନରେ ଅଭିଯୋଗ କରିବା ସହ ସମସ୍ତ କର୍ମଚାରୀ କଲମ ଛାଡ ଆନ୍ଦୋଳନ କରିଥିଲେ । ଏବେ ପୁଣି ସରପଞ୍ଚ ସୁନୀଲଙ୍କ ଅଭିଯୋଗ ଆଧାରରେ ହିନ୍ଦୋଳ ପୋଲିସ୍ କେଶ୍ ନମ୍ବର ୩୦୧/୨୫ ମାମଲା ରୁଜୁ କରି ଅଧ୍ୟକ୍ଷାଙ୍କ ଦବଙ୍ଗ ସ୍ୱାମୀ ପ୍ରଶାନ୍ତଙ୍କୁ ଗତକାଲି ଥାନାରେ ହାଜିର୍ ହେବାକୁ କହିଥିଲା । ଦିନ ସାରା ଥାନରେ ଅଟକ ରଖିବା ପରେ ସନ୍ଧ୍ୟା ପ୍ରାୟ ୬ ଘଟିକା ସମୟରେ ପ୍ରଶାନ୍ତଙ୍କୁ ଥାନା ଗାଡ଼ିରେ ନେଇ ମେଡ଼ିକାଲ ଚେକ୍ ଅପ୍ ପରେ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି । ତେବେ କୋର୍ଟ ଚାଲାଣ ହୋଇଥିବା ଅଭିଯୁକ୍ତ ପ୍ରଶାନ୍ତଙ୍କୁ ମନ୍ୟବର ହିନ୍ଦୋଳ କୋର୍ଟ ଜାମିନ୍ ପ୍ରଦାନ କରିଛନ୍ତି ।

# ଶିମିଳିପାଳ ଜଙ୍ଗଲରେ ସଦ୍ୟ ଜନ୍ମିତ ହାତୀ ଛୁଆ ମୃତ, ଜଗି ରହିଛି ମା'ହାତୀ

ବାରିପଦା, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ରେଞ୍ଜ ବ୍ରାହ୍ମଣ ଗ୍ରାମପଞ୍ଚାୟତ ସାତଭାୟା ଶିମିଳିପାଳ ଜଙ୍ଗଲରେ ସଦ୍ୟ ଜନ୍ମିତ ହାତୀ ଛୁଆର ମୃତ୍ୟୁ ହୋଇଛି । ହେଲେ ମା'ର ମମତା ନିଆରା ।ଏହା ଯୋଗୁ ମା'ମଲା ହାତୀ ଛୁଆ ପାଖରେ ବାନ୍ଧି ହୋଇ ରହିଛି । ଛୁଆକୁ ଛାଡି ମା'ହାତୀ ଯାଉ ନାହିଁ । ସଦ୍ୟ ଜନ୍ମିତ ହାତୀ ଛୁଆଟି କିଛି କ୍ଷଣ ଜୀବିତ ପରେ ବୁଧବାର ସନ୍ଧ୍ୟା ସମୟରେ ମରିଯାଇଥିଲା । ହେଲେ ମା'ମନ ମାନି ନଥିଲା । କାଳେ ଛୁଆ ପୁଣି ଜୀବିତ ହେବ ଆଶା ନେଇ ମା'ପିଲାକୁ ଜଗି ବସିଥିଲା । ମା'ହାତୀ ମଲା ଛୁଆ ପାଖକୁ କାହାକୁ ପାଖକୁ ଛାଡୁନାହିଁ ହାତୀ । ବନବିଭାଗର ଏକ ଟିମ୍ ବୁଧବାର ଘଟଣାସ୍ଥଳକୁ ଯାଇ ସ୍ଥିତି ଦେଖିଥିଲେ । ମା'ହାତୀକୁ ମୃତ ପିଲାଠାରୁ ଦୂରେଇବା ପରେ ପୋଷ୍ଟ ମୋର୍ଟମ କରାଯାଇଥିଲା। ସୂଚନାଯୋଗ୍ୟ ବ୍ରାହ୍ମଣ ଗାଁ ପଞ୍ଚାୟତରେ ନଅଟି ଓ କୁମ୍ଭାରମୁଣ୍ଡାକଟା ପଞ୍ଚାୟତର ଖଇରିବଣୀ ଗ୍ରାମ ନିକଟ ବାଉଁଶ ବଣରେ ୧୨ଟି ହାତୀ ରହି ଉତ୍ପାତ ଜାରି ରଖିଛନ୍ତି ।

# କୂଅରେ ପଡିଲା ହାତୀ ଛୁଆ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ବନଖଣ୍ଡ ସଦର ରେଞ୍ଜ ଖଡଗପ୍ରସାଦ ଗ୍ରାମରେ ଥିବା ଏକ କୂଅରେ ହାତୀଛୁଆ ଗଳି ପଡିଥିବାବେଳେ ବନବିଭାଗ ସେଠାରେପହଞ୍ଚି ହାତୀ ଛୁଆକୁ ଉଦ୍ଧାର କରିଥିବାର ଜଣାପଡିଛି । ଢେଙ୍କାନାଳ ଜିଲ୍ଲା ସଦର ରେଞ୍ଜ ଅନ୍ତର୍ଗତ ଖଡ଼ଗପ୍ରସାଦ ଗ୍ରାମ ନିକଟରୁ ଏଭଳି ଘଟଣା ସାମ୍ନାକୁ ଆସିଛି । ଗାଁ ନିକଟସ୍ଥ ରାସ୍ତା ନିକଟରେ ଥିବା ଏକ କୂଅରେ ଖସିପଡିଥିଲା । ହାତୀ ଛୁଆର ବୟସ ୭ ରୁ ୮ ମାସ ହେବ ବୋଲି ଅନୁମାନ କରାଯାଉଛି ।୫୫ ନମ୍ବର ଜାତୀୟ ରାଜପଥ ଠାରୁ ଖଡଗ ପ୍ରସାଦ ଗାଁ ଭିତରକୁ ଯିବା ରାସ୍ତାରେ ଥିବା ଏକ ପରିତ୍ୟକ୍ତ କୂଅରେ ଅସାବଧାନତାବଶତଃ ହାତୀ ଛୁଆଟି ଖସି ପଡିଥିଲା । ବନବିଭାଗ ଟିମ୍ ଘଟଣାସ୍ଥଳରେ ପହଞ୍ଚି ହାତୀ ଛୁଆକୁ ପୁଣି ଜଙ୍ଗଲକୁ ଛାଡିବା ସହିତ ହାତୀ ଛୁଆ ଉପରେ ନଜର ରଖିଥିବାର ଜଣାପଡିଛି ।

# ଶ୍ରୀ ଶଙ୍କରାଚାର୍ଯ୍ୟ ଗୋଶାଳାରେ ଗୋଷ୍ଠାଷ୍ଟମୀ

ଗୋଡ଼ିବନ୍ଧ,(ସବ୍ୟୁ): ତାଳଚେର ବ୍ଲକରେ ଶ୍ରୀ ଶଙ୍କରାଚାର୍ଯ୍ୟ ଗୋଶାଳାରେ ପବିତ୍ର ଗୋଷ୍ଠାଷ୍ଟମୀ ମହାସମାରୋହରେ ପାଳିତ ହୋଇଯାଇଛି। ଆଜି ଗୁରୁବାର ପବିତ୍ର ଗୋଷ୍ଠାଷ୍ଟମୀରେ ତାଳଚେର ବ୍ଲକ ଘଣ୍ଟପଡା ପଂଚାୟତର ବାଘମରା ଗ୍ରାମରେ ଥିବା ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ଗୋଶାଳାରେ ହୋମଯଜ୍ଞ, ଗୋମାତାଙ୍କୁ ପୂଜାର୍ଚ୍ଚନା, ଭଜନ ସଂକୀର୍ତନ, ପ୍ରବଚନ ଆଦି କାର୍ଯ୍ୟକ୍ରମ କରାଯାଇଛି। ପୁରୀ ଗୋବର୍ଦ୍ଧନ ପୀଠରୁ ଆସିଥିବା ଗୋ ମାତାଙ୍କୁ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସାମୁହିକ ଭାବେ ପୂଜାର୍ଚ୍ଚନା କରାଯାଇଥିଲା। ବୈଦିକ ରୀତିନୀତି ଅନୁଯାୟୀ ଆଧ୍ୟାତ୍ମିକ ପରିବେଶ ରେ ସକାଳୁ ହୋମଯଜ୍ଞ କରାଯାଇଥିଲା। ପ୍ରଥମ ଥର ପାଇଁ ତାଳଚେରରେ



ପୀଠ ପରିଷଦ ଅନ୍ତର୍ଗତ ଆଦିତ୍ୟ ବାହିନୀ, ଆନନ୍ଦ ବାହିନୀ ଦ୍ୱାରା ଉକ୍ତ କାର୍ଯ୍ୟକ୍ରମ କରାଯାଇଥିଲା। ଉକ୍ତ ଭବ୍ୟ ପରିବେଶ ମଧ୍ୟରେ ବିଭିନ୍ନ ଗ୍ରାମରୁ ଆସିଥିବା ସଂକୀର୍ତନ ମଣ୍ଡଳୀ ନାମକୀର୍ତନ କରିଥିଲେ। ଉପସ୍ଥିତ ଶତାଧିକ ଜନସାଧାରଣ ପ୍ରସାଦ ସେବନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜଗତ ଗୁରୁ ଶଙ୍କରାଚାର୍ଯ୍ୟଙ୍କର ସେବା ସଚିବ ବରୁଣ କୁମାର ସାହୁ, ପର୍ଶୁରାମ ବାରିକ, ଡ଼ଃ ସଂଜୀବ ରାଉତ, ଜ୍ୟୋର୍ତିମୟ ରଥ, ଜଗଦୀଶ ମିଶ୍ର, ଅମିତ କୁମାର ଦାସ, ସରୋଜିନୀ ସାହୁ, ଅଞ୍ଜଳି ସାହୁ, ଅମୁଲ୍ୟ ସାହୁ, ଗଙ୍ଗାଧର ବେହେରା, ପୂର୍ଣଚନ୍ଦ୍ର ବେହେରାଙ୍କ ସମେତ ଶତାଧିକ ଆଦିତ୍ୟ ବାହିନୀ କର୍ମକର୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲ୍ଲା କାର୍ଯ୍ୟବାହ ଅନିଲ ମହାନ୍ତି, ଜିଲ୍ଲା ପ୍ରଚାରକ ଅନନ୍ତ କୁମାର ସାହୁ,ଜିଲ୍ଲା ପରିଷଦ ସଦସ୍ୟା ରିତା ଦାସଙ୍କ ସମେତ ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ।

# ରାଣୀଗୋଡାରେ ମାଗଣା ସ୍ୱାସ୍ଥ୍ୟ ଶିବିର

ଅନୁଗୋଳ,(ସବ୍ୟୁ): ସହର ଉପକଣ୍ଠ ରାଣୀଗୋଡା ବଗାଧର ପୀଠ ପରିସରରେ ଥିବା ବରିଷ୍ଟ ନାଗରିକ ମଞ୍ଚ ସଭାଗୃହ ଠାରେ ଗୁରୁବାର ସକାଳ ୧୦ ଘଟିକା ଠାରୁ ଅପରାହ୍ନ ଦୁଇ ଘଣ୍ଟା ୩୦ ମିନିଟ ପର୍ଯ୍ୟନ୍ତ ବରିଷ୍ଠ ନାଗରିକ ମଞ୍ଚ ରାଣୀଗୋଡା ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମିଳିତ ସହଯୋଗରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସ୍ୱାସ୍ଥ୍ୟ ଶିବିରକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମଦନମୋହନ ପ୍ରଧାନଙ୍କ କରକମଳରେ ଉଦଘାଟନ କରା ଯାଇଥିଲା। ଉଦଘାଟନୀ ଉତ୍ସବର ଆୟୋଜିତ ସଭାରେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ରାଜକିଶୋର ଦାସ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମଦନମୋହନ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ପ୍ରଦୀପ କୁମାର ସାହୁ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ବରିଷ୍ଠ ନାଗରିକ ମଞ୍ଚର ମହନୀୟ କାର୍ଯ୍ୟ ପରିଚାଳନାରେ ଉଚ୍ଚ ପ୍ରଶଂଶା କରି ବରିଷ୍ଠ ନାଗରିକମାନେ ଦୃଢ ମନୋବଳ ଗଭୀର ଆତ୍ମବିଶ୍ୱାସ ଓ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟ ସୁଚାରୁ ରୂପେ ,ନିର୍ବାହ କଲେ ନିଜ ଗାଁ' , ସମାଜ ଓ ଦେଶର ମଙ୍ଗଳ ହେବା ସଂଗେ ସଂଗେ ଆତ୍ମସନ୍ତୋଷ ଲାଭ ହେବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ମଞ୍ଚର ସଂପାଦକ ପୂର୍ଣ୍ଣଚନ୍ଦ୍ର ସିଂହ ସାମନ୍ତ ସଂଯୋଜନା କରିଥିବା ବେଳେ ଉପ ସଭାପତି ରମେଶ ଚନ୍ଦ୍ର ସାହୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସାହାଯ୍ୟ ସହଯୋଗ ଓ ବଦାନ୍ୟତା ପାଇଁ ରାଣୀଗୋଡା ବରିଷ୍ଠ ନାଗରିକ ବୃନ୍ଦ ଚିର ଋଣୀ ରହିବେ କହି ଧନ୍ୟବାଦ ଅର୍ପଣ କରିଥିଲେ।

ସ୍ୱାସ୍ଥ୍ୟ ଶିବିରକୁ ପରିଚାଳନା କରିବା ନିମନ୍ତେ ଭେଷଜ ସହକରୀ ପ୍ରାଧ୍ୟାପକ ଶଶିକାନ୍ତ ଚୌଧୁରୀ,ଚକ୍ଷୁ ବିଶେଷଜ୍ଞ ନିଳମାଧବ ପ୍ରଧାନ,ଚକ୍ଷୁ ରୋଗ ସହାୟିକା କଳ୍ପନା ଜେନା, ଟେକନିସିଆନ ମନୋରଞ୍ଜନ ପଣ୍ଡା, ଫାର୍ମାସୀଷ୍ଟ ଗୋପାଳ କୃଷ୍ଣ ରାଉତ, ସ୍ୱାସ୍ଥ୍ୟ କର୍ମୀ ମାନସ ରଞ୍ଜନ ପ୍ରଧାନ, ମହିଳା ସ୍ୱାସ୍ଥ୍ୟ କର୍ମୀ ବାସନ୍ତୀ ସାହୁ ଗାଁ'ର ଆଶାକର୍ମୀ ଦମୟନ୍ତୀ ଦେହୁରୀ ଉପସ୍ଥିତ ଥିଲେ। ଶିବିରରେ ଶହେ ଏକୋଇଶ ଜଣ ବରିଷ୍ଠ ନାଗରିକ ଅଂଶ ଗ୍ରହଣ କରି ଚିକିତ୍ସିତ ହେବା ସହ ଆବଶ୍ୟକୀୟ ଔଷଧ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସ୍ୱାସ୍ଥ୍ୟ ପରିଦର୍ଶକ ସୁଧିର କୁମାର ବେହେରା ସହଯୋଗ କରିଥିବା ବେଳେ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ଗୋବିନ୍ଦ ଚନ୍ଦ୍ର ସାମନ୍ତ, ହୃଷିକେଶ ସାହୁ, କିଶୋର ଚନ୍ଦ୍ର ସାହୁ, ନିମେଇଁ ଚରଣ ସାହୁ, ବାବାଜୀ ସାସମଲ, ଯୁଗ୍ମ ସମ୍ପାଦକ ଅରୁଣ କୁମାର ଦାସ, କୋଷାଧ୍ୟକ୍ଷ ଦାମୋଦର ଦାସ, ସଂଗଠନ ସମ୍ପାଦକ ତ୍ରେତାନନ୍ଦ ସାମନ୍ତ, ସମୀକ୍ଷକ ଧ୍ରୁବଚରଣ ସାହୁ, ସଦସ୍ୟ ଗନ୍ଧର୍ବ ବେହେରା, ଗୋକୁଳ ଚନ୍ଦ୍ର ସାମନ୍ତ ପ୍ରମୁଖ ଓ ଗ୍ରାମବାସୀଙ୍କ ତରଫରୁ ବିରେନ ଦାସ, ଆଭାସ ଦାସ, ଜ୍ଞାନୀ ମହାପାତ୍ର ଓ ଅନନ୍ୟା ସଦସ୍ୟ ପ୍ରମୁଖ ଉପସ୍ଥିତ ଥାଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# କାମାକ୍ଷାନଗରପାଇଁ ଗୌରବ ଆଣିଲେ ରିତିଶା

କାମାକ୍ଷାନଗର: ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ପାଇଁ ଗୌରବ ଆଣିଛନ୍ତି ରିତିଶା ସାହୁ ବୋଲି ଜଣାପଡିଛି । ସେ ଦୁଇ ଶହ ଛଅ ସ୍ତରୀ ରିୟା ଙ୍କ ରଖି ଥିବା ରୀତିଶା ଙ୍କ ବାପା ଯୁଧିଷ୍ଠିର ସାହୁ ଓ ମାଆ ରଞ୍ଜିତା ରାଣୀ ସାହୁ ଙ୍କ ପ୍ରେରଣା ପାଇଆଜି ଗର୍ବିତ ହୋଇଥିବା କହିଛନ୍ତି ।ପିଲାଟି ଦିନରୁ ଭୁବନେଶ୍ୱରର ଡି. ଏ. ଭି. ପରେ




ପରେ ରାଉରକେଲା ରୁ ଏନ. ଆଇ.ଟି ଶିକ୍ଷା ସମାପ୍ତ କରିଥିଲେ ।ବର୍ତ୍ତମାନ ରିତିଶା ବାଲେଶ୍ୱର ଜିଲ୍ଲାସୋର ରେ ଉଠା ଜଳ ସେଚନ ବିଭାର ଅତିରିକ୍ତ ନିର୍ବାହୀଯନ୍ତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି ।ଏ ଖବର ଜଣାପଡିବା ପରେରିତିଶାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ର ସୁଅ ଛୁଟୁଛି ।ରିତିଶା ଙ୍କ ଘର କାମାକ୍ଷାନଗର ବ୍ଲକ୍ କାଦୁଆ ପଂଚାୟତ ର ସମା ଟାଙ୍ଗୀଗ୍ରାମରେ ବୋଲି ଜଣାପଡିଛି । ସାରଙ୍ଗ ଧର ଉଚ୍ଚ ବିଦ୍ୟାଳୟର ବିଶିଷ୍ଟ ଶିକ୍ଷାବିତ୍‌ସ୍ୱର୍ଗତ ଗିରିଶ ଚନ୍ଦ୍ର ବିଶ୍ୱାଳଙ୍କ ନାତୁଣୀକାମାକ୍ଷାନଗର ଷ୍ଟାମ୍ପ ଭେଣ୍ଡର ପ୍ରିତି କାନ୍ତ ବିଶ୍ୱାଳଙ୍କ ଭାଣିଜି ଅଟନ୍ତି । ତାଙ୍କର ଏହି ସଫଳତା ପାଇଁ କାମାକ୍ଷାନଗର ଅଞ୍ଚଳ ଗର୍ବିତ ହୋଇଥିବା ଜଣାପଡିଛି ।

# ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ରେଙ୍ଗାଳି ,(ସବ୍ୟୁ):ରେଙ୍ଗାଳି ପୋଲିସ ପକ୍ଷରୁ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ଠାରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଦିବସ ରେ ଲୌହ ମାନବ ସର୍ଦାର ବଲ୍ଲଭଇ ପଟେଲଙ୍କ ବିଷୟରେ ଅତିଥିମାନେ ସ୍ମୃତିଚାରଣ କରିଥିଲେ ଓ ତାପରେ ଲୌହ ମାନବଙ୍କ ବିଷୟରେ ରଚନା ଓ ଭାଷଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ରେଙ୍ଗାଳି ଥାନା ଅଧିକାରୀ ଜୟନ୍ତ ମହାନ୍ତି, ଏଏସଆଇ ତ୍ରିନାଥ ଦେହୁରୀ ,ଶିକ୍ଷକ ଗିରିଧାରୀ ବାରିକ,ତିଲୋତ୍ତମା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଆଠମଲ୍ଲିକ କଲେଜ ଇତିହାସ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ଆଠମଲ୍ଲିକ ,(ସବ୍ୟୁ) :ଆଠମଲ୍ଲିକ ମହାବିଦ୍ୟାଳୟ ଇତିହାସ ବିଭାଗର ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ଉଦେଶ୍ୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ମୁଖ୍ୟ ତଥା ମହାବିଦ୍ୟାଳୟ ଅଧକ୍ଷ ଡ଼ ତ୍ରିଲୋଚନ ପ୍ରଧାନଙ୍କ ପୌରହିତ୍ୟରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଇତିହାସ ବିଭାଗ ହେଉଛି ସମସ୍ତ ବିଷୟ ବସ୍ତୁର ମୂଳ ଆଧାର, ତତ ସହିତ ନିର୍ଦ୍ଧିଷ୍ଟ ଲକ୍ଷ ରଖି ପାଠ ପଢିଲେ ସଫଳତାର ପାହାଚ ଛୁଇଁ ପାରିବ ବୋଲି ଡ଼ ପ୍ରଧାନ ବକ୍ତବ୍ୟରେ ପ୍ରକାଶ କରିଥିଲେ । ବିଭାଗର ଅନ୍ୟତମ ଅଧ୍ୟାପକ କ୍ଷୀରୋଦ ଚନ୍ଦ୍ର ପ୍ରଧାନ ଛାତ୍ରଛାତ୍ରୀମାନଙ୍କୁ ଇତିହାସର ମୂଲ୍ୟାୟନ ସମ୍ପର୍କରେ ଦିଗଦର୍ଶନ ପ୍ରଦାନ କରିଥିଲେ । ଅଧ୍ୟାପିକା ମମତା ମହାପାତ୍ର ଇତିହାସର ସ୍ୱରୂପ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ସଭାକାର୍ଯ୍ୟକୁ ରାକେଶ କର୍ଣ୍ଣ, କେଶବ ନାୟକ, ରାକେଶ ମହାନନ୍ଦିଆ ପରିଚାଳନା କରିଥିବା ବେଳେ ଛାତ୍ର ବାଦଲ



ସିଂ, କାର୍ତ୍ତିକେଶ୍ୱର ବାଘ, ମାଳତୀ ଡାଙ୍ଗ, ଜ୍ୟୋତି ଲାଲ ସାହୁ, ଟୁନା ଲାଲ ପ୍ରଧାନ, ରଶ୍ମିତା ଛନ୍ଦଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଛାତ୍ର ସୁବ୍ରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସୂର୍ଯ୍ୟଘର ବେନିଫିସିଆରି ଟଚ୍ ପଏଣ୍ଟ ଉଦ୍‌ଘାଟିତ

ଭୁବନ,(ସବ୍ୟୁ): ଭୁବନ ଏନ୍ ଏ ସି ଅନ୍ତର୍ଗତ ଲତାବିଲ ଠାରେ ସାସା ଇଞ୍ଜିନିୟରିଂ ଏଣ୍ଡ ଏନର୍ଜି ଦ୍ୱାରା ପି.ଏମ. ସୂର୍ଯ୍ୟଘର




ମୁଫ୍ତ ବିଜୁଳି ଯୋଜନା' ଅଧୀନରେ ଏକ ବେନିଫିସିଆରି ଟଚ ପଏଣ୍ଟର ଉଦଘାଟିତ ହୋଇଛି। ଏହି ଅବସରରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟଅତିଥି ଯୋଗଦେଇ ସରକାରଙ୍କ ଲକ୍ଷ୍ୟ ହେଉଛି ସଫା ଉର୍ଜାକୁ ପ୍ରୋତ୍ସାହନ ଦେଇ ପ୍ରତ୍ୟେକ ଘରକୁ ସୂର୍ଯ୍ୟ ଶକ୍ତି ମାଧ୍ୟମରେ ବିଜୁଳି ପହଞ୍ଚାଇବା ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ମାନ୍ୟଗଣ୍ୟ ଭଦ୍ର ବ୍ୟକ୍ତି ,ଉର୍ଜା ବିଭାଗ ସମ୍ବନ୍ଧୀୟ ପ୍ରତିନିଧି ଓ ଜନସାଧାରଣ ଉପସ୍ଥିତ ଥିଲେ। ସାସା ଇଞ୍ଜିନିୟରିଂ ଏଣ୍ଡ ଏନର୍ଜିର ପ୍ରୋପ୍ରାଇଟର ଏବଂ ମ୍ୟାନେଜିଂ ଡାଇରେକଟର ସନ୍ଦୀପ କୁମାର ଦାଶ ଅତିଥିମାନଙ୍କୁ ଧନ୍ୟବାଦ ଜଣାଇ ସରକାରଙ୍କ ଗ୍ରୀନ୍ ଏନର୍ଜି ଉଦ୍ୟମରେ ନିଜ ନିଷ୍ଠା ପୁନରୁଚ୍ଚାର କରିଥିଲେ। ସଂସ୍ଥା ପକ୍ଷରୁ ସୂର୍ଯ୍ୟ ଶକ୍ତି ସଂସ୍ଥାପନ ଓ ରକ୍ଷାପୋଷଣରେ ସମଗ୍ର ସେବା ପ୍ରଦାନ କରି ଗ୍ରାମ ଓ ସହର ଅଞ୍ଚଳରେ ଶସ୍ତା ଉର୍ଜା ଯୋଗାଣକୁ ନିଶ୍ଚିତ କରିବା ଲକ୍ଷ୍ୟ ରହିଛି। ସାସା ଇଞ୍ଜିନିୟରିଂ ଏଣ୍ଡ ଏନର୍ଜିର ସନ୍ଦୀପ କୁମାର ଦାଶ, ଆଶିଷ ରଞ୍ଜନ ଦାଶ, ଅରବିନ୍ଦ ଦାଶ, ସଞ୍ଜୀବ କୁମାର ମହାପାତ୍ର, ମାଳବିକା ମିଶ୍ର, ପ୍ରିୟବ୍ରତ ସାହୁ, ନିହାରିକା ପ୍ରଧାନ, ମୋନାଲିସା ମିଶ୍ର (ଭୁବନ ଅଫିସ୍ ପ୍ରୋପ୍ରାଇଟର) ମଧୁସ୍ମିତା ସେନ ଉପସ୍ଥିତ ଥିଲେ।

## ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲା

# ୧୧୪ ଆଶାୟୀଙ୍କ ଜାମିନ ପରେ ଜେଲ୍‌ରେ ଅଭିଭାବକଙ୍କ ଭିଡ଼

ବ୍ରହ୍ମପୁର,(ସବ୍ୟୁ): ଓଡିଶା ପୋଲିସ ନିଯୁକ୍ତି ବୋର୍ଡ (ଓପିଆର ବି) ଦ୍ୱାରା ଆୟୋଜିତ ସବ-ଇନ୍ସପେକଟର ପରୀକ୍ଷା ଜାଲିଆତି ମାମଲାରେ ମୋଟ ୧୨୩ ଜଣ ବିଚାର ବିଭାଗୀୟ ହାଜତରେ ରହି ଥିବା ବେଳେ ସେମାନଙ୍କ ମଧ୍ୟରୁ ୧୧୪ ଜଣ ବ୍ରହ୍ମପୁର ମଣ୍ଡଳ କାରାଗାରରୁ ମୁକୁଳି ଛନ୍ତି । ୧୧୪ ଜଣ(ଅଶାୟୀ) ପରୀକ୍ଷାର୍ଥୀ ଜାମିନ ପାଇଁ କୋର୍ଟରେ ଆବେଦନ କରିଥିଲେ । ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଜ୍ଞାନେନ୍ଦ୍ର କୁମାର ବାରିକ ଏହାର ଶୁଣାଣି କରି ଆଶାୟୀଙ୍କୁ ଜାମିନ ପ୍ରଦାନ କରିଛନ୍ତି । ଏନେଇ ଏପିପି ରଜତ କୁମାର ଦାଶ ସୂଚନା ଦେଇଛନ୍ତି । ଗୁରୁବାର ଦିନ ଅଶାୟୀ ମାନେ ଜାମିନରେ ବ୍ରହ୍ମପୁର ଜେଲରୁ ବାହାରିବା ନେଇ ସେମାନଙ୍କ ପରିବାର ଲୋକଙ୍କ ଭିଡ଼



ଏବେ ଜେଲ ବାହାରେ ଦେଖିବାକୁ ମିଳିଛି । ଗତ ସେପଟମ୍ବର ୨୯ ତାରିଖ ରାତିରେ ବ୍ରହ୍ମପୁର ପୋଲିସ ଆନ୍ଧ୍ରପ୍ରଦେଶ ସୀମାରେ ୩ଟି ବସକୁ ଅଟକ କରିଥିଲା । ବ୍ରହ୍ମପୁର ଏସପି ଡ଼ା ସର୍ଣା ବିବେକ ଏମଙ୍କ ନେତୃତ୍ୱରେ ତିନିଟି ଟିମ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମରେ ପହଞ୍ଚି ତିନୋଟି ବସ ସହ ୧୧୭ ଜଣଙ୍କୁ ବ୍ରହ୍ମପୁର ନେଇ ଆସିଥିଲେ । ଯାଞ୍ଚରେ ମିଳିଲା ଯେ, ସେଥିରେ ମୋଟ ୧୧୭ ଯାତ୍ରୀ ଥିଲେ, ଯେଉଁଥିରୁ ୧୧୪ ଜଣ ଓପିଆରବି ସବ-ଇନ୍ସପେକ୍ଟର ପରୀକ୍ଷା ପାଇଁ ଆବେଦନ କରିଥିଲେ । ପ୍ରଶ୍ନପତ୍ର ପାଇଁ ସେମାନେ ଆନ୍ଧ୍ରପ୍ରଦେଶର ବିଜୟନଗରମ ଯାଉଥିଲେ । ସେମାନେ ଭୁବନେଶ୍ୱରରୁ ବସରେ ଚଢ଼ି ବିଜୟନଗରମକୁ ଯାଉଥିଲେ । ସେଠାରେ ଗୁପ୍ତ ସୂଚନା ଦେଇ ଭୁବନେଶ୍ୱରକୁ ଫେରି ପରୀକ୍ଷାରେ ବସିବା ସେମାନଙ୍କ ଯୋଜନା ଥିଲା । ପ୍ରତିଜଣ ପ୍ରାର୍ଥୀ ୨୫ ଲକ୍ଷ ଟଙ୍କା ଦେବାକୁ ଥିବା ବେଳେ ପ୍ରଥମେ ୧୦ ଲକ୍ଷ ଏବଂ ଚାକିରି ନିଶ୍ଚିତ ହେଲେ ଅନ୍ୟ ୧୫ ଲକ୍ଷ ଦେବା ପାଇଁ ନିଷ୍ପତ୍ତି ହେଇଥିବା ବେଳେ ପୋଲିସ ଜାଲିଆତି ର ପର୍ଦ୍ଦାଫାସ କରିଥିଲା ।ଏହି ଘଟଣା ରେ ପୋଲିସ ତଦନ୍ତ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ଘଟଣାରେ ସେମାନେ ଜାମିନ ଆବେଦନ କରି ଜେଲରୁ ମୁକୁଳି ଥିବା ବେଳେ ସେମାନଙ୍କ ପରିବାର ପକ୍ଷରୁ ବ୍ରହ୍ମପୁର ମଣ୍ଡଳ କାରାଗାରର ଅଗରେ ସେମାନଙ୍କ ନେବା ପାଇଁ ଭିଡ ଜମାଇଥିଲେ ।

# ୧ରୁ ଖୋଲିବ କୁଳଡିହା ଅଭୟାରଣ୍ୟ

ନୀଳଗିରି,(ସବ୍ୟୁ) :ନୀଳଗିରି ଉପଖଣ୍ଡ ଶୀତଳ ପାହାଡ଼ଘେରା ଓ ଘନ ସଂରକ୍ଷିତ ଜଙ୍ଗଲର ଅପରୂପ ସୌନ୍ଦର୍ଯ୍ୟମୟୀ କୁଳଡିହା ଅଭୟାରଣ୍ୟ ପ୍ରକୃତିପ୍ରେମୀ ଓ ପର୍ଯ୍ୟଟକଙ୍କ ପାଇଁ ଆସନ୍ତା ନଭେମ୍ବର ୧ ରୁ ଖୋଲିବ । ଏନେଇ ନୀଳଗିରି କେଉଁପୁର ପଞ୍ଚାୟତ ବାଲିଆନାଳ ଫାଟକ ଦେଇ କୁଳଡିହା ଅଭୟାରଣ୍ୟକୁ ପର୍ଯ୍ୟଟକ ମାନେ ସକାଳ ୧୦ଟା ସମୟରେ ପ୍ରବେଶ କରିବେ। ବର୍ଷାଋତୁ ପାଇଁ ଗତ ଜୁନ୍ ୧୫ରୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିଥିବା ବେଳେ ଆସନ୍ତା ନଭେମ୍ବର ୧ରୁ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ଅଭୟାରଣ୍ୟ ଖୋଲିବ। ୨୭୨.୭୫ ବର୍ଗ କି.ମି. ପରିବ୍ୟାପ୍ତ ଏହି କୁଳଡିହା ଅଭୟାରଣ୍ୟରେ ହାତୀ, ବାଘ, ଭାଲୁ, ସମ୍ବର, ହରିଣ, ଠେକୁଆ, ନାକଗାଈ, ବଣିଆ କୁକୁଡ଼ା, ବନ୍ୟକାପ୍ତା, ମୟୂର ଇତ୍ୟାଦି ବନ୍ୟପ୍ରାଣୀ ଓ ବିଭିନ୍ନ ପ୍ରକାରର ଦେଶୀ ଏବଂ ବିଦେଶୀ ପକ୍ଷୀ ଦେଖାଯାଇଥାନ୍ତି। ଏଠାରେ ପୂରଣରି ପର୍ଯ୍ୟଟନ ଓ ପର୍ଯ୍ୟଟନର ବିକାଶ ଲାଗି ଯୋଡ଼ିଶୋଲ ଠାରେ ରିସୋଟ ପ୍ରକୃତି ନିବାସ ଖୋଲାଯାଇଛି। ରାତ୍ରି ରହଣି ନିମନ୍ତେ ୯ଟି ତମ୍ବୁଘର ହୋଇଛି ଏହା ସହ ନେଟୱର୍କ କ୍ୟାମ୍ପ ପାଖରେ ପର୍ଯ୍ୟଟକଙ୍କ ପାଇଁ ରିସିଭ ବ୍ୟାମ ଭିତରେ ବୋର୍ଟି ବ୍ୟବସ୍ଥା ରହିଥିଲା। କିନ୍ତୁ ଗତ କିଛି ବର୍ଷରେ କୁଳଡିହା ବନବିଭାଗ ବିକାଶର ପ୍ରସ୍ତୁତିରେ ଉପରେ ଦୃଷ୍ଟି ଦେଇ ନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଆସନ୍ତା ନଭେମ୍ବର ୧ରୁ ଖୋଲିବ କୁଳଡିହା ଅଭୟାରଣ୍ୟ ବେଳେ ଅଭୟାରଣ୍ୟରେ ଏ ଯାବତ ରାସ୍ତା ମରାମତି ହୋଇପାରିନି କି ଅନ୍ୟ ବିକାଶ କାର୍ଯ୍ୟ ମଧ୍ୟ କରାଯାଇନି । ଦୀର୍ଘ ପ୍ରାୟ ୨ ବର୍ଷ ତଳୁ ଅଭୟାରଣ୍ୟ ଭିତରେ ଥିବା ରାସ୍ତା ମରାମତି ହୋଇଥିଲା। ସେହିପରି ଅଭୟାରଣ୍ୟ ଭିତରେ ଥିବା ଏଫ୍.ଆର୍.ଏଚ୍.ଟି ମରାମତି ଅଭାବରୁ ଜରାଜୀର୍ଣ୍ଣ ପାଲଟି ଯାଇଛି। ଯୋଡ଼ିଶୋଲ ଠାରେ ଥିବା ପ୍ରକୃତି ନିବାସରେ ତମ୍ବୁ ଗୁଡ଼ିକ ଛିଣ୍ଡି ନଷ୍ଟ ହୋଇଯାଇଛି। ସୋଲାର ସିଷ୍ଟମ ଅଚଳ ହୋଇଛି ଏଠାରେ ଆଲୁଅ ବ୍ୟବସ୍ଥା ସଠିକ ଭାବେ ହୋଇ ପାରୁନି। ବୋର୍ଟି ବ୍ୟବସ୍ଥା ମଧ୍ୟ ବନ୍ଦ ହୋଇ ପଡ଼ିଛି। ବନବିଭାଗ ବିକାଶ ଦିଗରେ ଦୃଷ୍ଟି ଦେଉ ନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଏ ସମ୍ପର୍କରେ ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ଫୋନ କରିବାରୁ ସେ ଉଠାଉନଥିଲେ। କୁଳଡିହା ରେଞ୍ଜର ସୁବ୍ରତ କୁମାର ବେହେରା କୈଫିୟତ ସ୍ପଷ୍ଟ ଉତ୍ତର ଦେଉନଥିଲେ । ଏ.ସି.ଏଫ୍ ଚନ୍ଦ୍ରିକା ସେଠିଙ୍କ ମତାମତ ନେବାକୁ ଏହି ବିଷୟକୁ ଗୁରୁତ୍ୱର ସହ ନେଇଛୁ କିଛି କାର୍ଯ୍ୟ ଆରମ୍ଭ ହେଲାଣି ଓ ଆସନ୍ତା ଦିନରେ ପ୍ରକୃତି ନିବାସର ନବୀକରଣ କରିବୁ ବୋଲି ଉତ୍ତର ରଖିଥିଲେ।

## ମଦ ଜବତ : ଡ୍ରାଇଭର ଗିରଫ, ଭ୍ୟାନ ଜବତ

ଖଇରା,(ସବ୍ୟୁ):ଆଗରପଡା଼ ଅଞ୍ଚଳକୁ ବରଇ–କୁପାରୀ ରାସ୍ତା ଦେଇ ଭଦ୍ରକ ଅଭିମୁଖେ ଯାଉଥିବା ମଦଭର୍ତ୍ତି ପିକ୍ଅପ ଭ୍ୟାନକୁ ଖଇରା ଥାନା ଅବକାରୀ ବିଭାଗ ଜବତ କରିଥିବା ବେଳେ ଡ୍ରାଇଭର କାହ୍ନୁ ସାହୁକୁ ଗିରଫ କରିଛନ୍ତି । ଉକ୍ତ ଗାଡିରେ ଥିବା ୨ହଜାର ଲିଟର ବେଆଇନ ମଦ ଥିବା ଖବର ପାଇଁ ବିଭାଗ ତରଫରୁ ଏହି ଚଢ଼ାଉ କରାଯାଇଥିଲା। ଖଇରା ଅବକାରୀ ଥାନା ଅଧିକାରୀ ସୁରଜ କୁମାର ଟିପାଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଏଥିରେ ସାମିଲ ଥିଲେ । ଜବତ ହୋଇଥିବା ମଦର ଆନୁମାନିକ ମୂଲ୍ୟ ଲକ୍ଷାଧିକ ହୋଇଥିବା ବେଳେ ଗିରଫ ଡ୍ରାଇଭରର ଘର ଆଗରପଡା଼ ଅଞ୍ଚଳରେ ବୋଲି ଜଣାପଡ଼ିଛି ।

# ତେଲକୋଇ ଓଏଲଏମ୍ ବିଭାଗରେ ଦୁର୍ନୀତି,ଏପିଡିଙ୍କ ଖୋଳତାଡ଼

କେନ୍ଦୁଝର,(ସବ୍ୟୁ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଓଏଲଏମ ବିଭାଗରେ ଦୁର୍ନୀତି ନେଇ ଖୋଳତାଡ଼ ଆରମ୍ଭ ହୋଇଛି।ଦୀର୍ଘଦିନ ଧରି ସିଆରପି ଓ ଏମବିକେଙ୍କ ମାଧ୍ୟମରେ ସିଧାସଳଖ ଭାବେ ବାୟିରେ ରହିଥିବା ବିଏଲସି ହିମାଂଶୁ ଶେଖର ନାଏକ ଅର୍ଥ ହରିଲୁଟ କରିବା ସହିତ ମହିଳା ଗୋଷ୍ଠୀଙ୍କୁ ଶୋଷଣ କରିଥିବା ନେଇ ବୁଧବାର ବିଦ ତଦନ୍ତ ପାଇଁ ଆସିଥିବା ଏପିଡି ଶୁଭଦର୍ଶୀ ଯୋଶୀଙ୍କ ନିକଟରେ ମହିଳାମାନେ ଅଭିଯୋଗ କରିବା ସହିତ ଆବଶ୍ୟକ କାଗଜପତ୍ର ପ୍ରଦାନ କରିଛନ୍ତି।ଏଠାରେ ସୂଚନାଯୋଗ୍ୟ ଯେ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀଙ୍କ ସଶକ୍ତିକରଣ,ସ୍ୱାବଲମ୍ବୀ ତଥା ଜୀବିକାନିର୍ବାହ ପାଇଁ ଓଏଲଏମ ବିଭାଗ ତରଫରେ ସରକାରଙ୍କ ପକ୍ଷରୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଉଛି।ତେବେ କେନ୍ଦୁଝର ଜିଲ୍ଲାର ଉପାନ୍ତ ତେଲକୋଇ ଅଞ୍ଚଳରେ ସଂପୃକ୍ତ ବିଏଲସି ଦୀର୍ଘ ୮ ବର୍ଷ ଧରି ମିଥ୍ୟା କାଗଜପତ୍ର ପ୍ରସ୍ତୁତ କରି ଅର୍ଥ ହେରଫେର କରି ଆସୁଛନ୍ତି।ଏନେଇ ମହିଳା ଗୋଷ୍ଠୀଙ୍କ ପକ୍ଷରୁ ଅତୀତରେ ଅନେକ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା।ଉଲଟା ମହିଳାଙ୍କୁ ନାଳି ଆଖି ଦେଖାଇବା ସହିତ ଅଭିଯୋଗକାରିଣୀ ବିରୋଧରେ ସଂପୃକ୍ତ ଅଧିକାରୀ ନାନା ହଇରାଣ ହରକତ କରୁଥିଲେ ବୋଲି ଅଭିଯୋଗ ହୋଇଛି।ତେବେ ଗତ ସେପ୍ଟେମ୍ବର ମାସରେ ମହିଳାମାନେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବା ପରେ ଉଚ୍ଚସ୍ତରୀୟ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିଲା।ଯାହା ଫଳରେ ଗତ ୨୪ ତାରିଖ ଦିନ ଜିଲ୍ଲା ଓଏଲଏମ ବିଭାଗ ପକ୍ଷରୁ ଡିପିଏମ ପବିତ୍ର ମୋହନ ବାରିକଙ୍କ ନେତୃତ୍ୱରେ ଏକ ୪ ଜଣିଆ ପ୍ରତିନିଧି ଦଳ ଆସି କେତେକ ସିଆରପି ଓ ଏମବିକେଙ୍କୁ ନେଇ ବ୍ଲକ ସଭାଗୃହରେ ଏକ ବୈଠକ ବସିଥିଲା।ସେଠାରେ ମଧ୍ୟ ଅନେକ ଏସଏଚଜି ମହିଳା ଅଭିଯୋଗ ପର୍ଚ୍ଚ ଦାଖଲ କରିଥିଲେ। ବୁଧବାର ଦିନ ଏପିଡି ଶୁଭଦର୍ଶୀ ଯୋଶୀ ବିଡ଼ିଓ ପୂର୍ଣ୍ଣଚନ୍ଦ୍ର ନାଏକଙ୍କ ଉପସ୍ଥିତିରେ ବିଭିନ୍ନ ନଥିପତ୍ର ତନଖିବା ସହିତ ମହିଳାଙ୍କ ନିକଟରୁ କେତେକ ଅର୍ଥ କାରବାର ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସଂଗ୍ରହ କରିଛନ୍ତି।ବିଭିନ୍ନ ଅଭିଯୋଗ ତଦନ୍ତ ପରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମହିଳାମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।ଓଏଲଏମ ବିଭାଗରେ ଦୁର୍ନୀତି ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ଓ ଏବେ ତଦନ୍ତ ଆରମ୍ଭ ନେଇ ପ୍ରଶାସନିକ ସ୍ତରରେ ଚର୍ଚ୍ଚା ପ୍ରକାଶ ପାଇଛି।ତେବେ ତେଲକୋଇ ଓଏଲଏମ ବିଭାଗର ଏହି ମହା ଦୁର୍ନୀତିକୁ ଶାସକ ଦଳର କେତେକ ନେତା ଦବାଇ ଦେବାକୁ ଉଦ୍ୟମ କରୁଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।ଆମକୁ ନ୍ୟାୟ ନ ମିଳିଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବାକୁ ମହିଳା ଗୋଷ୍ଠୀ ଚେତାବନୀ ଦେଇଛନ୍ତି।

# ବିଦ୍ୟୁତ୍ ଖୁଣ୍ଟ ପଡି ଛାତ୍ର ଗୁରୁତର



ସୋର,(ସବ୍ୟୁ):ସୋର ବ୍ଲକ ସରଶଙ୍ଖ ପଞ୍ଚାୟତ ସରଶଙ୍ଖ ଗ୍ରାମରେ ଗୁରୁବାର ସକାଳେ ବିଦ୍ୟୁତ ଖୁଣ୍ଟ ପଡି ନବମ ଶ୍ରେଣୀ ଛାତ୍ର ଗୁରୁତର ଆହତ ହୋଇ ସୋର ମେଡ଼ିକାଲରେ ଭର୍ତ୍ତି ହୋଇଛି। ସୂଚନା ଅନୁଯାୟୀ ଏହି ଛାତ୍ର ଦେବାଶିଷ ବେହେରା ଅନ୍ୟ ସହପାଠୀଙ୍କ ସହ ଟିଉସନ୍ ପଢ଼ାକୁ ଯାଉଥିବା ସମୟରେ ସେହି ରାସ୍ତା ଦେଇ ଯାଉଥିବା ଏକ କୁକୁଡ଼ା ଗାଡ଼ି ଧକ୍କାରେ ରାସ୍ତା କଡରେ ରହିଥିବା ବିଦ୍ୟୁତ କେବୁଲ ତାରକୁ ଧକ୍କା ଦେବାରୁ ବିଦ୍ୟୁତ ଖୁଣ୍ଟି ଉପୁଡ଼ି ପଡି ଦେବାଶିଷଙ୍କ ସାଇକେଲ ଉପରେ ପଡିଥିଲା। ଫଳରେ ଅନ୍ୟ ସହପାଠୀମାନେ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଦେବାଶିଷଙ୍କ ହାତ ଭାଙ୍ଗିବା ସହିତ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଦେବାଶିଷଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୋର ମେଡ଼ିକାଲରେ ଭର୍ତ୍ତି କରିବା ସହିତ ଗାଡିକୁ ଅଟକ ରଖି ସୋର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିଟିକୁ ଜବତ କରି ଥାନାରେ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ବିଦ୍ୟୁତ ତାର ଦୀର୍ଘଦିନ ଧରି ରାସ୍ତାରେ ଓହଳି ରହିଥିବା ବେଳେ ଗ୍ରାମବାସୀମାନେ ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ବିଭାଗୀୟ ଅବହେଳା ଏବଂ ଦାୟିତ୍ୱହୀନତା ପାଇଁ ଏଭଳି ଘଟଣା ଘଟିଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି।

# ପାଟ୍ରୋଲିଂ ଗାଡ଼ି ଉପରେ ଦନ୍ତାର ଆକ୍ରମଣ ଉଠାଇ କଚାଡ଼ି ଦେଲା ବୋଲେରୋ ଗାଡ଼ି

ବେତନଟି,(ସବ୍ୟୁ):ମୟୂରଭଞ୍ଜ ଜିଲ୍ଲା ବେତନଟି ରେଞ୍ଜ ଇଲାକାରେ ବିଚରଣ କରୁଥିବା ୨୦ଟିକିଆ ହାତୀପଲର ଗୁରୁବାର ସକାଳ ସାଢେଚାରି ସମୟରେ ସଂସା ଗାଁମୁଣ୍ଡ ଜଙ୍ଗଲ ରାସ୍ତା ଉପରେ ହଠାତ୍ ପଲଭିତରୁ ଦୌଡିଆସି ଏକ ବିଶାଳକାୟ ଦନ୍ତା ବନବିଭାଗର ଗାଡିଉପରେ ଆକ୍ରମଣ କରି ଭାଙ୍ଗିରୁଜି ଦେଇଛି । ସୂଚନା ମୁତାବକ ବେତନଟି ରେଞ୍ଜ ଅଧୀନ ଫୁଲଭେଟୀ ଇଲାକାରେ ୨୦ଟିକିଆ ଝାଡଖଣ୍ଡି ହାତୀପଲ ବିଚରଣ କରୁଥିବା ବେଳେ ବୁଧବାର ରାତି ବଲଗୁଡ଼ ଠାରେ ୧୮ନଂ ଜାତୀୟରାଜପଥ ଏବଂ ବାଙ୍ଗିରିପୋଷି ରୁଟ୍ରା ରେଳପଥ ଅତିକ୍ରମ କରି କୁଲେଇ ଇଲାକାରେ ପ୍ରବେଶ କରିଥିଲେ । ଗୁରୁବାର ଭୋର ଉଦିପୁରା–ମଣଚାପାଳ ସଂରକ୍ଷିତ ଜଙ୍ଗଲ ଅତିକ୍ରମ କରିବାପରେ ପଶ୍ଚିମବଙ୍ଗଭୁମ୍ବିଆ ଅଗ୍ରସର ହେଉଥିବା ଝାଡଖଣ୍ଡି ହାତୀପଲ ସଂସା ଗାଁମୁଣ୍ଡ ଜଙ୍ଗଲ ନିକଟରେ ରାସ୍ତା ଅତିକ୍ରମ କରୁଥିବା ବେଳେ ହଠାତ୍ ପଲ ଭିତରୁ ଏକ ବିଶାଳ ଦନ୍ତାହାତୀ ଦୌଡିଆସି ବନବିଭାଗର ପେଟ୍ରୋଲିଂ ଗାଡିଉପରେ ଆକ୍ରମଣ କରିଦେଇ ଗାଡିଭିତରେ ଥିବା ଚାଳକ ଏବଂ ବନବିଭାଗର କର୍ମଚାରୀ ଗାଡି ଛାଡିଦେଇ ଜୀବନ ରକ୍ଷାଇ ଦୌଡିପଳାଇ ଥିଲେ । ଦନ୍ତାହାତୀ ଦାନ୍ତରେ ବୋଲେରୋ ଗାଡିର ସମ୍ମୁଖ ଭାଗକୁ ଉଠାଇ କଚାଡି ଦେଇଥିଲା । ଏଥିରେ ପେଟ୍ରୋଲିଂଗାଡିର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଛି। ଏହାପରେ ହାତୀପଲ ରାଉରପା ସଂରକ୍ଷିତ ଜଙ୍ଗଲ ଭିତରକୁ ପ୍ରବେଶ କରିଥିଲେ । ଗୁରୁବାର ରାତି ସୁଦ୍ଧା ହାତୀପଲ ସଂରକ୍ଷିତ ଜଙ୍ଗଲରୁ ବାହାରି ନଥିବା ବେଳେ ହାତୀପଲ ଗତିବିଧି ଉପରେ ନଜର ରଖିବାକୁ ବନବିଭାଗର ଟିମ ଘଟଣାସ୍ଥଳରେ ଜଗେ ସଜାଗ ରହିଥିବା ନେଇ ଡେପୁଟି ରେଞ୍ଜର ଧ୍ରୁବେନ୍ଦ୍ରନାଥ ନାୟକ ସୂଚନା ଦେଇଛନ୍ତି ।

# ଯୁବ ଶିଳ୍ପୋଦ୍ୟୋଗୀ ସଂଗ୍ରାମ ଦାସ ସିଫୁଡ୍ ଏକ୍ସପୋର୍ଟ୍ସ ଆସୋସିଏସନ୍‌ର ସଭାପତି



ବାଲେଶ୍ୱର, (ସବ୍ୟୁ) : ବାଲେଶ୍ୱରର ବିଶିଷ୍ଟ ଯୁବ ଶିଳ୍ପୋଦ୍ୟୋଗୀ ସଂଗ୍ରାମ ଦାସଙ୍କୁ ଅଲ୍ଇଣ୍ଡିଆ ସିଫୁଡ୍ ଏକ୍ସପୋଟର୍ସ ଏସୋସିଏସନ ଓଡ଼ିଶା ଚେପ୍ଟରର ଅଧ୍ୟକ୍ଷ ଭାବରେ ମନୋନୀତ ହୋଇଥିବାରୁ ବାଲେଶ୍ୱରର ବିଭିନ୍ନ ମହଲରେ ଆନନ୍ଦର ଲହରୀ ଖେଳିଯାଇଛି । ଶ୍ରୀ ଦାସ ବାଲେଶ୍ୱରର ବହୁ ଶିଳ୍ପ ଏବଂ ସାମାଜିକ ସଂଗଠନ ସହିତ ଜଡ଼ିତ ରହି ନିଜର ସ୍ୱତନ୍ତ୍ରତା ପ୍ରତିପାଦନ କରିଛନ୍ତି । ଏହି ଅବସରରେ ସଂଗଠନର ୱାର୍କିଂ କମିଟି ବୈଠକରେ ସର୍ବସମ୍ମତ କ୍ରମେ ନିଷ୍ପତି ହୋଇଥିଲା । ଅଧ୍ୟକ୍ଷଭାବରେ ସଂଗ୍ରାମ ଦାସ, ଉପାଧ୍ୟକ୍ଷ ପ୍ରକାଶ ମହାନ୍ତି, ଜିଏସ୍ ନାୟାର,ସଚିବ ମନୋଜ ଦାଶ ଏବଂ ପରିଚାଳନା କମିଟିର ସଦସ୍ୟଭାବରେ ରାଜେନ୍ଦ୍ର ପ୍ରଧାନ ତଥାଗତ ତ୍ରିପାଠୀ ରୁଦ୍ର ପ୍ରସନ୍ନ ହୋତା, ବିଶାଳ ଶଶି, ଦେବବ୍ରତ ମହାନ୍ତି, ଅଞ୍ଜନ ମହାନ୍ତି ପ୍ରମୁଖ ମନୋନୀତ ହୋଇଛନ୍ତି । ଏହା ବିଭୁତି ମିଶ୍ର ଏବଂ ଶ୍ରୀମତୀ ପ୍ରିୟଙ୍କା ମହାନ୍ତିଙ୍କୁ ପରିଚାଳନା କମିଟିକୁ ମନୋନୀତ କରାଯାଇଛି । ସଂଗଠନର ବରିଷ୍ଠ ଉପଦେଷ୍ଟା ପ୍ରଭାରଂଜନ ପଟ୍ଟନାୟକ, ପୂର୍ବତନ ଅଧ୍ୟକ୍ଷ କମଳେସ ମିଶ୍ର, ପୂର୍ବତନ ସମ୍ପାଦକ ଆର.ପି.ହୋତାଙ୍କ ସମେତ ବହୁ ବରିଷ୍ଠ ସଦସ୍ୟମାନେ ଏହି ପରିଚାଳନା କମିଟି ବୈଠକରେ ଯୋଗଦେଇ ନୂତନ କର୍ମକର୍ତ୍ତା ଚୟନରେ ସହଯୋଗ କରିଥିଲେ । ଉକ୍ତ ବୈଠକ ରାଜଧାନୀସ୍ଥିତ ଉତ୍କଳ ହାଇଟ୍ସର ସିଓର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା ।

# ରାଜ୍ୟସ୍ତରୀୟ କିଶୋରୀକିଶୋର ସମାବେଶରେ କିଶୋରୀଙ୍କ କୃତିତ୍ୱ

ଭଦ୍ରକ,(ସବ୍ୟୁ):ଦୁଇଦିନିଆ ରାଜ୍ୟସ୍ତରୀୟ କିଶୋରୀ କିଶୋର ସମାବେଶ କଳିଙ୍ଗ ଷ୍ଟାଡିୟମ୍ ଭୁବନେଶ୍ୱର ଠାରେ ମହିଳା ଓ ଶିଶୁ ବିଭାଗ ଓଡ଼ିଶା ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ୩୦ଜିଲ୍ଲାର ୫ଜଣ ଲେଖାଏଁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଭଦ୍ରକ ଜିଲ୍ଲାର ଚାନ୍ଦବାଲି–୨ବ୍ଲକର ସୁସ୍ମିତା ବେହେରା,ଅର୍ଚ୍ଚିତା ଅଗସ୍ତି,ତିହିଡି ବ୍ଲକର ସୁଶ୍ରୀ ଦେବାଂଶି ମିଶ୍ର,କ୍ରିଷ୍ଟାରାଣୀ ମଲ୍ଲିକ ଓ ଧାମନଗର ବ୍ଲକର ଅଙ୍କିତା ସେଠୀଙ୍କ ତତ୍ତ୍ୱାବଧାନରେ ଚିତ୍ରାଙ୍କନ,ନୃତ୍ୟ,ସଙ୍ଗୀତ ଓ ଡିଜିଟାଲ ଷ୍ଟୋରୀ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଧାମନଗର ବ୍ଲକର ଅଙ୍କିତା ସେଠୀ ସଙ୍ଗୀତରେ ଦ୍ୱିତୀୟ ଓ ଚାନ୍ଦବାଲି –୨ବ୍ଲକର ସୁସ୍ମିତା ବେହେରା ନୃତ୍ୟରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମହିଳା ଓ ଶିଶୁ ବିକାଶ ସଚିବ ଶୁଭା ଶର୍ମା,ନିର୍ଦ୍ଦେଶିକା ମମତା ବାନାର୍ଜୀଙ୍କ ଉପସ୍ଥିତିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଠାରୁ ସାର୍ଟିଫିକେଟ ସହ ନଗଦ ଟ୧୫୦୦ ଓ ୧୦୦୦ଟଙ୍କା ପୁରସ୍କାର ରାଶି ଗ୍ରହଣ କରିଛନ୍ତି। ଏଥିପାଇଁ ଭଦ୍ରକ ଜିଲ୍ଲାର ଜିଲ୍ଲପାଳ,ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଓ ଭଦ୍ରକ ଜିଲ୍ଲାର ସମସ୍ତ ଆଇସିଡିଏସର କର୍ମକର୍ତ୍ତା ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ବାର୍ତ୍ତା ଜଣାଇଛନ୍ତି।

# ଶିକ୍ଷୟିତ୍ରୀଙ୍କ ସ୍ୱାମୀଙ୍କ ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ

ଭଦ୍ରକ,(ସବ୍ୟୁ): ଜଣେ ଶିକ୍ଷୟତ୍ରୀଙ୍କ ୬୨ବର୍ଷ ବୟସ୍କ ସ୍ୱାମୀଙ୍କ ୧୦ବର୍ଷର ନାବାଳିକାକୁ ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଛି। ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅଧୀନ ମାଇତାପୁର ପଞ୍ଚାୟତ ଗୌରଗଡି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଘଟିଛି ।ଏଭଳି ଅଭାବନୀୟ ଘଟଣା। ଘଟଣା ମୁତାବକ ମଙ୍ଗଳବାର ବର୍ଷା ପାଇଁ ଛାତ୍ରଛାତ୍ରୀ ସ୍କୁଲକୁ କମ ସଂଖ୍ୟାରେ ଆସିଥିବାବେଳେ ତାହାର ସୁଯୋଗ ନେଇ ସ୍କୁଲର ପ୍ରଧାନଶିକ୍ଷୟତ୍ରୀ ସୁଜାତା ମହାନ୍ତିଙ୍କ ସ୍ୱାମୀ ରବୀନ୍ଦ୍ର ନାୟକ ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ। ନାବାଳିକା ଜଣକ ସ୍କୁଲରୁ ଘରକୁ ଫେରି ପରିବାର ଲୋକଙ୍କୁ ଜଣାଇବା ଥିଲେ ବୁଧବାର ଦିନ ପୁନର୍ବାର ସେହି ଶିକ୍ଷୟତ୍ରୀଙ୍କ ସ୍ୱାମୀ ସ୍କୁଲକୁ ଆସିଥିଲେ। ଗ୍ରାମବାସୀ ଓ ନାବାଳିକାଙ୍କ ପରିବାର ନାରାପିଶାଚ ଶିକ୍ଷୟତ୍ରୀଙ୍କ ସ୍ୱାମୀଙ୍କୁ ଅଟକ ରଖି ପଚାରିବାରୁ ଗଣମାଧ୍ୟମ ସମ୍ମୁଖରେ ସବୁ ସତ ଓଗାଳିଛନ୍ତି ସେହି କାମ ପିଶାଚ ଶିକ୍ଷୟତ୍ରୀଙ୍କ ସ୍ୱାମୀ। ଅନ୍ୟପଟେ ପ୍ରଧାନଶିକ୍ଷୟତ୍ରୀ ମଧ୍ୟ ଏଭଳି ଘଟଣା ବିଷୟରେ ଜାଣିନାହାନ୍ତି ବୋଲି କହିଥିବାବେଳେ ଗ୍ରାମବାସୀ ସିମୁଳିଆ ବିଇଓ ଓ ଥାନାକୁ ଖବର ଦେଇଛନ୍ତି।

# ବେଆଇନ ଉତ୍ତୋଳନ ବିରୋଧରେ ବାଲି ସତ୍ୟାଗ୍ରହ ଜାରି

ଆନନ୍ଦପୁର,(ସବ୍ୟୁ): କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ବୈତରଣୀ ନଦୀରେ କରଗୋଳା ଗ୍ରାମବାସୀଙ୍କ ଦ୍ୱାରା ଚାଲିଥିବା ବାଲି ସତ୍ୟାଗ୍ରହ ଜାରି ରହିଛି । ଗୁରୁବାର ଦିନ ଏହି ଆନ୍ଦୋଳନ ଷଷ୍ଠ ଦିନରେ ପହଞ୍ଚିଛି। ପ୍ରବଳ ବର୍ଷା, ପବନ ସତ୍ତ୍ୱେ ଶତାଧିକ ସତ୍ୟାଗ୍ରହୀ ଛତା ଧରି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚର ଆବାହକ ଯଜ୍ଞ ପ୍ରସାଦ ସାହୁ ସତ୍ୟାଗ୍ରହର ନେତୃତ୍ୱ ନେଇ ବାଲି ମାଫିଆଙ୍କ ବିରୋଧରେ ବିଶୋଦଗାର କରିଥିଲେ।ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚର ଆବାହକ ଯଜ୍ଞ ପ୍ରସାଦ ଅଭିଭାଷଣରେ କହିଥିଲେ, ବେଆଇନ ଘାଟରେ ନିୟୋଜିତ ବଡ଼ ମେଶିନକୁ ଜବତ କରାଯାଉ। ଲୁଟ ହୋଇଥିବା ବାଲି ପରିମାଣକୁ ମାପା ଯାଇ ଜରିମାନା ଆଦାୟ, ଚୋରା ବାଲି ବ୍ୟବସାୟୀ ଓ ତାଙ୍କ ସହଯୋଗୀଙ୍କ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ସେ ଦାବି କରିଛନ୍ତି। ବିଭିନ୍ନ ସ୍ଥାନରେ ବେଆଇନ ଘାଟ ପାଇଁ କଟାଯାଇଥିବା ଗଛ ବାବଦ କ୍ଷୟକ୍ଷତି ଆକଳନ କରିବାକୁ ମଧ୍ୟ କହିଛନ୍ତି। ସେହିପରି ସଂରକ୍ଷିତ ଜଙ୍ଗଲ ମଧ୍ୟରେ କୁମଡ଼ ଘାଟ ବେଆଇନ ଭାବେ ଚାଲିବା ଯୋଗୁ ଠେକୁଆ, ଝିଙ୍କ ଆଦି ବନ୍ୟପ୍ରାଣୀ ପ୍ରଭାବିତ ହେଉଛନ୍ତି। ବନ ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି କହିଥିଲେ। ସତ୍ୟାଗ୍ରହରେ ପୂର୍ବତନ ସରପଞ୍ଚ ଗୋପାଳ ସେଠୀ, ସତ୍ୟବ୍ରତ ଜେନା, ଆଲୋକ ବେହେରା, ବିଜୟ ସାହୁ, ସୁଲି ଜେନା, ଅହଲ୍ୟା ସାହୁ, ରିତାଞ୍ଜଳି ସାହୁ, କ୍ଷୀରୋଦ ସାହୁ, ନୀଳମଣି ଜେନା, ନରହରି ଜେନାଙ୍କ ସମେତ ୩ଶହରୁ ଅଧିକ ସତ୍ୟଗ୍ରହୀ ସାମିଲ ହୋଇଥିଲେ। ଉପଜିଲାପାଳ ନୀଳମାଧବ ସୁନା ସତ୍ୟାଗ୍ରହୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ସମାଧାନର ବାଟ ବାହାରିପାରିନାହିଁ।

# ଖଣି ଅଧିକାରୀଙ୍କୁ ଆକ୍ରମଣ

ଜଳେଶ୍ୱର,(ସବ୍ୟୁ):ସୁବର୍ଣ୍ଣରେଖା ନଦୀରୁ ଡିପିପୁର ଅଂଚଳରେ ବାଲି ଚୋରି ନେଇ ଖବର ପାଇ କନିଷ୍ଠ ଖଣି ଅଧିକାରୀ ତାପସ ବେହେରା, ସତ୍ୟ ଚିନ୍ମୟ ଜେନା ଘଟଣା ସ୍ଥଳକୁ ଯାଇ ସେଠାରୁ ରାଇବଣିଆ ଥାନା ଅଭିମୁଖ ନଦୀକୂଳେ କୂଳେ ଯିବାବେଳେ କୁଅଁରପୁର ଠାରେ ଜଣେ ଯୁବକ ସେହି ଗାଁର ଦୁର୍ଯ୍ୟୋଧନ ସାହୁଙ୍କ ପୁଅ ପ୍ରଦୀପ କୁମାର ସାହୁ ଅଧିକାରୀମାନଙ୍କ ଗାଡିକୁ ଅଟକାଇ ଥିଲେ। ଗାଡି ସମ୍ମୁଖରେ ଛିଡାହୋଇ ଫଟୋ ନିଜ ମୋବାଇଲ ରେ ଫଟୋ ଉତ୍ତୋଳନ କରିବାରୁ ଏପରି କାହିଁକି କରୁଛ ବୋଲି ଅଧିକାରୀମାନେ ପଚାରିବାରୁ ତାର ୨ଟି ଟ୍ରାକ୍ଟର ଚୋରା ବାଲି ପରିବହନରେ ଲାଗିଛି, ତେଣୁ ବ୍ଲାକମେଲିଂ କରିବି କହି ଗାଳିଗୁଲଜ କରିଥିଲା। ଦୀର୍ଘ ସମୟ ଗାଡି ଅଟକ ରଖି ଆକ୍ଷେପ ମୂଳକ ମନ୍ତବ୍ୟ ଦେଇଥିବା ସମୟରେ ଅଧିକାରୀମାନେ ଫଟୋ ଉତ୍ତୋଳନ କରୁଥିବାର ଜାଣି ପ୍ରଦୀପ ସେମାନଙ୍କ ମୋବାଇଲ ଛଡାଇ ନେବା ସହିତ ହାତ ମୋଡି ଆକ୍ରମଣ କରିଥିଲେ। ଏ ସଂର୍ପକରେ ରାଇବଣିଆ ଥାନାରେ ଏକ ମାମଲା ରୁଜୁ ହୋଇଛି। ଘଟଣାଟି ରାଇବଣିଆ ଅଂଚଳରେ ଆଲୋଚ୍ୟ ବିଷୟ ହୋଇଛ ।


BAJAJ FINANCE

## ଖବରକାଗଜରେ ପ୍ରକାଶିତ ସ୍ୱର୍ଣ୍ଣ ଅଳଙ୍କାର ନିଲାମ ସମ୍ପର୍କିତ ସାର୍ବଜନୀନ ବିଜ୍ଞପ୍ତି

ବଜାଜ ଫାଇନାନ୍ସ ଲିମିଟେଡ୍

ପଞ୍ଜୀକୃତ କାର୍ଯ୍ୟାଳୟ: ମୁମ୍ବାଇ-ପୁନେ ରୋଡ୍, ଅକୁରଡି, ପୁନେ-411035

ଏତଦ୍ୱାରା BFL ପକ୍ଷରୁ ସମସ୍ତ ସମ୍ପୃକ୍ତ ଋଣଗ୍ରହୀତାମାନେ ଏବଂ ସର୍ବସାଧାରଣଙ୍କୁ ଏହା ସୂଚିତ କରାଯାଉଛି ଯେ, ଯେଉଁ ଋଣଗ୍ରହୀତାମାନେ ଗୋଲ୍ଡ ଲୋନ୍ ନେବା ସମୟରେ ସିକ୍ୟୁରିଟି ବାବଦରେ ରଖିଥିବା ସ୍ୱର୍ଣ୍ଣ ଅଳଙ୍କାର ଜମା କରିଥିଲେ ଏବଂ ଯେମାନେ ଲୋନ୍ ରାଶି ପରିଶୋଧ କରିପାରିନାହାନ୍ତି କିମ୍ବା ଆବଶ୍ୟକ ମାର୍ଜିନ ରାଶି ଜମା କରିପାରିନାହାନ୍ତି, ବାରମ୍ବାର ସୂଚନା ପରେ ମଧ୍ୟ ଯଦି ବିଫଳ ହୁଅନ୍ତି, ତେବେ ସେହି ସ୍ୱର୍ଣ୍ଣ ଅଳଙ୍କାରଗୁଡ଼ିକୁ "ଯେମିତି ଅଛି, ସେହି ଅବସ୍ଥାରେ" ନିଲାମ ପାଇଁ ଉପସ୍ଥାପନ କରାଯିବ। ନିଲାମରେ ଅଂଶଗ୍ରହଣକାରୀମାନେ ନିମ୍ନଲିଖିତ ସର୍ତ୍ତାବଳୀ ଅନୁସରଣ କରିବାକୁ ଅନୁରୋଧ ଜଣାଯାଉଛି:

(କ) ଏହି ସାର୍ବଜନୀନ ବିଜ୍ଞପ୍ତିର ସମ୍ପୂର୍ଣ୍ଣ ବିବରଣୀ (ଲୋନ୍, ଅଳଙ୍କାର, ମୋଟ ଓଜନ, ନିଲାମର ସ୍ଥାନ ଏବଂ ତାରିଖ) ଦେଖିବା ପାଇଁ ପାର୍ଶ୍ୱରେ ଥିବା QR କୋଡ୍ ସ୍କାନ୍ କରନ୍ତୁ।

(ଖ) ଏହି ସାର୍ବଜନୀନ ନିଲାମ ସହ ସମ୍ବନ୍ଧିତ ବିଡରମାନଙ୍କ ସମ୍ପୂର୍ଣ୍ଣ ସର୍ତ୍ତ ଓ ନିୟମାବଳୀ ("T&Cs") ପଢିବା ପାଇଁ ନିମ୍ନଲିଖିତ ୱେବଲିଙ୍କକୁ ଭିଜିଟ୍ କରନ୍ତୁ: http://172.30.1.235:3000/?W0UB2OG9WU

(ଗ) ସର୍ତ୍ତ ଓ ନିୟମାବଳୀ ବୁଝିବା ପରେ, ତାହା ଅନୁସାରେ ନିଲାମ ତାରିଖରେ କିମ୍ବା ତାହା ପୂର୍ବରୁ NEFT / RTGS / ବଜାଜ ଗୋଲ୍ଡ ଅକ୍ସନ୍ ଆପ୍ ମାଧ୍ୟମରେ ₹25,000 ଅର୍ନେଷ୍ଟ ମନି ଡିପୋଜିଟ୍ (EMD) ଜମା କରନ୍ତୁ।

(ଘ) ନିଲାମ ସ୍ଥଳରେ ସକାଳ 10ଟାରେ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହନ୍ତୁ; ଏବଂ

(ଙ) ନିଲାମ ସ୍ଥଳକୁ ବୈଧ ପରିଚୟ ପତ୍ର ଏବଂ ଠିକଣା ପ୍ରମାଣ ପତ୍ର ସହିତ ଆସିବା ଆବଶ୍ୟକ।

(ଚ) ନିଲାମ ତାରିଖରେ ମଧ୍ୟାହ୍ନ 12ଟା ପରେ କୌଣସି ବିଡରଙ୍କୁ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ ନାହିଁ।

(ଛ) ଅର୍ନେଷ୍ଟ ମନି ଡିପୋଜିଟ୍ (EMD) ଦେଇଥିଲେ ମଧ୍ୟ, ନିର୍ଦ୍ଦିଷ୍ଟ ସମୟ ସୀମାରେ ଅଂଶଗ୍ରହଣ ନକରିଥିବା ବିଡରମାନଙ୍କୁ ସ୍ୱୀକାର କିମ୍ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ଶାଖା ପରିଚାଳକ / ନିଲାମକାରୀଙ୍କ ପାଖରେ ରହିବ।

ସ୍କାନ୍ କରନ୍ତୁ

ନିଲାମର ସ୍ଥାନ ଏବଂ ତାରିଖରେ କୌଣସି ପରିବର୍ତ୍ତନ ହେଲେ, ସେହି ସୂଚନା ନିଲାମ କେନ୍ଦ୍ରରେ ସୂଚିତ କରିଦିଆଯିବ। ଆପଣ ନିଲାମରେ ଅଂଶଗ୍ରହଣ ଆବେଦନ ଜମା କରିବାର ଅର୍ଥ, ଉପରୋକ୍ତ ସର୍ତ୍ତାବଳୀ ଅନୁସରଣ କରୁଛନ୍ତି ବୋଲି ବିବେଚନା କରାଯିବ। ଯଦି କୌଣସି ପ୍ରକାରରେ ସର୍ବସାଧାରଣ ନିଲାମି ବିକ୍ରୟ ଖାରଜ/ବରଖାସ୍ତ ହୋଇଯାଏ ତେବେ BFL, ପ୍ରାଇଭେଟ ବିକ୍ରୟ ମାଧ୍ୟମରେ ସୁନାଗହଣା ଗୁଡ଼ିକର ବିକ୍ରୟ କରିବା ପାଇଁ ଅଧିକାର ନିଜ ପାଖରେ ସଂରକ୍ଷିତ ରଖିଛି। ଯେକୌଣସି ପ୍ରକାରର ଜିଜ୍ଞାସା କିମ୍ବା ସ୍ପଷ୍ଟୀକରଣ ପାଇଁ, ନିମ୍ନଲିଖିତ ଇମେଲ୍ ଠିକଣା ମାଧ୍ୟମରେ ଆମ ସହ ସମ୍ପର୍କ କରିପାରିବେ - gold.auction@bajajfinserv.in

ବଜାଜ ଫାଇନାନ୍ସ ଲିମିଟେଡ୍


# ଖରିଫ ଫସଲ ଯୋଜନା , କାର୍ଯ୍ୟାନ୍ୱୟନ କ୍ଷେତ୍ରରେ କେନ୍ଦୁଝର ଜିଲ୍ଲା ସମ୍ମାନିତ




କେନ୍ଦୁଝର ,(ଜିପ୍ର/ସବ୍ୟୁ):ଖରିଫ ଫସଲ ଯୋଜନା ଓ କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ୨୦୨୫ ଋତୁ ପାଇଁ ସର୍ବୋତ୍ତମ ପ୍ରଦର୍ଶନକାରୀ ଜିଲ୍ଲାଭାବେ କେନ୍ଦୁଝର ଜିଲ୍ଲା ପୁରସ୍କୃତ ହୋଇଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ଯୋଗୁଁ କେନ୍ଦୁଝର ଜିଲ୍ଲାକୁ ଏହି ସମ୍ମାନ ମିଳିପାରିଛି। ରାଜ୍ୟସ୍ତରରେ ଆୟୋଜିତ ଏକ ବିଶେଷ ଉତ୍ସବରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀଙ୍କ ଠାରୁ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ସେନାପତି ଏହି ପୁରସ୍କାର ଗ୍ରହଣ କରିଛନ୍ତି।ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅଧୀନରେ କେନ୍ଦୁଝର ଜିଲ୍ଲା ରାଜ୍ୟରେ ଦ୍ୱିତୀୟ ସର୍ବାଧିକ ଶ୍ରମ ଦିବସ ସୃଷ୍ଟି କରି ବ୍ୟୟ ତାଲିକାରେ ଦ୍ୱିତୀୟ ସ୍ଥାନ ଅକ୍ତିଆର କରିଛି। ଏଥିରେ ଜିଲ୍ଲାରେ ମୋଟ ୨୪୪୯୮୩ ଶ୍ରମ ଦିବସ ସୃଷ୍ଟି କରାଯାଇ ୭.୩୨ କୋଟି ଟଙ୍କା ଖର୍ଚ୍ଚ ହୋଇପାରିଛି। ନରେଗାରେ ୨୩୨ ହେକ୍ଟରରେ କାଜୁ ଚାରା, ୭୫ ହେକ୍ଟରରେ ଆମ୍ବ ଚାରା ଓ ୮୦୦ ହେକ୍ଟର ଜମିରେ ଛାୟା ବୃକ୍ଷରୋପଣ କରାଯାଇଛି। ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଅଧୀନରେ ଓ କଫି ମିଶନ ଯୋଜନାରେ ଚଳିତ ବର୍ଷ ୨୮ ହେକ୍ଟରରେ କଫି ଚାଷ କରାଯାଇଥିବାବେଳେ ୮୦୦ ହେକ୍ଟର ଜମିରେ ଛାୟା ବୃକ୍ଷ ଯଥା ଆମ୍ବ, ଜାମୁକୋଳି ଓ ସିଲ୍ଭର ଓକ ଆଦି ରୋପଣ କରାଯାଇଥିଲା। ଏଥିରେ ୬୫ଜଣ ହିତାଧିକାରୀ ଲାଭବାନ ହୋଇପାରିଛନ୍ତି। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଅନ୍ତର୍ଗତ ଜଳ ବିଭାଜିକା ଉନ୍ନୟନ ଯୋଜନାରେ ୪୫ ଟି ଜଳ ଅମଳ ପ୍ରକଳ୍ପ, ଟ୍ରେଞ୍ଚ, ଭୂତଳ ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ ହୋଇଥିବାବେଳେ ଜୀବନ ବିକାଶ ଓ ଅଣୁ ଉଦେ୍ୟାଗ କାର୍ଯ୍ୟକ୍ରମ ମାଧ୍ୟମରେ ୭୫୫ ହିତାଧିକାରୀ ଲାଭବାନ ହୋଇଛନ୍ତି। ସେହିପରି ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ୩୬୦ ଜଣ ହିତାଧିକାରୀ ଉପକୃତ ହୋଇଥିବାବେଳେ ବ୍ୟୟ ଅଟକଳ ସମ୍ପୂର୍ଣ୍ଣ ଖର୍ଚ୍ଚ ହୋଇପାରିଛି। ଅଭିନବ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅଧୀନରେ ୯୨ ହେକ୍ଟର ଓ ସରହଦ ବୃକ୍ଷରୋପଣ ଅଧୀନରେ ୨୯୦୦୦ ଚାରାରୋପଣ କରାଯାଇଛି। ଏହି ଯୋଜନା ସମେତ ଓଡ଼ିଶା ଖଣିଜ ବହନ କ୍ଷେତ୍ର ଉନ୍ନୟନ ନିଗମ (ଓଏମବିଏଡିସି) ଅଧୀନରେ ୫୨ଟି କ୍ଷେତ ପୋଖରୀ ନିର୍ମାଣ କରାଯାଇ ବ୍ୟୟ ଅଟକଳର ଶତ ପ୍ରତିଶତ ଖର୍ଚ୍ଚ ହୋଇପାରିଛି। ସେହିପରି ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଅନୁଦାନରେ ୮୨ ଟି ଜଳ ଅମଳ ପ୍ରକଳ୍ପ ନିର୍ମାଣ କରାଯାଇଛି। ଏ ସମସ୍ତ ଯୋଜନାର ସଫଳ ରୂପାୟନ ଯୋଗୁଁ କେନ୍ଦୁଝର ଜିଲ୍ଲାକୁ ଏହି ସମ୍ମାନ ମିଳିପାରିଛି।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୮/୭୬)

–ମୋକ୍ଷଯୋଗଃ–

(ଶ୍ରୀଭଗବାନୁବାଚ)

**ରାଜନ୍‌ସଂସ୍କୃତ୍ୟ ସଂସ୍କୃତ୍ୟ ସମ୍ବାଦମିମମଦ୍ଭୁତମ୍ ।**
**କେଶବାର୍ଜ୍ଜୁନୟୋଃ ପୁଣ୍ୟଂ ହୃଷ୍ୟାମି ଚ ମୁହୁର୍ମୁହୁଃ ।। ୭୬ ।।**

(ହେ ରାଜନ୍ ! କେଶବାର୍ଜ୍ଜୁନୟୋ ଇମଂ ପୁଣ୍ୟଂ ଅଦ୍ଭୁତଂ (ପରମାଶ୍ଚର୍ଯ୍ୟଂ) ସମ୍ବାଦଂ ସଂସ୍କୃତ୍ୟ ସଂସ୍କୃତ୍ୟ ମୁହୁର୍ମୁହୁଃ ( ବାରମ୍ବାରଂ) ହୃଷାମି ( ରୋମାଞ୍ଚିତଃ ଭବାମି) ।। ୭୬ ।।

# ସର୍ଦ୍ଦାର ପଟେଲଙ୍କୁ ସ୍ମରଣ କରି...

ଅନେକ ବର୍ଷ ତଳର କଥା । ପ୍ରଥମ ଓଡ଼ିଆ ଭାବେ ଯିଏ କେରଳରେ ମୁଖ୍ୟ ଶାସନ ସଚିବ ହୋଇ ପାରିଥିଲେ, ସେହି ନାଗରିମୋହନ ପଟ୍ଟନାୟକଙ୍କର, ଭୁବନେଶ୍ୱରରେ ପୁରୁଣା ମ୍ୟୁନିସିପାଲଟି ଅଫିସ କଡ଼ରେ ଥିବା ତାଙ୍କ ବାସଭବନକୁ ଯାଇ ଥରେ ପହଞ୍ଚିଥିଲି । ଏକ ସାକ୍ଷାତକାର କଥା କହିବାରୁ ପ୍ରଥମେ ସେ ଅମଙ୍ଗ ହେଲେ । ମାତ୍ର ପରେ ସାକ୍ଷାତ୍‌କାରଟି ପ୍ରସ୍ତୁତ ହେଲା । ସେ ମଧ୍ୟ କେନ୍ଦ୍ର ଶାସନରେ ଗୃହ ବିଭାଗର ଶାସନ ସଚିବ ଥିଲେ । ସେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ, ଗୃହ ମନ୍ତ୍ରଣାଳୟ ଦାୟିତ୍ୱରେ ଥିବା ପ୍ରଥମ ଉପ– ପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଘନିଷ୍ଠ ସମ୍ପର୍କରେ ଆସିଥିଲେ । ଏ ଲେଖକର ଗୋଟିଏ ପ୍ରଶ୍ନର ଉତ୍ତରରେ ସେ ସର୍ଦ୍ଦାର ପଟେଲଙ୍କ ଦୃଢ଼ତା ବିଷୟରେ ଉଲ୍ଲେଖ କରିଥିଲେ । ଦିଲ୍ଲୀରେ ଶିଖମାନଙ୍କ ଆନ୍ଦୋଳନକୁ ସେ କୌଶଳକ୍ରମେ ଦମନ କରି ଯେଉଁ ଆଦେଶ ତତ୍କାଳୀନ ଗୃହ ମନ୍ତ୍ରଣାଳୟର ଶାସନ ସଚିବ ନାଗରିମୋହନ ପଟ୍ଟନାୟକଙ୍କୁ ଦେଇଥିଲେ, ଶିଖ୍‌ମାନେ ଆଉ ଆନ୍ଦୋଳନ କରିବାର ସୁଯୋଗ ପାଇ ନଥିଲେ । ଏପରି ଜଣେ ଦୃଢ଼ମନା, ସଚ୍ଚୋଟ ଓ ଉପଯୁକ୍ତ ଗୃହମନ୍ତ୍ରୀଙ୍କୁ ସେ ପ୍ରଶଂସା ହିଁ କରିଥିଲେ । ଏ ଲେଖକର ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ସେ କହିଥିଲେ ଯେ ଦେଶ ଏପରି ଜଣେ ପ୍ରଧାନମନ୍ତ୍ରୀଙ୍କୁ ଦରକାର କରୁଛି, ଯାହାଙ୍କର ନେହରୁଙ୍କ ପରି ସ୍ୱପ୍ନ, ସର୍ଦ୍ଦାରଙ୍କ ପରି ଦୃଢ଼ତା ଓ ଶାସ୍ତ୍ରୀଜୀଙ୍କ ପରି ସଚ୍ଚୋଟପଣିଆ ରହିଥିବ ।

ନାଗରି ମୋହନ ପଟ୍ଟନାୟକ ଏବେ ସ୍ୱର୍ଗରେ । ତାଙ୍କର ସୁପୁତ୍ର ସୁଧାଂଶୁ ମୋହନ ପଟ୍ଟନାୟକ ଯିଏ ଆମ ରାଜ୍ୟର ମୁଖ୍ୟ ଶାସନ ସଚିବ ଥିଲେ, ସେ ମଧ୍ୟ ଆଖି ବୁଜି ଦେଲେଣି । ସାକ୍ଷାତକାରଟି ସେତେବେଳେ 'ସାପ୍ତାହିକ ସମୟ'ରେ ପ୍ରକାଶିତ ହୋଇ ବେଶ ଆଦୃତ ହୋଇଥିଲା ।

ତାଙ୍କର ପ୍ରକୃତ ନାଁ ଥିଲା ସର୍ଦ୍ଦାର ବଲ୍ଲଭଭାଇ ଝାବେରଭାଇ ପଟେଲ । ଭାରତ, ତାଙ୍କ ପରି ଜଣେ ଦେଶପ୍ରେମୀ ଓ ଦୃଢ଼ମନା କେନ୍ଦ୍ରମନ୍ତ୍ରୀଙ୍କୁ ଜନ୍ମ ଦେଇ ଗର୍ବ ଅନୁଭବ କରି ଆସିଛି । ଗୁଜରାଟ ଅନ୍ତର୍ଗତ ଏବର ଖେଡା ଜିଲ୍ଲାର ନାଦିଆଦ ଗ୍ରାମରେ ସେ ଭୂମିଷ୍ଠ ହୋଇଥିଲେ, ୩୧ ଅକ୍ଟୋବର ୧୮୭୫ ମସିହାରେ । ତାଙ୍କର ଦେହାନ୍ତ ହୋଇଥିଲା, ୧୫ ଡିସେମ୍ବର ୧୯୫୦ ମସିହାରେ । ଭାରତର ସେ ସର୍ବପ୍ରଥମ ଉପ–ପ୍ରଧାନମନ୍ତ୍ରୀ ଓ ଗୃହ ମନ୍ତ୍ରୀ ଭାବେ ଖୁବ୍ ଅଳ୍ପ ସମୟ ପାଇଁ ୧୯୪୭ରୁ ୧୯୫୦ ଯାଏଁ ରହିଥିଲେ ମଧ୍ୟ ସେଥିପାଇଁ ସେ ଖୁବ୍ ସୁନାମ ଅର୍ଜନ କରିଥିଲେ ।

ଗୁଜରାଟର ଖେଦ, ବୋରସାଦ ଓ ବର୍ଦ୍ଦୋଲିଠାରେ ସେ ବ୍ରିଟିଶ ସରକାରଙ୍କ ବିରୋଧରେ କୃଷକମାନଙ୍କୁ ଏକାଠି କରି ଯେଉଁ ଅହିଂସା ଆନ୍ଦୋଳନ ଗାନ୍ଧିଜୀଙ୍କ ନୀତିରେ ଆରମ୍ଭ କରିଥିଲେ, ତାହା ସମଗ୍ର ଭାରତର ଦୃଷ୍ଟି ଆକର୍ଷଣ କରି ପାରିଥିଲା । ସେବେଠାରୁ ସେ ସର୍ଦ୍ଦାର ପଟେଲ ଭାବେ ପରିଚିତ ହୋଇଥିଲେ । ଦେଶ ପାଇଁ ଗାନ୍ଧିଜୀଙ୍କ ଡାକରାରେ ଯେଉଁ ଅହିଂସା ଆନ୍ଦୋଳନ କଂଗ୍ରେସ କରି ଆସୁଥିଲା, ସେହି ନିଖିଳ ଭାରତ କଂଗ୍ରେସ ଦଳର ସେ ୪୯ତମ ସଭାପତି ଭାବେ ଆପଣାର କାର୍ଯ୍ୟଦକ୍ଷତା ପ୍ରତିପାଦିତ କରିଥିଲେ । ତାଙ୍କରି ନେତୃତ୍ୱରେ କଂଗ୍ରେସ ପକ୍ଷରୁ 'ମୌଳିକ ଅଧିକାର ଓ ଆର୍ଥିକ ନୀତି'ର ପ୍ରସ୍ତାବ ଗୃହୀତ ହୋଇଥିଲା । ଭାରତର ଏକତା ରକ୍ଷା କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ । ଭାରତର ସ୍ୱାଧୀନତା ପ୍ରାପ୍ତି ସମୟରେ ହରେକୃଷ୍ଣ ମହତାବଙ୍କ ସହାୟତାରେ ଓଡ଼ିଶାର ଗଡ଼ଜାତଗୁଡ଼ିକୁ ଭାରତ ସରକାରଙ୍କ ଅଧୀନକୁ ଆଣିବା ଦିଗରେ ସର୍ଦ୍ଦାର ପଟେଲ ବିଚକ୍ଷଣତା ପ୍ରଦର୍ଶନ କରିଥିଲେ । କଟକର ଲାଲବାଗ ନିକଟସ୍ଥ ରାଜଭବନଠାରେ ସର୍ଦ୍ଦାର ପଟେଲଙ୍କ ଉପସ୍ଥିତିରେ ୧୯୪୭ ମସିହା ଡିସେମ୍ବର ୧୪ ଓ ୧୫ରେ ସର୍ବପ୍ରଥମେ ୨୫ଟି ଗଡଜାତର ମିଶ୍ରଣ ସମ୍ଭବ ହୋଇଥିଲା । ଭାରତ ସ୍ୱାଧୀନ ହେଲା, ସର୍ଦ୍ଦାରଜୀଙ୍କ ଏକତା ରକ୍ଷା ନୀତିରୁ । ତେଣୁ ତାଙ୍କୁ ଭାରତର 'ଲୌହ ମାନବ' ବା 'Iron Man of India' ବୋଲି କୁହାଗଲା । ଆଜି ଯେଉଁ ଭାରତର ବେସାମରିକ ସର୍ବୋଚ୍ଚ ସେବା କ୍ଷେତ୍ର ଆଇ.ଏ.ଏସ୍ କିମ୍ବା ଆଇ. ପି. ଏସ୍ ପ୍ରଭୃତି ରହିଛି ସ୍ୱାଧୀନ ଭାରତର ସେହି ସେବା କ୍ଷେତ୍ର ପ୍ରତିଷ୍ଠା କରିବାରେ ସର୍ଦ୍ଦାରଙ୍କ ମୁଖ୍ୟ ଭୂମିକା ଥିଲା ।

ସର୍ଦ୍ଦାର ଏକଦା କଟକରେ ରହୁଥିବା ସ୍ଥାନରେ ସର୍ଦ୍ଦାର ବଲ୍ଲଭ ଭାଇ ଶିଶୁ ଭବନ ତାଙ୍କ ନାମରେ ରହିଛି ସତ, କିନ୍ତୁ ତାଙ୍କ ସ୍ମୃତିରେ ଗୁଜରାଟରେ ଗତ ଅକ୍ଟୋବର ୩୧ (୨୦୧୮)ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ୟମରୁ ଯେଉଁ ବିରାଟକାୟ ପ୍ରତିମୂର୍ତ୍ତିଟି 'Statue of Unity' (ଏକତାର ପ୍ରତିମୂର୍ତ୍ତି) ନିର୍ମିତ ହୋଇଛି । ତାହା ସମଗ୍ର ବିଶ୍ୱରେ ସବୁଠାରୁ ଦୀର୍ଘ ପ୍ରତିମୂର୍ତ୍ତି, ୪୨୦ ନିୟୁତ ଆମେରିକୀୟ ଡଲାର ମୂଲ୍ୟରେ ଏହା ୧୮୨ ମିଟର ପରିମିତ ସ୍ଥାନରେ ନିର୍ମିତ । ଏହାର ଉଚ୍ଚତା କେବଳ ୫୯୭ ଫୁଟ । ଏଥିପାଇଁ ଆମେ ଗର୍ବ କରିବା କରିଥାଉଁ ।

**ସଙ୍କଳ୍ପ**

**ମିଶୁ ମୋର ଦେହ ଏ ଦେଶ ମାଟିରେ,**
**ଦେଶବାସୀ ଚାଲିଯାଆନ୍ତୁ ପିଠିରେ ।**
**ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼,**
**ପୂରୁ ତହିଁ ପଡ଼ି ,ମୋର ମାଂସ ହାଡ଼ ।**
**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ୧୯୭୧ ଯୁଦ୍ଧ, ଶିମଳା ଚୁକ୍ତିନାମା ଓ ଭାରତରତ୍ନ



**ଦୁଃଶାସନ ସ୍ୱାଇଁ**

୧୯୮୪ ମସିହା ଅକ୍ଟୋବର ୩୧ ତାରିଖ, ଭାରତ ଇତିହାସରେ ଏକ କଳଙ୍କମୟ ଦିବସ କହିଲେ ଅତ୍ୟୁକ୍ତି ହେବ ନାହିଁ, ଯାହା କେବେ କେହି ଆଶା କରିନଥିଲେ ତାହା ହିଁ ଘଟିଥିଲା । ଅର୍ଥାତ୍ ଦେଶର ଅଖଣ୍ଡତା ରକ୍ଷା କରିବା ପାଇଁ ଜଣେ ପ୍ରଧାନମନ୍ତ୍ରୀ ନିଜର ଦେହରକ୍ଷୀ ଦ୍ୱାରା ମୃତ୍ୟୁବରଣ କରିଥିଲେ । ଆଜି ଭଳି ଦିନରେ ପ୍ରତ୍ୟେକ ଭାରତୀୟ ଶ୍ରୀମତୀ ଇନ୍ଦିରା ଗାନ୍ଧିଙ୍କର ବ୍ୟକ୍ତିତ୍ୱ ତଥା ଦେଶପ୍ରେମ ବିଷୟରେ ଆଲୋଚନା କରିବା ସଙ୍ଗେ ସଙ୍ଗେ ଆତ୍ମସମୀକ୍ଷା କରିବାର ଆବଶ୍ୟକତା ରହିଛି ।

ଗୋଟିଏ ଗଣତନ୍ତ୍ରଭିତ୍ତିକ ରାଷ୍ଟ୍ରରେ ଶାସନ ଭାର ଗ୍ରହଣ କରି ବହୁ ଝଡଝଞ୍ଜାର ସମ୍ମୁଖୀନ ହୋଇ ପୃଥିବୀରେ ଭାରତବର୍ଷର ସୁନାମ ଅକ୍ଷୁର୍ଣ୍ଣ ରଖିବା, କେତେ ଯେ କଷ୍ଟକର ତାହାହିଁ ସମ୍ଭବ ହୋଇଥିଲା ଶ୍ରୀମତୀ ଗାନ୍ଧିଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ । ଭାରତର ପଡୋଶୀ ଦେଶ ପାକିସ୍ତାନ ପୂର୍ବ ବଙ୍ଗଳା ପ୍ରତି ଯେଉଁ ଦମନଲୀଳା ଚଳାଇଥିଲା, ତାହାକୁ ଶ୍ରୀମତୀ ଗାନ୍ଧି ଦେଖି ନୀରବଦ୍ରଷ୍ଟା ହୋଇ ରହି ପାରିନଥିଲେ । ପୂର୍ବ ବଙ୍ଗଳାରେ ପାକିସ୍ତାନର ସୈନ୍ୟମାନଙ୍କ ଦ୍ୱାରା ଦମନଲୀଳା ଚାଲିଥାଏ । ଏପରିକି ସେଠାରୁ ଦେଶ ଛାଡ଼ି ବହୁ ଶରଣାର୍ଥୀ ଭାରତ ସୀମାରେ ଆଶ୍ରୟ ନେଇଥାନ୍ତି । ଶ୍ରୀମତୀ ଗାନ୍ଧି ପାକିସ୍ତାନର ଏଭଳି କାର୍ଯ୍ୟକଳାପକୁ ଖୋଲାଖୋଲି ଭାବେ ବିରୋଧ କରିବା ଆରମ୍ଭ କରିଦେଇଥାନ୍ତି । ଏପରି କାର୍ଯ୍ୟକ୍ରମ ଦେଖି, ପାକିସ୍ତାନ କୁହେ– ଏହା ହେଉଛି ତାଙ୍କର ଆଭ୍ୟନ୍ତରୀଣ ବ୍ୟାପାର । ତେଣୁ ଏଥିରେ କୌଣସି ରାଷ୍ଟ୍ର ମୁଣ୍ଡ ପୁରାଇବାର ଆବଶ୍ୟକତା ନାହିଁ । କିନ୍ତୁ ଦିନକୁ ଦିନ ପୂର୍ବ ବଙ୍ଗଳାରେ ଆନ୍ଦୋଳନ ତୀବ୍ରତର ହେଉଥାଏ । ଭାରତ ସରକାର ଶରଣାର୍ଥୀମାନଙ୍କ ପାଇଁ ଖାଦ୍ୟପେୟର ବ୍ୟବସ୍ଥା ବହନ କରିଥାନ୍ତି । ଦିନକୁ ଦିନ ଶରଣାର୍ଥୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଲା । ଏହା ବୋଝ ଉପରେ ଲଳିତା ବିଡା ପରି ଭାରତ ସରକାର ବହନ କରି ଚଳିଥାନ୍ତି । ସେପଟେ ପୂର୍ବ ବଙ୍ଗଳାର ଲୋକମାନେ ପାକିସ୍ତାନର ସାମରିକ ସରକାରଙ୍କ ନିକଟରେ ଆତ୍ମସମର୍ପଣ ନ କରି 'ମୁକ୍ତି ବାହିନୀ' ଗଢି ମୁକାବିଲା କରୁଥାନ୍ତି । ପୂର୍ବ ବଙ୍ଗଳାର ଏପରି ଆନ୍ଦୋଳନ କେବଳ ଭାରତ ଯୋଗୁଁ ହେଉଛି ବୋଲି ପାକିସ୍ତାନ ମୁକ୍ତ କଣ୍ଠରେ ପ୍ରକାଶ କଲା । ଶେଷରେ ପାକିସ୍ତାନର ପ୍ରଥମ ଆକ୍ରମଣର ଶିକାର ହେଲେ କାଶ୍ମୀର, ପଞ୍ଜାବ ଓ ରାଜସ୍ଥାନ । ଏପରି ସ୍ଥଳେ ଶ୍ରୀମତୀ ଗାନ୍ଧି ମନ୍ତ୍ରିମଣ୍ଡଳର ଏକ ବୈଠକ ଡକାଇ ପ୍ରକାଶ୍ୟରେ ଯୁଦ୍ଧ ଘୋଷଣା କଲେ ଏବଂ ଏହାର ମୁକାବିଲା ଲାଗି ଆକାଶ ବାହିନୀକୁ ନିର୍ଦ୍ଦେଶ ଦେଲେ । ପୂର୍ବ ବଙ୍ଗଳାର ମୁକ୍ତି ବାହିନୀ ସହିତ ଭାରତର ସୈନ୍ୟମାନେ ସାମିଲ ହୋଇ ପାକିସ୍ତାନ ସହିତ ଯୁଦ୍ଧ ଚଳାଇଥାନ୍ତି । ଠିକ୍ ଏହି ସମୟରେ ପାକସ୍ତାନକୁ ସାହାଯ୍ୟ କରିବା ପାଇଁ ଆମେରିକା ହାତ ବଢାଇ ଥିଲା ଏବଂ ଏକ ବିରାଟ ଅତ୍ୟାଧୁନିକ ପରମାଣୁ କ୍ଷେପଣାସ୍ତ୍ର ଓ ଅସ୍ତ୍ରଶସ୍ତ୍ର ସଜ୍ଜିତ ଅନ୍ୟ ଏକ ବିରାଟ ନୌଭେଳା ଭାରତ ମହାସାଗରରେ ପହଞ୍ଚିଥିଲା । ପାକିସ୍ତାନ ଏ ଯୁଦ୍ଧରେ ନିଶ୍ଚୟ ବିଜୟୀ ହେବ ବୋଲି ସେମାନଙ୍କ ଆତ୍ମବିଶ୍ୱାସ ବଢ଼ିଯାଇଥିଲା । କିନ୍ତୁ ଏହାକୁ ପ୍ରତିହତ କରିବାପାଇଁ ରୁଷର ଏକ ଜାହାଜ ଭାରତ ମହାସାଗରରେ ପହଞ୍ଚି ସାରିଥିଲା । ଫଳରେ ପାକିସ୍ତାନର ଆଶା, ଆଶାରେ ହିଁ ରହିଗଲା ।

୧୯୭୧ ମସିହା ଡିସେମ୍ବର ୧୬ ତାରିଖ ପାକିସ୍ତାନ ସେନାବାହିନୀର ଲେଫ୍‌ଟନାଣ୍ଟ ନିଆଜି ଓ ଭାରତ ସେନାବାହିନୀର ଲେଫ୍‌ଟନାଣ୍ଟ ଜେନେରାଲ ଆରୋରାଙ୍କ ମଧ୍ୟରେ ଏକ ଯୁଦ୍ଧବିରତି ଦସ୍ତାବିଜ୍ ସ୍ୱାକ୍ଷରିତ ହେଲା । ସେହିଦିନ ଠାରୁ ବଙ୍ଗଳାଦେଶ ଏକ ସ୍ୱତନ୍ତ୍ର ସ୍ୱାଧୀନ ଦେଶ ଭାବରେ ନିଜର ପରିଚୟ ସୃଷ୍ଟି କଲା ଏବଂ



ପାକିସ୍ତାନର ଶାସନ ମୁଖ୍ୟ ପଦରୁ ୟାହା ଖାଁ ବିତାଡିତ ହେଲେ । ନୂତନ ଭାବରେ ଦାୟିତ୍ୱ ନେଲେ ଜୁଲ୍‌ଫିକର ଅଲ୍ଲୀ ଭୁଟ୍ଟୋ । ଆଜି ଯଦି ବଙ୍ଗଳାଦେଶ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଭାବରେ ଛିଡା ହୋଇଛି ତାହା ଏକମାତ୍ର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ଯୋଗୁଁ ସମ୍ଭବପର ହୋଇପାରିଛି ।

୧୯୭୨ ମସିହା ଜାନୁଆରୀ ୧୦ ତାରିଖ ଦିନ ମୁଜିବୁର ରହମାନ, ଲଣ୍ଡନରୁ ଢାକା ଫେରିବା ଅବସରରେ ପାଲମ ବିମାନବନ୍ଦରରେ କିଛି ସମୟ ଅଟକିଥିଲେ । ସାମ୍ବାଦିକମାନଙ୍କ ସହ ଆଲୋଚନା ବେଳେ ସେ ମୁକ୍ତ କଣ୍ଠରେ ଭାରତ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ । ଢାକା ଓ ଅନ୍ୟାନ୍ୟ ସହରମାନଙ୍କରେ ଏକ ସ୍ଲୋଗାନ ଶୁଣାଗଲା । 'ଆମାର ଦିଦି, ତୋମାର ଦିଦି, ସକଲେର୍ ଦିଦି– ଇନ୍ଦିରା ଗାନ୍ଧି' । ଶ୍ରୀମତୀ ଗାନ୍ଧିଙ୍କ ଏପରି ବଳିଷ୍ଠ ନେତୃତ୍ୱ ଯୋଗୁଁ ଭାରତ ସରକାର ୧୯୭୨ ମସିହା ଜାନୁଆରୀ ୨୬ ତାରିଖରେ ତାଙ୍କୁ 'ଭାରତ ରତ୍ନ' ଉପାଧିରେ ସମ୍ମାନିତ କରିଥିଲେ । ବଙ୍ଗଳାଦେଶର ମୁକ୍ତି ପାଇଁ ପ୍ରାୟ ଏକ କୋଟିରୁ ଊର୍ଦ୍ଧ୍ୱ ଶରଣାର୍ଥୀଙ୍କୁ ଆଶ୍ରୟ ଦେଇ ସେମାନଙ୍କ ପାଇଁ ଖାଦ୍ୟ ଓ ପାନୀୟର ବ୍ୟବସ୍ଥା କରିବା ଭାରତ ପାଇଁ ବହୁ କଷ୍ଟକର ବ୍ୟାପାର ଥିଲା । ଭାରତ ଯେ ଶାନ୍ତିରେ ବିଶ୍ୱାସ କରେ ଏକଥା ଶ୍ରୀମତୀ ଗାନ୍ଧୀ ବିଶ୍ୱର ବିଭିନ୍ନ ରାଷ୍ଟ୍ର ଗସ୍ତ କରି ରାଷ୍ଟ୍ର ମୁଖ୍ୟମାନଙ୍କର ପ୍ରଭାବିତ କରିପାରିଥିଲେ ।

ଶ୍ରୀମତୀ ଗାନ୍ଧିଙ୍କ ବ୍ୟକ୍ତିତ୍ୱରେ ଅନୁପ୍ରାଣୀତ ହୋଇ ପାକିସ୍ତାନର ସାମରିକ ମୁଖ୍ୟ, ଜୁଲ୍‌ଫିକର୍ ଅଲ୍ଲୀ ଭୁଟ୍ଟୋ ଭାରତ ସହିତ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନିମନ୍ତେ ଇଚ୍ଛା ପ୍ରକାଶ କରିଥିଲେ । ଏହାକୁ ଭାରତ ସରକାର ସମର୍ଥନ କରିବାରୁ ସିମଳା ଠାରେ ଭୁଟ୍ଟୋ ଓ ଶ୍ରୀମତୀ ଗାନ୍ଧିଙ୍କ ମଧ୍ୟରେ ଦୀର୍ଘ ଆଲୋଚନା ପରେ ୧୯୭୨ ମସିହା ଜୁଲାଇ ୨ ତାରିଖରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ଏହା 'ସିମଳା ଚୁକ୍ତିନାମା' ନାମରେ ନାମିତ । ଏହା ଉଭୟ ଦେଶର ମଙ୍ଗଳ ପାଇଁ ଉଦ୍ଦିଷ୍ଟ ଥିଲା । ଯେଉଁ ଭୁଟ୍ଟୋ ଦିନେ ଭାରତ ସହିତ ୧୦୦୦ ବର୍ଷ ଯୁଦ୍ଧ କରିବା ପାଇଁ ଘୋଷଣା କରିଥିଲେ, ସେ ପୁଣି ଭାରତ ସହ ଶାନ୍ତି ଚୁକ୍ତିନାମାରେ ସ୍ୱାକ୍ଷର କଲେ । ଏହା ସମ୍ଭବ ହୋଇଥିଲା କେବଳ ଶ୍ରୀମତୀ ଗାନ୍ଧିଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ ଓ ନେତୃତ୍ୱ ଯୋଗୁଁ । ବିଶ୍ୱରେ ଭାରତର ସମ୍ମାନ ବୃଦ୍ଧି ଶ୍ରୀମତୀ ଗାନ୍ଧିଙ୍କ ଦ୍ୱାରା ସମ୍ଭବପର ହୋଇଥିଲା । କିନ୍ତୁ ଭାଗ୍ୟର ବିଡମ୍ବନା, ଦେଶର ଅଖଣ୍ଡତା ରକ୍ଷା କରିବାପାଇଁ ସେ ଇହ ଜଗତରୁ ଚାଲିଗଲେ ସତ କିନ୍ତୁ ଚିରଦିନ ପାଇଁ ସମସ୍ତଙ୍କ ହୃଦୟରେ ରହିଗଲେ ।

**ପୂର୍ବତନ ଅଧକ୍ଷ,ଭୁବନେଶ୍ୱର ପଞ୍ଚାୟତ ସମିତି, ମୋ–୯୮୬୧୦ ୨୩୧୪୨**

# ପବିତ୍ର ଅଁଳା ନବମୀ

**ବୈଷ୍ଣବ ଚରଣ ଦାଶ**

ଭାରତୀୟ ବନୌଷଧି ମଧ୍ୟରେ ଅଁଳା ବୃକ୍ଷ ସର୍ବପରିଚିତ ଉଦ୍ଭିଦ । ବହୁ ପ୍ରାଚୀନ କାଳରୁ ଆମ ଦେଶରେ ଅଁଳା ପାରମ୍ପରିକ ଭାବରେ ଦେଶୀୟ ଔଷଧ ପ୍ରସ୍ତୁତିରେ ବ୍ୟବହାର କରାଯାଇ ଆସୁଛି । ଆୟୁର୍ବେଦର ତ୍ରିଫଳା ଦ୍ରବ୍ୟ ମଧ୍ୟରେ ହରିଡା, ବାହାଡା ସହିତ ଏହା ଅନ୍ୟତମ ସହଯୋଗୀ ଔଷଧୀୟ ଦ୍ରବ୍ୟ ରୂପେ ବ୍ୟବହୃତ ହୁଏ ।

ଏହା ଛଡା ଆୟୁର୍ବେଦର ସୁପ୍ରସିଦ୍ଧ ରସାୟନ ଔଷଧ ଚ୍ୟବନପ୍ରାସ ପ୍ରସ୍ତୁତିରେ ମଧ୍ୟ ଏହାକୁ ମୁଖ୍ୟ ଉପାଦାନ ରୂପେ ପ୍ରୟୋଗ କରାଯାଇଥାଏ । ଦେଶୀୟ ଚିକିତ୍ସାରେ ଅନେକ ପ୍ରକାର ଛୋଟ ବଡ ରୋଗର ଉପଚାର ପାଇଁ ଏହାର ଉପାଦେୟତା ଯୋଗୁଁ ଏହା ସମସ୍ତଙ୍କର ପ୍ରିୟ ବନୌଷଧି ଦ୍ରବ୍ୟ ରୂପେ ପରିଗଣିତ ହୋଇପାରିଛି ।



ଆୟୁର୍ବେଦୀୟ ଔଷଧ ପ୍ରସ୍ତୁତିରେ ଅଁଳାର ଯଥେଷ୍ଟ ମହତ୍ତ୍ୱ ରହିଛି । ଅଁଳାର ପକ୍ୱ ଫଳ ରସାୟନ, ବୃଷ୍ୟ, ରକ୍ତପିତ୍ତହର ସମତଳ, ମୃଦ୍ୟୁ ବିରେଚକ, ମୂତ୍ରଳ ଏବଂ ଯକୃତ ଦୋଷହର ଗୁଣ ବିଶିଷ୍ଟ ଅଟେ । ଏହାର ଶୁଖିଲା ଫଳଗ୍ରାହୀ, ଶୀତଳ ଦୀପନ ଏବଂ ରକ୍ତସ୍ରାବରୋଧକ ଅଟେ । ପ୍ରତିଦିନ ଅଁଳା ଚୂର୍ଣ୍ଣକୁ ମହୁ ସହିତ ସେବନ କଲେ ସ୍ମୃତି , ମେଧା ଓ କାନ୍ତି ବୃଦ୍ଧି ପାଇଥାଏ ଏବଂ ଶ୍ୱାସ, କାଶ , ରକ୍ତହୀନତା , ଅଗ୍ନିମାନ୍ଦ୍ୟ ପ୍ରଭୃତି ଦୂର ହୋଇଥାଏ ।

ଆହୁରି ମଧ୍ୟ ଅଁଳା ଚୂର୍ଣ୍ଣ, ଅତିସାର ବା ଡାଇରିଆ, ଅତ୍ୟଧିକ ଋତୁସ୍ରାବଜନିତ ସମସ୍ୟାର ଉପଚାର କ୍ଷେତ୍ରରେ ବିଶେଷ ଫଳପ୍ରଦ ଅଟେ । ଏଣୁ ଅଁଳା ଗଛକୁ ଏକ ଦେବ ବୃକ୍ଷ ବୋଲି କୁହାଯାଇଛି ।

କାର୍ତ୍ତିକ ମାସରେ ଶୁକ୍ଳ ନବମୀ ଦିନ ଏହି ବୃକ୍ଷକୁ ପୂଜା କରାଯାଇଥାଏ । ଧର୍ମ ସଂସ୍କୃତିରେ ଅଁଳା ଗଛକୁ ଦେବୀ ବୃକ୍ଷରୂପେ ଗ୍ରହଣ କରାଯାଇଛି । କାର୍ତ୍ତିକ ପୁରାଣ ଅନୁସାରେ ସରସ୍ୱତୀଙ୍କର ରଜୋଗୁଣରୁ ଅଁଳାର ସୃଷ୍ଟି । ଏହି ଦିନଠାରୁ ସତ୍ୟ ଯୁଗ ଆରମ୍ଭ ହୋଇଥିବା ବିଶ୍ୱାସ କରାଯାଏ । ଅଁଳା ନବମୀ ଦିନ ପ୍ରତ୍ୟେକ ଓଡ଼ିଆ ବୃକ୍ଷ ମୂଳରେ ଗୋବର ଲିପି ଥାନ୍ତି । ତା ଉପରେ ମୁରୁଜରେ ଚିତା ପକାଇ ଉଭୟ ବିଷ୍ଣୁ ଓ ଶିବଙ୍କୁ ପୂଜା କରିଥାନ୍ତି । ଓଡ଼ିଶାର ପ୍ରସିଦ୍ଧ ସାକ୍ଷୀ ଗୋପାଳ ମନ୍ଦିରରେ ଏହି ପର୍ବ ଧୁମଧାମ୍‌ରେ ପାଳିତ ହୁଏ । ବର୍ଷ ସାରା ରାଧାଙ୍କ ପାଦ ଭକ୍ତମାନଙ୍କୁ ଦିଶୁ ନ ଥାଏ । ଅଁଳା ନବମୀ ଦିନ ରାଧା ଓଡ଼ିଆଣୀ ବେଶରେ ଲୁଗା ପରିଧାନ କରି ତାଙ୍କର ପାଦ ଦର୍ଶନର ସୁଯୋଗ ଦେଇଥାନ୍ତି । ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥାଏ । ଓଡ଼ିଆଣୀ ବେଶ ସମୟରେ ଠାକୁରାଣୀ କାଣିଆ କଛା ମାରନ୍ତି, ଫଳରେ ବର୍ଷସାରା ଶାଢ଼ିରେ ଆବୃତ ହୋଇ ରହିଥିବା ଠାକୁରାଣୀଙ୍କ ପାଦପଦ୍ମ ଦ୍ୱୟକୁ ଭକ୍ତମାନେ ଦର୍ଶନ କରିଥାନ୍ତି । ଏହି ଦିନ ଗୋପାଳଙ୍କୁ ଚନ୍ଦନ ଚର୍ଚ୍ଚିତ କରାଯାଇ ମସ୍ତକରେ ସ୍ୱର୍ଣ୍ଣ କିରୀଟ, ହାତରେ ସୁବର୍ଣ୍ଣ ବଂଶୀ ସାଙ୍ଗକୁ ନଟବର ବେଶରେ ଏବଂ ରାଧାଙ୍କୁ ଖଣ୍ଡୁଆ ପାଟବସ୍ତ୍ର ସହ କିରୀଟ, ପାଉଁଜି, ଝୁଣ୍ଟିଆ, କୁଣ୍ଡଳ, ଚାପସରି ସେବତୀ ହାର, ନୋଥ, ଗୁଣା ଏବଂ ଅଁଳା ହାର ଲାଗି କରାଯାଏ ।



ପଦ୍ମପୁରାଣ ଅନୁଯାୟୀ, ଅଁଳା ନବମୀ ଦିନ ଏହି ବୃକ୍ଷର ପୂଜା କରିବା ଦ୍ୱାରା ପାପ ନଷ୍ଟ ହୋଇଥାଏ । ତେଣୁ ଏହାକୁ ଅକ୍ଷୟ ନବମୀ , ଧାତ୍ରୀ ନବମୀ ବୋଲି କୁହାଯାଏ । ଭଗବାନ ବିଷ୍ଣୁ ଏହି ବୃକ୍ଷରେ ବାସ କରିଥାଆନ୍ତି ବୋଲି କୁହାଯାଇ ଥିବାରୁ ଏହି ବୃକ୍ଷର ପୂଜାର୍ଚ୍ଚନା ଦ୍ୱାରା ଧନ, ବିବାହ, ସନ୍ତାନ, ଦାମ୍ପତ୍ୟ ଜୀବନ ସହ ଜଡିତ ସମସ୍ତ ସମସ୍ୟା ଦୂର ହୋଇଥାଏ । ଓଡ଼ିଆ ପରମ୍ପରାରେ ଅଁଳା ନବମୀରୁ କାର୍ତ୍ତିକ ମାସ ଶେଷ ପର୍ଯ୍ୟନ୍ତ ସମୟକୁ ପଞ୍ଚୁକ ବୋଲି ମଧ୍ୟ କହିଥାନ୍ତି । ଏହି ସାତ ଦିନ ହବିଷିଆଳୀମାନେ ଅଁଳାଗଛ ମୂଳରେ ହବିଷ୍ୟାନ୍ନ ରାନ୍ଧନ୍ତି ଓ ବୃକ୍ଷ ଚାରିପଟେ ପ୍ରଦକ୍ଷିଣ କରିଥାନ୍ତି ।

ଅଁଳା ଗଛ ଆମ ଦେଶରେ ବଣଜଙ୍ଗଲ ଠୁଁ ଆରମ୍ଭ କରି ଦେବାଳୟ ଓ ବାଡିବଗିଚାରେ ଦେଖିବାକୁ ମିଳେ । ଏହି ମଧ୍ୟମାକାର ବିଶିଷ୍ଟ ବୃକ୍ଷଟି କୋଡ଼ିଏ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢିଥାଏ । ଏହାର ପତ୍ର ତେନ୍ତୁଳି ପତ୍ର ପରି ଅପେକ୍ଷା କୃତ ଛୋଟ । ପ୍ରତ୍ୟେକ ପତ୍ରକକ୍ଷରେ ଫୁଲ ଧରେ, ଫୁଲରୁ ଫଳ ବାହାରେ ଏବଂ ତାହା ପତ୍ରତଳେ ଝୁଲି ରହିଥାଏ । ଫଳଗୁଡିକ ଛୋଟ ବରକୋଳି ପରି ଗୋଲାକାର, ଛଅ ଗୋଟି ରେଖାଯୁକ୍ତ, ଡାଳସହ ସଂଯୁକ୍ତ ଏବଂ କଞ୍ଚା ଅବସ୍ଥାରେ ସବୁଜ ତଥା ପାଚିଲା ଅବସ୍ଥାରେ ସବୁଜ ମିଶା ହଳଦିଆ ରଙ୍ଗର ।

ଫଳର ସ୍ୱାଦ କଷାଳିଆ । ଅଁଳା ଫଳ ଖାଇବା ପରେ ପାଣି ପିଇଲେ ମିଠା ଲାଗେ । ଅଁଳା ବୃକ୍ଷରେ ବର୍ଷାଦିନେ ଫୁଲ କଷି ଧରି । ଶୀତ ଦିନ ବେଳକୁ ଫଳ ପାଚି ଯାଏ । ବହୁତ ପାଚିଗଲେ ଫଳ ଝଡିଯାଏ । ଫଳ ଭିତରେ ମଞ୍ଜି ଥାଏ । ଶୁଖିଲା ଫଳଗୁଡିକରୁ ଆପଣାଛାଏଁ ଫଳର ଶସ ଭାଗ ଭାଗ ହୋଇ ଝଡିଯାଏ । ଗୋଟିଏ ଅଁଳା ଫଳ ପ୍ରାୟ ୬ ଭାଗରେ ବିଭକ୍ତ ହୋଇ ମଞ୍ଜିରୁ ଅଲଗା ହୋଇଯାଏ ।

ଏହି ପରି ଭାବରେ ଦେଖିବାକୁ ଗଲେ ଅଁଳା ଆମ ସଂସ୍କୃତିରେ ଏକ ପବିତ୍ର ବୃକ୍ଷ । ଅଁଳା ନବମୀ ଦିନ ଏହି ବୃକ୍ଷ ତଳେ ଭୋଜନ କଲେ ଅଶେଷ ପୁଣ୍ୟ ଲାଭ ହୁଏ । ସେହି ସମୟରେ ଯଦି ବୃକ୍ଷରୁ ପତ୍ର ଝଡି ଉପରେ ପଡେ, ତେବେ ତାକୁ ଭଗବାନ ବିଷ୍ଣୁଙ୍କ ଆଶୀର୍ବାଦ ବୋଲି ଗ୍ରହଣ କରାଯାଏ ।

**ବୀରଧନଞ୍ଜୟ ପୁର**
**ବୁଗୁଡ଼ା, ଗଞ୍ଜାମ**
**ମୋ–୯୭୭୬୫୩୪୯୩୦**

# ୫୦ ବର୍ଷ ପରେ ସୁସ୍ଥ ରହିବା ପାଇଁ ...



**ଡାକ୍ତର ଗୁରୁପଦ ମିଶ୍ର**

ବୟସ ବଢ଼ିବା ସହିତ ଶରୀରରେ ମଧ୍ୟ ପରିବର୍ତ୍ତନ ଆସିଥାଏ। ଏହି ପରିବର୍ତ୍ତନ କେବଳ ମହିଳା ନୁହେଁ, ପୁରୁଷମାନଙ୍କ ମଧ୍ୟରେ ବି ଦେଖାଯାଇଥାଏ। ଆଜିକାଲି ସମସ୍ତେ ପଚାଶ ବର୍ଷ ବୟସରେ ମଧ୍ୟ ସୁସ୍ଥ ଓ ଫିଟ ହେବାକୁ ଚାହାନ୍ତି । କିନ୍ତୁ ସମସ୍ତଙ୍କର ଇଚ୍ଛା ପୂରଣ ହୁଏନାହିଁ । ସାଧାରଣତଃ ୫୦ ବର୍ଷ ବୟସ ପରେ ମହିଳାମାନେ କିଛି ଶାରୀରିକ ସମସ୍ୟାର ସାମ୍ନା କରନ୍ତି ।

ଶରୀରରେ ଏଷ୍ଟ୍ରୋଜେନ ହରମୋନ କାରଣରୁ ମହିଳାଙ୍କ ରଜନିବୃତ୍ତି ହୁଏ । ଏହି କାରଣରୁ ୫୦ ବର୍ଷ ବୟସରେ ଏପରି କିଛି ଜୀବନ ପ୍ରଣାଳୀ ରହିଥାଏ, ଯାହାକୁ ଆମେ ଆପଣେଇ ନେବା ଉଚିତ । ଆସନ୍ତୁ ଜାଣିବା ୫୦ ବର୍ଷ ବୟସ ପରେ ସୁସ୍ଥ ରହିବା ପାଇଁ ପାଞ୍ଚଟି ସୂତ୍ର ।

ଦୈନିକ ୧୦ ହଜାର ପାଦ ଚାଲିବା । ଶାରୀରିକ ଭାବରେ ନିଷ୍କ୍ରିୟ ରହିବା ଆପଣଙ୍କୁ ମେଦବହୁଳ କରିପାରେ । ଶାରୀରିକ ଶ୍ରମ ନ କରିବା ଦ୍ୱାରା ଶରୀରରେ ଅନାବଶ୍ୟକ ମେଦ ଜମା ହୋଇଥାଏ । ଏଣୁ ଧୀରେ ଧୀରେ ହାଡ଼ ଓ ମାଂସପେଶୀଗୁଡ଼ିକ ମଧ୍ୟ ଦୁର୍ବଳ ହୋଇଯାଆନ୍ତି । ଏଣୁ ଆପଣ ଦିନକୁ ୧୦ ହଜାର ପାଦ ଚାଲିବା ଅଭ୍ୟାସ ଆରମ୍ଭ କରନ୍ତୁ, କିଛି ମାସ ପରେ ପାର୍ଥକ୍ୟ ନିଜେ ଜାଣିପାରିବେ ।

ଚାପମୁକ୍ତ ରହିବା । ଚାପ ଆପଣଙ୍କ ଜୀବନକୁ ପ୍ରଭାବିତ କରିଥାଏ । ଏହା ପଛରେ ଅନେକ କାରଣ ଥାଇପାରେ ଯେପରିକି କାର୍ଯ୍ୟ ଚାପ, ପରିବାର, ଆର୍ଥିକ ପ୍ରତିବନ୍ଧକ, କାମକୁ ଯିବା ଚିନ୍ତା, ଭଲ ଚାକିରି ନ ପାଇବା ଟେନସନ ଆଦି । ଚାପ ଓ ଚିନ୍ତା କମାଇବାକୁ ଚେଷ୍ଟା କରିବା ଆପଣଙ୍କ ପାଇଁ ଭଲ । ଏଥିପାଇଁ ଧ୍ୟାନ କରନ୍ତୁ, ଦେଖିବେ ଏହା ମନକୁ ଶାନ୍ତ କରିବା ସହିତ ଆପଣ ନିଜକୁ ଉର୍ଜାବାନ ଅନୁଭବ କରିବେ ।

ଖାଦ୍ୟରେ ସାମିଲ କରନ୍ତୁ ଅଧିକ ପୋଷକ ତତ୍ତ୍ୱ । ସୁସ୍ଥ ଜୀବନଯାପନ ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଉପଯୁକ୍ତ ଖାଦ୍ୟପେୟ । ଦୀର୍ଘ ସମୟ ପର୍ଯ୍ୟନ୍ତ ସୁସ୍ଥ ରହିବାକୁ ହେଲେ ନିୟମିତ ପୁଷ୍ଟିକର ଖାଦ୍ୟ ଅର୍ଥାତ ଶସ୍ୟ, ଡାଲି ଓ ମଞ୍ଜି ଦୈନନ୍ଦିନ ଖାଦ୍ୟରେ ଅନ୍ତର୍ଭୁକ୍ତ କରିବା ଉଚିତ । ଏହି ଖାଦ୍ୟ ଗୁଡ଼ିକରେ ଅନେକ ପୋଷକ ତତ୍ତ୍ୱ ଭରି ରହିଥାଏ ।

ନକାରାତ୍ମକ କଥାରୁ ଦୂରେଇ ରହିବା । ଯେତେବେଳେ ନିଷିଦ୍ଧ ବିଷୟଗୁଡ଼ିକର କଥା ଆସେ, ଯେପରି ଟଙ୍କା ଉପରେ କିମ୍ବା ଘରର ସମସ୍ୟା କଥା ହେଉ ସେହି ସମ୍ବନ୍ଧରେ ଆମେ ଅଧିକ ଆଲୋଚନା କରିବା ପାଇଁ ଇଚ୍ଛୁକ ହୋଇଥାଉ । ଏହି କଥାଗୁଡ଼ିକ ଆମ ଜୀବନଶୈଳୀ ଉପରେ ପ୍ରଭାବ ପକାଇଥାଏ । ସେଥିପାଇଁ ଏହି ନାକାରାତ୍ମକ କଥାକୁ ଆଡ଼େଇ ଯିବା ଉଚିତ ।

ନିଶା ସେବନକୁ ନା କରନ୍ତୁ । ଧୂମପାନ ଓ ମଦ୍ୟପାନ ହୃଦରୋଗ, ଫୁସଫୁସ୍, ମଧୁମେହ, ପ୍ରସୂତି ଏବଂ ଯାବତୀୟ ରୋଗର କାରଣ ହୁଏ । କେବଳ ଏତିକି ନୁହେଁ, ଯଦି ଆପଣଙ୍କର ଧୂମପାନ ଅଭ୍ୟାସ କ୍ରନିକ ହୋଇଥାଏ, ତେବେ ଆଖି ସମସ୍ୟା, ରିଉମାଟଏଡ଼ ଆର୍ଥ୍ରାଇଟିସ ଓ ରୋଗ ପ୍ରତିରୋଧ ପ୍ରଣାଳୀରେ ସମସ୍ୟାର ଆଶଙ୍କା ମଧ୍ୟ ବଢ଼ିଯାଏ । ଏଥିପାଇଁ ଏହି ଉଭୟ ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବା ଉଚିତ ।

କଥାରେ ଅଛି, ବୟସ ପଚାଶମାନେ ଆପଣଙ୍କ ଜୀବନ ଆରମ୍ଭ ହେଲା। ବାସ୍ତବକଥା ହେଉଛି ଯଦିଓ ବୟସ ବଢ଼ିବା ସହ ଅନେକଙ୍କର ସ୍ୱାସ୍ଥ୍ୟ ଅବସ୍ଥା ନାନା ସମସ୍ୟାକୁ ସାମ୍ନା କରିଥାଏ ଓ ଦୁର୍ବଳ ହୋଇଥାଏ । ତଥାପି ଏକ ରୁଟିନ ବନ୍ଧା ଭଲ ଜୀବନ ଶୈଳୀ ଦ୍ୱାରା ଆପଣ ଆନନ୍ଦମୟ ଜୀବନ ଉପଭୋଗ କରିପାରିବେ । ଖାଇବା, ଶୋଇବାର ଏକ ନିର୍ଦ୍ଦିଷ୍ଟ ସମୟର ମାନଦଣ୍ଡ ରଖନ୍ତୁ ।

ସକାଳୁ ଉଠିବା ଖୁବ୍ ଭଲ ଅଭ୍ୟାସ । ସୁଷମ ଖାଦ୍ୟ ସବୁଠାରୁ ଭଲ । ନିଶା ସେବନ ଠାରୁ ଦୂରେଇବା ସହ ପ୍ରଫୁଲ୍ଲିତ ମନର ଜୀବନ ନିର୍ବାହ କରନ୍ତୁ । ଯଥାସମ୍ଭବ ଶାରୀରିକ ଅଭ୍ୟାସ, ଯୋଗ ପ୍ରାଣାୟମ ସବୁଠାରୁ ଭଲ । ନିଜେ ଖୁସିରେ ରହିବା ସହିତ ଅନ୍ୟମାନଙ୍କୁ ଖୁସିରେ ରଖିବା ପାଇଁ ଚେଷ୍ଟା କରନ୍ତୁ । କୌଣସି ଶାରୀରିକ ସମସ୍ୟା ଦେଖାଦେଲେ ସରକାରୀ ଡାକ୍ତରଖାନାର ସୁଯୋଗ ନିଅନ୍ତୁ ଓ କୌଣସି ପରିସ୍ଥିତିରେ ଦେଶୀ ଚିକିତ୍ସା, ଗୁଣି ଗାରେଡ଼ି ଏ ସବୁକୁ ଗ୍ରହଣ କରନ୍ତୁ ନାହିଁ । ବୟସ ବଢ଼ିଲେ ଆପଣ ଯଦି ସୁସ୍ଥ ଜୀବନ ଶୈଳୀ ନିର୍ବାହ କରୁଥାନ୍ତି ତେବେ ଆପଣଙ୍କ ପାଇଁ କୌଣସି ଶାରୀରିକ ସମସ୍ୟା ଯନ୍ତ୍ରଣାଦାୟକ ଆଦୌ ହୋଇ ପାରିବ ନାହିଁ ।

**ଭେଷଜ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ**

# ପଞ୍ଚମ ପୃଷ୍ଠାର ଅବଶିଷ୍ଟାଂଶ

## ୨ରୁ...

ଭୁବନେଶ୍ୱରରେ ୫ ତାରିଖ ସୁଦ୍ଧା ୨୦ ଡିଗ୍ରୀ ସେଲସିୟସ ତଳକୁ ତାପମାତ୍ରା ଖସିବାରେ ସମ୍ଭାବନା ଅଛି । ନଭେମ୍ବର ୧ରେ ଖୋର୍ଦ୍ଧା ଓ ତାହାର ଉତ୍ତରରେ ଥିବା ଉପକୂଳ ଏବଂ ସଂଲଗ୍ନ ଜିଲ୍ଲାରେ ହାଲୁକାରୁ ସ୍ୱଳ୍ପ ବର୍ଷା ହୋଇପାରେ ।

୩୧ ତାରିଖରେ ମିଆଁମାର ଉପକୂଳରେ ଏକ ଘୂର୍ଣ୍ଣିବଳୟର ସମ୍ଭାବନା ରହିଛି । ଉତ୍ତରା ପବନର କ୍ରମଶଃ ପ୍ରଭାବ ଯୋଗୁଁ ଏହା ଘନିଭୂତ ହେବା ପାଇଁ ପ୍ରତିକୂଳ । ତେବେ ୨ ତାରିଖ ବେଳକୁ ଅଧିକ ସ୍ପଷ୍ଟ ହେବ । ଧାନ ଫସଲରେ ଚକଡା ବା ଲେଡା ପୋକର ସମ୍ଭାବନା ଅଛି । ଧାନ ବିଲରୁ ଜଳ ନିଷ୍କାସନ କରନ୍ତୁ । ତଳେ ଶୋଇଯାଇଥିବା ଧାନଗଛକୁ ପାହି ଭାଙ୍ଗି ବାୟୁ ଚଳାଚଳ ସୁବିଧା କରନ୍ତୁ । ଧାନ ବଢିବା ସମୟରେ ବର୍ଷା ହୋଇଥିଲା । ବର୍ତ୍ତମାନର ସୁଖିଲା ପାଗରେ ଉପରବେଳା ଦୁଇ ପ୍ରତିଶତୟୁରିଆ ସିଞ୍ଚନ କରନ୍ତୁ ।

ଅପରପକ୍ଷରେ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଝାରସୁଗୁଡା, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ଅଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ଗୁରୁବାର ଭୁବନେଶ୍ୱର ସମେତ ପୁରୀ, ଚାନ୍ଦବାଲି, ସମ୍ବଲପୁର, ଭଦ୍ରକ ଆଦି ଜିଲ୍ଲାରେ ବର୍ଷା ହୋଇଥିବା ଜଣାପଡିଛି । ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱରରେ ସର୍ବାଧିକ ୫୪.୬ ମିଲିମିଟର ବର୍ଷା ହୋଇଥିବା ବେଳେ ଖୋର୍ଦ୍ଧାରେ ୪୦ ମି.ମି, ଯାଜପୁରରେ ୪୧ମି.ମି, ବାରିପଦାରେ ୪୫ ମି.ମି, ଢେଙ୍କାନାଳରେ ୩୨ ମି.ମି, ତାଳଚେରରେ ୨୫ମି.ମି, ଭୁବନେଶ୍ୱରରେ ୨୬.୪ ମି.ମି ଓ କଟକରେ ୧୪ ମି.ମି ବର୍ଷା ରେକର୍ଡ କରାଯାଇଥିଲା । ଗୁରୁବାରରେ ପୁରୀରେ ୯.୬୬ ମି. ମି, ଜଗତସିଂପୁରରେ ୭.୨ ମି.ମି, ଚାନ୍ଦବାଲିରେ ୭.୫ ମି. ମି, ଭୁବନେଶ୍ୱରରେ ୪.୬ ମି.ମି, ଭଦ୍ରକରେ ୮ ମି.ମି ବର୍ଷା ରେକର୍ଡ କରାଯାଇଛି ।

## ଓଡ଼ିଶାରେ...

ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଓଡ଼ିଶାବାସୀଙ୍କ ପକ୍ଷରୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ସବୁ ସମୟରେ ଓଡ଼ିଶାର ବିକାଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇ ଆସିଛନ୍ତି। ରେଳପଥ, ସଡକ ପଥ, ବନ୍ଦର ଓ ବିମାନ ଭିତ୍ତିଭୂମି ସହିତ ଓଡ଼ିଶାରେ ଶିଳ୍ପର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ସର୍ବାଧିକ ଗୁରୁତ୍ୱ ଦେଇ ଆସିଛନ୍ତି । ଓଡ଼ିଶାବାସୀଙ୍କ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଏହି ଶ୍ରଦ୍ଧା ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଆଜି...

ବଜାର ରାସ୍ତା ପେଭର ବ୍ଲକ ଇଟା ବ୍ୟବହାର କରାଯାଇ ରାସ୍ତା ଓସାର ସମ୍ପ୍ରସାରଣ ହୋଇଛି । ସିଂହଦ୍ୱାର, ଗୁମ୍ଫଟ ଓ ମନ୍ଦିର ବେଢା ରଙ୍ଗ ହୋଇଅଛି । ତୀର୍ଥ ପୁଷ୍କରିଣୀ ଚନ୍ଦନ ପୋଖରୀ ଓ ଶ୍ୟାମ କୁଣ୍ଡ ସଫେଇ ହୋଇଛି ପୁରୀ ପଟୁ ଆସୁଥିବା ଯାନବାହାନ ମହାମାୟା ସାହି ଦେଇ ସାକ୍ଷୀଗୋପାଳ ଷ୍ଟେସନ ପଡିଆରେ ପାର୍କିଂ କରାଯିବ । ସେହିପରି ଭୁବନେଶ୍ୱର ପଟୁ ଆସୁଥିବା ଯାନବାହାନ ସାକ୍ଷୀଗୋପାଳ କଲେଜ ବାଇପାସ ରାସ୍ତା ଦେଇ କୋଟ ଉପର ପଡିଆରେ ପାର୍କିଂ କରାଯିବ । ଅପରାଧିକ କାର୍ଯ୍ୟକଳାପ ରୋକିବା ଓ ଅମାନିଆ ମାନଙ୍କୁ ଆୟତ୍ତ କରିବା ନିମନ୍ତେ ବିଭିନ୍ନ ସ୍ଥାନରେ ସି ସି କ୍ୟାମେରା ଲଗା ଯାଇଛି । ସମସ୍ତ ନୀତିକାନ୍ତି ସହ ରାଧାରାଣୀଙ୍କ ପାଦ ଦର୍ଶନ ନେଇ ସେବାୟତ ସଂଘ ପକ୍ଷରୁ ଶୁକ୍ରବାର ଅଁଳା ନବମୀ ପାଇଁ ଦେବନୀତି ନିର୍ଘଣ୍ଟ କରାଯାଇଛି । ପୂର୍ବରାତ୍ର ଗୋଟାଏରେ ଦ୍ୱାରଫିଟା ନୀତି, ସାମେ ଗୋଟାଏରେ ମଙ୍ଗଳ ଆଳତୀ, ବେଶ, ମାଇଲମ, ନଟବର ବେଶ ୧.୩୦ ରୁ ରାତ୍ର ୩ ଘଟିକା, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ସକାଳ ଧୂପ, ମଦନମୋହନ ଭୋଗ ୩ ଘଟିକାରୁ ୫ ଟା ପର୍ଯ୍ୟନ୍ତ, ମନ୍ଦିର କର୍ମଚାରୀ ଓ ସେବାୟତ ଙ୍କ ଦର୍ଶନ ୫ ସକାଳ ୫ ଟା ଠାରୁ ସାହାଣମେଳା ଓ ସର୍ବସାଧାରଣ ଦର୍ଶନ ସକାଳ ୬ ରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ମନ୍ଦିର କର୍ମଚାରୀ ଓ ସେବାୟତ ଙ୍କ ଦର୍ଶନ । ସକାଳ ୫ ଟା ଠାରୁ ସାହାଣମେଳା ଓ ସର୍ବସାଧାରଣ ଦର୍ଶନ ସକାଳ ୬ ରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ,ପାଳିଆ ସେବାୟତ ଓ ପରିବର୍ତ୍ତନ (ଦର୍ଶନ ବନ୍ଦ) ଅପରାହ୍ନ ୪ ଟା ୩୦ ଠାରୁ ଟାରୁ ୫ ଟା ପର୍ଯ୍ୟନ୍ତ ସେବାୟତ ଓ ମନ୍ଦିର କର୍ମଚାରୀ ନିମନ୍ତେ ଦର୍ଶନ । ସାହାଣମେଳା ଓ ସର୍ବସାଧାରଣ ଦର୍ଶନ ଅପରାହ୍ନ ୫ ଟା ଠାରୁ ରାତ୍ର ୧୧ ପର୍ଯ୍ୟନ୍ତ ଚାଲୁ ରହିବ । ସେହିପରି ଜଗଦ୍ଧାତ୍ରୀ ପୂଜା ଅବସରରେ ଶ୍ରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅଜା ରୂପେ ପରିଚିତ ଶ୍ରୀ ଶ୍ରୀ ସିଦ୍ଧ ବଳରାମ ଦେବଙ୍କ ମନ୍ଦିର ସମ୍ମୁଖରେ ଅଁଳା ବୃକ୍ଷ ନିକଟରେ ହବିଷ୍ୟାଳି ମାନେ ପ୍ରସାଦ ପ୍ରସ୍ତୁତ କରିବା ନିମନ୍ତେ ବ୍ୟବସ୍ଥା ହୋଇଛି । ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚରେ ଶ୍ରୀରାଧା ଉତ୍ସବ ଅନୁଷ୍ଠିତ ହେବ । ଏହି ଉତ୍ସବରେ ଭଜନ ପରିବେଷଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

## ଚୀନ୍...

ଚୀନ୍ ବହୁ ପରିମାଣରେ ସୋୟାବିନ୍ କିଣିବ ବୋଲି ନିଷ୍ପତ୍ତି ନେଇଥିଲା । ତାହାକୁ ସେ ପ୍ରଶଂସା କରିଛନ୍ତି । ଆମେରିକା, ଚୀନ୍ ସହ ହୋଇଥିବା ଏହି ବାଣିଜ୍ୟିକ ଚୁକ୍ତି ଦକ୍ଷିଣ କୋରିଆରେ ୨୦୨୫ ଏପିଇସି ସମିଟି ପୂର୍ବରୁ ଚୂଡାନ୍ତ ହୋଇଛି । ଟ୍ରମ୍ପ କହିଛନ୍ତି ଯେ ଆମ ମଧ୍ୟରେ ଦୀର୍ଘ ସମୟ ଧରି ଏକ ଭଲ ସମ୍ପର୍କ ରହିଛି । ଆମେ ପରସ୍ପରକୁ ସମ୍ମାନ କରୁଛୁ । ଜିନ୍‌ପିଙ୍ଗଙ୍କୁ ଜଣେ ଭଲ ବୁଝାମଣାକାରୀ ଭାବେ ସେ ବର୍ଣ୍ଣନା କରିବା ସହ ଉଭୟ ନେତା ଆଲୋଚନା ପାଇଁ ବେଶ୍ ଆଗ୍ରହୀ ଥିଲେ ବୋଲି କହିଛନ୍ତି ।

## ତହସିଲରେ...

ବୁକ କରି ତହସିଲ ଅଫିସରେ ଜମି ପଞ୍ଜିକରଣ କରିପାରିବେ । ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି ।

## ଜଷ୍ଟିସ୍...

ହେଉଛନ୍ତି ସୁପ୍ରିମ୍‌କୋର୍ଟର ଅନ୍ୟତମ ବରିଷ୍ଠ ଜଜ୍ । ନଭେମ୍ବର ୨୪ରେ ସେ ଦାୟିତ୍ୱ ଗ୍ରହଣ କରିବେ । ବର୍ତ୍ତମାନର ସିଜେଆଇ ବିଆର ଗୋଭାଇ ତାଙ୍କ ନାମକୁ ସୁପାରିଶ କରିଥିଲେ । ଆଜି ଆଇନ୍ ମନ୍ତ୍ରଣାଳୟ ଏହାକୁ ଗ୍ରହଣ କରି ନିଯୁକ୍ତି ଦେଇଛି ।

## ଫେବୃଆରୀ...

ଆୟୋଜନ କରାଯାଇଛି । ସିବିଏସ୍‌ଇ ପକ୍ଷରୁ କୁହାଯାଇଛି ଯେ ପରୀକ୍ଷାର୍ଥୀମାନଙ୍କୁ ପ୍ରସ୍ତୁତି ପାଇଁ ଯଥେଷ୍ଟ ସମୟ ଦେବାକୁ ପ୍ରାୟ ୧୧୦ ଦିନ ପୂର୍ବରୁ ପରୀକ୍ଷାର ସୂଚୀ ଓ ତାରିଖ ଘୋଷଣା କରାଯାଇଛି ।

## ନଭେମ୍ବରରୁ...

ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ, ଏଆଇସିସି ନେତା ସଚିନ ପାଇଲଟ ଓ କହ୍ନେୟାକୁମାର ନୂଆପଡା ପ୍ରଚାରରେ ସାମିଲ ହେବେ ବୋଲି ସୂଚନା ମିଳିଛି ।

ନେତାଙ୍କ ଭିଡ଼ରେ ନୂଆପଡ଼ା ପାଲଟିଛି ମିନି ଭୁବନେଶ୍ୱର । ଏହି ଉପନିର୍ବାଚନରେ କାହାର ବାଜିମାତ ହେବ ତାହା ଫଳାଫଳ ପରେ ସ୍ପଷ୍ଟ ହେବ । କିନ୍ତୁ ୩ ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ, ବିଜେପି ଓ ବିଜେଡ଼ିର ରାଜ୍ୟ ମୁଖିଆ ମାନଙ୍କ ପାଇଁ ସମ୍ମାନର ପ୍ରଶ୍ନ ପାଲଟିଛି । ବିଜେପି ଓ କଂଗ୍ରେସର ଦଳର ରାଜ୍ୟ ମୁଖିଆ ନୂଆପଡ଼ାରେ ନେରା ପାକଇଥିବା ବେଳେ ବିଜେଡ଼ିର ରାଜ୍ୟ ମୁଖିଆଙ୍କୁ ଛାଡ଼ି ବାକି ନେତା ମାନେ ପ୍ରଚାର ପାଇଁ ଡେରା ପକାଇଛନ୍ତି ।

ବିଜେପି, ବିଜେଡି ଓ କଂଗ୍ରେସର ମାଳ ମାଳ ନେତା ଏବେ ଭୁବନେଶ୍ୱର ଛାଡି ନୂଆପଡାରେ । ଏପରିକି ବିଜେପି ଓ କଂଗ୍ରେସ କିଛି ଛତିଶଗଡ଼ର ନେତା ମଧ୍ୟ ପ୍ରଚାରରେ ମାତିଛନ୍ତି । ଦିନରେ ପ୍ରଚାର ଜମୁଛି । ଆଉ ରାତିରେ ହେଉଛି ରଣନୀତି । ସବୁ ହୋଟେଲ ନଭେମ୍ବର ୯ ଯାଏଁ ବୁକ ରହିଛି । ଭୁବନେଶ୍ୱରରୁ ଆସିଥିବା ନେତା ଓ କର୍ମୀଙ୍କୁ ମୁଖ୍ୟତଃ ଲୋକ ସମ୍ପର୍କ କାମରେ ଲଗାଯାଇଛି । ସେମାନେ ନୂଆପଡାର ବିଭିନ୍ନ ଅଞ୍ଚଳ ବୁଲି ସଂପୃକ୍ତ ଅଞ୍ଚଳର ମୁଖିଆଙ୍କୁ ଭେଟୁଛନ୍ତି , ଲୋକଙ୍କ ସହ ଆଲୋଚନା କରୁଛନ୍ତି । ବଡ ବଡ ନେତାଙ୍କୁ ଚା ଖଟିରେ ଭେଟୁଛନ୍ତି ନୂଆପଡା ଲୋକେ । ଦୁଇଦିନ ହେଲା ନୂଆପଡ଼ାରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ରହିଛନ୍ତି । କୋମନାରେ ୩ ଦଳର ଧୂଆଁଧାର ପ୍ରଚାର ରବିବାର ଓ ସୋମବାର ହୋଇଥିଲା । କୋମନାର ତରବୋଡରେ ପ୍ରଚାର କରିଛନ୍ତି ଜୟ ଢୋଲକିଆ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝିଙ୍କ ପାଇଁ କୋମନା ମିଛାପାଲିରେ ପ୍ରଚାର କରିଛନ୍ତି କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା ଓ କଂଗ୍ରେସ ବିଧାୟକ ଜଳ ନେତା ରାମଚନ୍ଦ୍ର କାଡାମ ବିଜେଡି ବି କୋମନା ବ୍ଲକ ସମରସିଂରେ ପ୍ରଚାର କରିଛି ଓ ଲୋକଙ୍କ ନିକଟତର ହେବାକୁ ଚେଷ୍ଟା କରିଛି । ନୂଆପଡା ଉପନିର୍ବାଚନ ପାଇଁ ହାତରେ ଆଉ ମାତ୍ର ଦୁଇ ସପ୍ତାହ । ସମସ୍ତେ ଅପେକ୍ଷା କରିଛନ୍ତି ଆଉ କେଉଁ ବଡ ନେତା ନୂଆପଡା ପ୍ରଚାରରେ ସାମିଲ ହେବେ । ଏହାପରେ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଜୟ ଢୋଲକିଆ ପାଇଁ ପ୍ରଚାର ପାଇଁ ଅଣ୍ଟା ଭିଡ଼ିଛନ୍ତି ।

## ନୂଆପଡାରେ...

ଏହି ଭୋଟ ଦେବେ ୫ ୩୦ ଅକ୍ଟୋବର ରୁ ୨ ନଭେମ୍ବର ଭିତରେ ଏହି ହୋମ୍ ଭୋଟିଂ ହେବ । ସ୍ୱଚ୍ଛତା ପାଇଁ ଏହି ପ୍ରକ୍ରିୟାର ଭିଡିଓଗ୍ରାଫି କରାଯିବ ବୋଲି ରିଟର୍ଣ୍ଣିଂ ଅଫିସର ସୁର୍ମି ସୋରେନ୍ ପ୍ରକାଶ କରିଛନ୍ତି ।

ଏହି ସୁବିଧାରୁ କେହି ଜଣେ ବି ଯୋଗ୍ୟ ମତଦାତା ଯେମିତି ବଞ୍ଚିତ ନ ହୁଅନ୍ତି ତାକୁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ମଧୁସୂଦନ ଦାଶ ନିୟୋଜିତ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ବିମାନବନ୍ଦରରୁ...

ବିମାନବନ୍ଦର ସୁରକ୍ଷା କର୍ମୀଙ୍କୁ ଠକେଇ ଅଭିଯୁକ୍ତ ଦ୍ୱିବେନ୍ଦୁର ଫଟୋ ଦେଇଥିଲେ ।

ସିବିଆଇର ଲୁକ୍‌ଆଉଟ୍ ସର୍କୁଲାର ଭିତ୍ତିରେ ଗୁରୁବାର ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରରୁ ସିଆଇଏସ୍‌ଏଫ୍ ମୋଷ୍ଟ ୱାଣ୍ଟେଡ୍ ଦ୍ୱିବେନ୍ଦୁଙ୍କୁ ଗୁରୁବାର ଗିରଫ କରି ସିବିଆଇକୁ ହସ୍ତାନ୍ତର କରିଛି । ଦୀର୍ଘଦିନ ହେବ ସେ ଫେରାର ହୋଇ ବୋଧେ ଓଡ଼ିଶାରେ ଲୁଚି ରହିଥିଲା ।

## ଶାନ୍ତିପୂର୍ଣ୍ଣ...

ମୁଖ୍ୟ ସଚିବ ଏବଂ ଡିଜିପି, କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ମୁଖ୍ୟଙ୍କୁ, ବିହାର ବିଧାନସଭା, ୨୦୨୫ ସାଧାରଣ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ଏବଂ ପ୍ରଲୋଭନମୁକ୍ତ କରିବା ପାଇଁ ସମସ୍ତ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶ ଏବଂ ପଶ୍ଚିମବଙ୍ଗର ମୁଖ୍ୟ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକ ଏବଂ ସଶସ୍ତ୍ର ସୀମା ବଳ ର ଡିଜିଙ୍କୁ ଆନ୍ତଃରାଜ୍ୟ ପୋଷ୍ଟଗୁଡ଼ିକରେ ଯାଞ୍ଚ ବୃଦ୍ଧି କରି ବିହାର ସୀମାବର୍ତ୍ତୀ ଅଞ୍ଚଳଗୁଡ଼ିକରେ ଅଧିକ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

ନାର୍କୋଟିକ୍ସ ନିୟନ୍ତ୍ରଣ ବ୍ୟୁରୋ, ଆୟକର ବିଭାଗ, କେନ୍ଦ୍ରୀୟ ସାମଗ୍ରୀ ଏବଂ ସେବା କର ଏବଂ ଡ଼ିଆରଆଇ ସମେତ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ନିର୍ବାଚନ ପୂର୍ବର ପଦକ୍ଷେପକୁ ତୀବ୍ର କରିବା ସହିତ ଜବତ କାର୍ଯ୍ୟକୁ ମଧ୍ୟ ତୀବ୍ର କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ଇ-କମର୍ସ ରପ୍ତାନିରେ ଆମାଜନର ମାଇଲଖୁଣ୍ଟ ହାସଲ

ବ୍ରହ୍ମପୁର (ସବ୍ୟୁ): ଆମାଜନ ଇଣ୍ଡିଆ ପକ୍ଷରୁ ଘୋଷଣା କରାଯାଇଛି ଯେ ଏହା ଆମାଜନ ଗ୍ଲୋବାଲ୍ ସେଲିଂ ପ୍ରୋଗ୍ରାମ ଜରିଆରେ ୨୦୧୫ରୁ ୨୦୨୫ ମଧ୍ୟରେ ୨୦ ବିଲିୟନ ଡଲାରର ଇ-କମର୍ସ ରପ୍ତାନି ମାଇଲଖୁଣ୍ଟ ହାସଲ କରିଛି । ୨୦୨୫ ସୁଦ୍ଧା ଇ-କମର୍ସ ରପ୍ତାନିକୁ ୧୦ ବିଲିୟନ ଡଲାରରେ ପହଂଚାଇବାକୁ ଆମାଜନ ଇଣ୍ଡିଆ ୨୦୨୦ରେ ସଂକଳ୍ପ ନେଇଥିଲା ଏବଂ ପରବର୍ତ୍ତୀ ସମୟରେ ସେହି ଲକ୍ଷ୍ୟକୁ ୨୦ ବିଲିୟନ ଡଲାରକୁ ବୃଦ୍ଧି କରାଯାଇଥିଲା । ଉକ୍ତ ସମୟ ସୀମା ଶେଷ ହେବା ପୂର୍ବରୁ କମ୍ପାନି ଏହି ମାଇଲଖୁଂଟ୭ ହାସଲ କରିଛି । ଆମାଜନ ଗ୍ଲୋବାଲ୍ ସେଲିଂ ପ୍ରୋଗ୍ରାମକୁ ୨୦୧୫ରେ ଆରମ୍ଭ କରାଯାଇଥିଲା । ଇତି ମଧ୍ୟରେ ସେଥିରେ ୨ ଲକ୍ଷରୁ୮ ଅଧିକ ରପ୍ତାନିକାରୀ ପଞ୍ଜୀକୃତ ହୋଇଥିବା ବେଳେ ସାରା ଦୁନିଆରେ ୭୫ କୋଟିରୁ ଅଧିକ ମେଡ୍ ଇଣ୍ଡିଆ ଉପିାଦ ଉପିାଦନ କରାଯାଇଛି । ଗତବର୍ଷ ଏହି କାର୍ଯ୍ୟକ୍ରମରେ ମୋଟ୍ ବିକ୍ରେତାଙ୍କ ସଂଖ୍ୟାରେ ୩୩ ପ୍ରତିଶତ ବୃଦ୍ଧି ଘଟିଛି । ଆମାଜନ ଗ୍ଲୋବାଲ୍ ସେଲିଂ ପ୍ରୋଗ୍ରାମ ସାରା ଦେଶରେ ଗ୍ରହଣୀୟ ହୋଇଛି ।

# ଟାଟା ଏଆଇଏ ପକ୍ଷରୁ "ଶୁଭ ଫାମିଲି ପ୍ରୋଟେକଫ' ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ଦେଶର ଅନ୍ୟତମ ଅଗ୍ରଣୀ ଜୀବନ ବୀମା କମ୍ପାନି ଟାଟା ଏଆଇଏ ଇନସ୍ୟୁରାନ୍ସ କମ୍ପାନି ଲିମିଟେଡ ପକ୍ଷରୁଏକ ନୂଆ ଟର୍ମ ପ୍ଲାନ "ଟାଟା ଏଆଇଏ ଶୁଭ ଫାମିଲି ପ୍ରୋଟେକଫ'ର ଶୁଭାରମ୍ଭ କରାଯାଇଛି । ଏଥିରେ ଉଭୟ ତକିାଳ ଏକକାଳୀନ ମୋଟା ଅଙ୍କର ବୀମା ରାଶି ପାଇବା ଓ ୩୦ ବର୍ଷ ପର୍ଯ୍ୟନ୍ତ ନମନୀୟ ମାସିକ ଆୟର ସୁବିଧା ରହିଛି ।ପରିବାରକୁ ବ୍ୟାପକ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ପାଇଁ ଏହାକୁ ପ୍ରସ୍ତୁତ କରାଯାଇଛି । ଅନିଶ୍ଚିତତା ସମୟରେ ଉପଯୁକ୍ତସମାଧାନ ଚାହୁଥିବା ଲୋକମାନଙ୍କ ପାଇଁ ଏହି ଯୋଜନା ବେଶ ଉପଯୁକ୍ତ ।ଏ ସମ୍ପର୍କରେ ଟାଟା ଏଆଇଏ ଲାଇଫ ଇନସ୍ୟୁରାନ୍ସର କାର୍ଯ୍ୟନିର୍ବାହୀ ଉପସଭାପତି କମଳ ଭରଦ୍ୱାଜ କହିଛନ୍ତି ଯେ, "ଟାଟା ଏଆଇଏରେ ଆମେ ଆର୍ଥିକ ସୁରକ୍ଷାଠାରୁ ଅଧିକ ପ୍ରଦାନ କରିବା ଉପରେ ବିଶ୍ୱାସ କରୁ । ଜୀବନର ପ୍ରତିଟି ସ୍ତରରେ ପରିବାରଗୁଡ଼ିକୁ ସହାୟତା ଦେବା ଉପରେ ଆମର ବିଶ୍ୱାସ ରହିଛି ।

# ଆଇକନିକ୍ ଡଷ୍ଟର୍‌ର ପ୍ରତ୍ୟାବର୍ତ୍ତନ

ମୁମ୍ବାଇ : ଫ୍ରାନ୍ସର କାର୍ ନିର୍ମାତା ରେନୋ ଗ୍ରୁପ୍‌ର ସମ୍ପୂର୍ଣ୍ଣ ସହାୟକ କମ୍ପାନି ରେନୋ ଇଣ୍ଡିଆ ପକ୍ଷରୁ ବହୁ ପ୍ରତୀକ୍ଷୀତ ନୂଆ ଏସ୍‌ୟୁଭି ଡଷ୍ଟର୍‌ର ପ୍ରତ୍ୟାବର୍ତ୍ତନ ସମ୍ପର୍କରେ ଘୋଷଣା କରାଯାଇଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ୨୦୧୨ରେ ଉନ୍ମୋଚନହୋଇଥିବା ରେନୋ ଡଷ୍ଟର୍ ଏସ୍‌ୟୁଭି ଦୃଶ୍ୟପଟ୍ଟକୁ ପୁନର୍ବ୍ୟାଖ୍ୟା କରିଥିଲା ଏବଂ ଏକ ବର୍ଗରେ ଅଗ୍ରଗାମୀ ହୋଇଥିଲା ଯାହାବର୍ତ୍ତମାନ ଯାତ୍ରୀବାହୀ ଯାନ ବଜାରର ପ୍ରାୟ ଏକ ଚତୁର୍ଥାଂଶ ହାସଲ କରିଛି । ଡଷ୍ଟର ବ୍ରାଣ୍ଡର ଅନ୍ତର୍ଜାତୀୟ ଯୋଜନା୨୦୨୭ ଅଧୀନରେ ଏହା ଭାରତରେ ଉନ୍ମୋଚିତ ହେବାକୁ ଥିବା ପ୍ରଥମ ଉତ୍ପାଦ ହେବ ।ଏହି ଅବସରରେ ରେନୋ ଗ୍ରୁପ ଇଣ୍ଡିଆର ସିଇଓ ଷ୍ଟେଫାନ୍ ଡେବ୍ଲେଜ୍ କହିଛନ୍ତି ଯେ, ରେନୋ ଡଷ୍ଟର କେବଳ ଏକନାମ ନୁହେଁ ଏହା ଏକ ସଚ୍ଚା କିମ୍ବଦନ୍ତୀ । ରୋମାଂଚ, ନିର୍ଭରଯୋଗ୍ୟତା ଏବଂ ନବସୃଜନର ପ୍ରତୀକ ପାଲଟିଥିବା ଏହି କାର୍‌ର ପ୍ରତ୍ୟାବର୍ତ୍ତନ ଭାରତୀୟ ବଜାର ପ୍ରତି ଆମର ପ୍ରତିବଦ୍ଧତା ଏବଂ ଗ୍ରାହକମାନଙ୍କ ଆବଶ୍ୟକତା ପୂରଣ କରୁଥିବା ଯାନପ୍ରଦାନ କରିବାର ଆଗ୍ରହକୁ ଦର୍ଶାଉଛି ।

# ଗ୍ରାମ ସଭାରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ

ଆଠଗଡ ,(ସବ୍ୟୁ): ପଞ୍ଚାୟତ ଉନ୍ନୟନ କାର୍ଯ୍ୟକୁ ନେଇ ଗ୍ରାମ ସଭା ଚାଲିଥିବା ବେଳେ ଶାସକ ଏବଂ ବିରୋଧୀଙ୍କ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖା ଦେଇଛି ।ଏ ସମ୍ପର୍କରେ ଉଭୟ ପକ୍ଷ ପରସ୍ପର ବିରୋଧରେ ଆଠଗଡ଼ ଥାନା ରେ ଦୁଇ ଟି ଅଭିଯୋଗ କରିଥିବା ଜଣାପଡିଛି । ଆଠଗଡ ବ୍ଲକ ସଠିଲୋ ପଞ୍ଚାୟତ ର ଗ୍ରାମପଞ୍ଚାୟତ ଉନ୍ନୟନ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟକାରିତା ପାଇଁ ଗ୍ରାମ ସଭା ଚାଲିଥିବା ବେଳେ ସେଠାରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟରାମ ସାଇଁ, ସହକାରୀ ଉନ୍ନୟନ ଅଧିକାରୀ ସୁନୀଲ ସାହୁ, ସମିତି ସଭ୍ୟ ସୁବାସ ପାଳ ଉପସ୍ଥିତ ରହିଥିଲେ । ଏହି ସମୟରେ ଶାସକ ଦଳର ୧୦ ରୁ ୧୫ ଜଣ ସମର୍ଥକ ସେଠାରେ ପହଞ୍ଚି ଆମେ ଶାସକ ଦଳର ପିଲା । ଆମକୁ ନ ପଚାରି କିଛି ହୋଇ ପାରିବ ନାହିଁ ବୋଲି କହି ଅଶ୍ଳୀଳ ଭାଷାରେ ଗାଳିଗୁଳଜ କରିବା ସହିତ ପଞ୍ଚାୟତ ନାଏବ ସରପଞ୍ଚ ଅଖିଳ କୁମାର ରାଉତଙ୍କୁ ମାଡ ମାରିବା ସହିତ ସେମାନେ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ପଶି ଭଙ୍ଗାରୁଜା କରିବା ସହିତ ବୈଦ୍ୟୁତିକ ଉପକରଣ ନଷ୍ଟ କରିଥିବା ଅଭିଯୋଗ ହୋଇଛି । ଏ ବାବଦରେ ପଞ୍ଚାୟତ ସରପଞ୍ଚ ବୀଣାପାଣି ପରିଡ଼ା ଆଠଗଡ଼ ଥାନାରେ ଅଭିଯୋଗ କରିଥିବା ବେଳେ ଅପରପକ୍ଷରେ ୧୨ ନଂ ଓ୍ୱାର୍ଡ ମେମ୍ବର ରମାକାନ୍ତ ନାଏକ ଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିବା ଅଭିଯୋଗ କରିଛନ୍ତି । ଏହାକୁ ନେଇ ଗ୍ରାମ ରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଖବର ଲେଖା ହେବା ବେଳକୁ ଉଭୟଙ୍କ ଅଭିଯୋଗ ଥାନା ରେ ପଞ୍ଜିକୃତ ହୋଇ ନ ଥିବା ଥାନା ଅଧିକାରୀ ସୁମତି ମହାନ୍ତି ସୂଚନା ଦେଇଛନ୍ତି ।

ଶୁଭେଚ୍ଛା ବାର୍ତ୍ତା

ଦୈନିକ ସମ୍ବାଦପତ୍ର 'ସମୟ'ର ୨୯ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛୁ ।

ନିୟନ୍ତ୍ରିତ ବଜାର କମିଟି
Regulated Market Committee
(RMC)
Angul

ମାୟାଧର ବେହେରା (ଓ.ପ୍ର.ସେ)
ଅଧ୍ୟକ୍ଷ ତଥା ଉପଜିଲ୍ଲାପାଳ
ଅନୁଗୋଳ

ଜ୍ୟୋତିରଂଜନ ସେଠୀ
ସମ୍ପାଦକ
ଅନୁଗୋଳ

# ପୂର୍ବତନ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପରଲୋକ

ଗରଦପୁର (ସବ୍ୟୁ) : ପାଟକୁରା ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ଗରଦପୁର ବ୍ଲକ୍ ଅଧିନ କୋଶିଦା ଗ୍ରାମର ବିଶିଷ୍ଟ ଶିକ୍ଷାବିତ ଉମାକାନ୍ତ ମହାପାତ୍ରଙ୍କର ୯୪ ବର୍ଷ ବୟସରେ ଆଜି ପରଲୋକ ଘଟିଛି । ଓଡ଼ିଶା ସରକାରଙ୍କର ବହୁ ଉଚ୍ଚ ପଦରେ ଅବସ୍ଥାପିତ ହୋଇ ସେ ଦକ୍ଷତାର ସହ କାର୍ଯ୍ୟ କରି ସୁନାମ ଅର୍ଜନ କରିଛନ୍ତି । ରେଭେନ୍ସା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଓ ମାଧ୍ୟମିକ ଶିକ୍ଷା ବିଭାଗର ନିର୍ଦ୍ଦେଶକ ଥିଲେ । ତାଙ୍କ ବଡଭାଇ ବରିଷ୍ଠ ପ୍ରଶାସକ ଜ୍ଞାନପୀଠ ବିଜେତା



ସୀତାକାନ୍ତ ମହାପାତ୍ର, ତାଙ୍କ ସାନପୁଅ ଆସାମ ଅତିରିକ୍ତ ପ୍ରମୁଖ ମୁଖ୍ୟ ବନ୍ୟସଂରକ୍ଷକ ସୁମନ ମହାପାତ୍ର,ଉପସ୍ଥିତ ଥିଲେ ।

ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ବଡ ପୁଅ ପୂର୍ବତନ ଏଲଆଇସି ଅଧିକାରୀ ରଞ୍ଜନ ମହାପାତ୍ର ମୁଖାଗ୍ନି ଦେଇଥିଲେ । ଗାଁ ପାଇଁ ଥିଲେ ଜଣେ ଦରଦୀ ବନ୍ଧୁ । ତାଙ୍କ ବିୟୋଗରେ ପାଟକୁରା ଅଞ୍ଚଳରେ ଶୋକରେ ଛାୟା ଖେଳିଯାଇଛି । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସାଂସଦ ବୈଜୟନ୍ତ ପଣ୍ଡା ଓ ବିଧାୟକ ଅରବିନ୍ଦ ମହାପାତ୍ର ଶୋକ କରିବା ସଙ୍ଗେ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି ।

# ମଦ ବୋଝେଇ ସ୍କର୍ପିଓ ଜବତ, ୨ ଗିରଫ

ବାରଙ୍ଗ, (ସବ୍ୟୁ) : ଦାମୀ ଗାଡ଼ିରେ ଦେଶୀମଦ ଚୋରା ଚାଲାଣ ହେଉଥିବା ବେଳେ କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ୧୦ଲକ୍ଷ ଟଙ୍କାର ଦେଶୀମଦ ବୋଝେଇ ସ୍କର୍ପିଓକୁ ଜବତ କରି ଦୁଇଜଣଙ୍କୁ ଗିରଫ କରିଛି ।ସେମାନେ ହେଲେ ବାରଙ୍ଗ ଥାନା ଅଧୀନସ୍ଥ ନୟାପାଟଣା ଗ୍ରାମର ପ୍ରିତମ ପଢିହାରି ଓ ନନ୍ଦନକାନନଥାନା ଅଧୀନସ୍ଥ ମରିଚିଆ ଗ୍ରାମର ମକରା ରାଉତ । , ବିଶସ୍ତ ସୂତ୍ରରୁ ଖବରପାଇ ଗୁରୁବାର ବାରଙ୍ଗ ବ୍ଲକ ନିକଟରେ କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗର ଏକ ଦଳ ଜଗିରହିଥିଲେ ।ଏହି ସମୟରେ ଦ୍ରୁତ ଗତିରେ ଆସୁଥିବା ଓଆର ୦୧ପି ୨୨୭୩ନମ୍ବରର ଦାମୀ ସ୍କର୍ପିଓ ଟି ଆସୁଥିଲା ।ଉକ୍ତ ସ୍କର୍ପିଓ ରୋକିବା ପରେ ସେଥିରୁ ୧୦୦୦ ଲିଟର ଦେଶୀମଦ ସହ ସ୍କର୍ପିଓରେ ଥିବା ଦୁଇ ଜଣଙ୍କୁ ଗିରଫ କରିଥିଲା ।ଗିରଫ ଦୁଇ ଅଭିଯୁକ୍ତ ପ୍ରିତମ ପଢିହାରି ଓ ମକରା ରାଉତ ଉଭୟ ଆଠଗଡ଼ ଅଞ୍ଚଳରୁ ଏହି ଦେଶୀମଦ ଆଣି ବାରଙ୍ଗ ଅଞ୍ଚଳରେ ବିକ୍ରି କରୁଥିବାର ଅବକାରୀ ବିଭାଗ ଆଗରେ ସ୍ୱୀକାର କରିଥିଲେ । ଜବତ ଦେଶୀମଦର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି । ଅବକାରୀ ବିଭାଗ ମଦ ଜବତ କରି ଉଭୟଙ୍କୁ ଗିରଫ କରି ଗୁରୁବାର ଦିନି କୋର୍ଟଚାଲାଣ କରିଛି ।

**PARADIP PORT AUTHOTIRY**
**HARBOUR WORKS DIVISION No.I**
**e-TENDER CALL NOTICE**
**e-TCN No.CE/HWDI/ACCTS-11/25/333, dtd.29.10.2025.**

Name of the work: "Development of Concrete Plot along with drainage facility adjacent to IOCL Petrol Pump near Weigh Bridge-1 inside Harbour area". Put to tender value: Rs.4,90,85,482.21 plus GST as applicable. Last date & time of submission of tender through online bidding is 20.11.2025 up to 17:15 Hrs. For details, please log on to the Website: https://eprocure.gov.in/eprocure/app.

Sd/- Executive Engineer
Harbour Works Division No.I,
Paradip Port Authority
PPA/PR/50/2025-2026 dtd. 30.10.2025

## ସୁନାହାର ଲୁଟ , ଜଣେ ଗିରଫ

ବାରଙ୍ଗ,(ସବ୍ୟୁ) ଘରେ ରଙ୍ଗ କରିବା ବାହାନାରେ ଘରୁ ସୁନାହାର ଚୋରି କରିନେଇଥିବା ଅଭିଯୋଗରେ ବାରଙ୍ଗଥାନା ପୋଲିସ ଗୁରୁବାର ଦିନ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଜଣଙ୍କ ବାରଙ୍ଗ ଥାନା ଅଧୀନସ୍ଥ ଗଦେଇକୁଦର ପ୍ରଫୁଲ୍ଲ ରାଉତ (ବଗୁଲା) ବୋଲି ଜଣାଯାଇଛି ।, ପ୍ରଫୁଲ୍ଲ ରାଉତ ଓ ତାର ସହଯୋଗୀମାନେ ମିଶି ଗତ ୨୭ ତାରିଖରେ ଦଢାପାଟଣା ଗ୍ରାମର ବିଷ୍ଣୁଚରଣ ପଟ୍ଟନାୟକ ନାମକ ବ୍ୟକ୍ତିଙ୍କ ଘର ରଙ୍ଗ କାମ କରୁଥିଲେ ।ଉକ୍ତ ଦିନ ସନ୍ଧ୍ୟାରେ ରେ ଯେତେବେଳେ ବିଷ୍ଣୁ ଚରଣ ଘରେ ରଖିଥିବା ସୁନାହାର ଖୋଜିଥିଲେ ସେ ତାଙ୍କୁ ପାଇଲେନାହିଁ ।ପ୍ରଫୁଲ୍ଲ ଯେଉଁ ଘର ରଙ୍ଗ କରୁଥିଲେ ସେହି ଘରେ ସୁନା ହାର ରହିଥିଲା ।ପ୍ରଫୁଲ୍ଲ ଏହାପରଦିନ ଆଉ ରଙ୍ଗକାମ କରିବାକୁ ନଆସିବାରୁ ବିଷ୍ଣୁ ଚରଣଙ୍କ ସନ୍ଦେହ ବଢିଥିଲା ବୋଲି ସେ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି । ବାରଙ୍ଗଥାନା ଅଧିକାରୀ ଦେବେନ୍ଦ୍ର ବିଶାଳ ୬୦୦/୨୫କେସ ନମ୍ବରରେ ଏକ ମାମଲା ରୁଜୁ ତଦନ୍ତ ଆରମ୍ଭ କରିବା ସହ ସାକ୍ଷୀଙ୍କ ବୟାନ ଏବଂ ପରିସ୍ଥିତି ଆଧାରରେ ଗୁରୁବାର ପ୍ରଫୁଲ୍ଲକୁ ଗିରଫ କରାଯାଇ କୋର୍ଟଚାଲାଣ କରିଛନ୍ତି ।

**AFFIDAVIT**

I, Narmada Das, D/o- Nirmal Das and W/o- Kabir Swain, Resident of At- Khadal, Po- Pippalmadhab, Ps- Tirtol, Dist- Jagatsinghpur, Odisha- 754160. Declare by this affidavit No.4, dtd. 30.10.2025. That now onwards I shall be known as **Narmada Swain** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Nayagarh, Odisha on dated. 27.10.2025. I, Charulata Guru, W/o- Arata Bandhu Guru Resident of Village- Korada, P.O- Korada, P.S.- Nuagaon, Dist-Nayagarh, PIN-752083 declare that I have changed my minor Son's name from Somesha Kumar Guru to Somesh Guru. Henceforth, He shall be known as Somesh Guru for all purposes.

**Sd/- Charulata Guru**

**AFFIDAVIT**

By virtue of an affidavit sworn before the Executive Magistrate Bhadrak. I Smrutimai Jena @ Subhasmita Jena, D/o- Susanta Kumar Jena, Village- Osala, PO-Dulakha Patana, Via- Barundei, Dist- Jajpur, Present Address C-12 Anand Niketan, Chanakyapuri, New Delhi. I have a LIC Policy bearing pol.no. **585943655** & **586243899** where my name is Smrutimai Jena. But my HDFC Bank Passbook New Delhi branch my name is Subhasmira Jena as per my Voter ID / Adharcard. That Smrutirani Jena & Subhasmita Jena D/o Susanta Kumar Jena is same & one person.

**Sd/- Smrutimai Jena @ Subhasmita Jena**

**AFFIDAVIT**

By virtue of an affidavit sworn before Executive Magistrate, Nayagarh Odisha on dated. 27.10.2025 I, Puspanjali Patashani, W/o - Brundaban Patashani Resident of Village- Gudupangi, P.O.- Malisahi, P.S- Nayagarh, Dist- Nayagarh, PIN-752070 declare that I have changed my minor Son's name from Chandan Patasiani to Chandana Patashani. Henceforth, He shall be known as Chandana Patashani for all purposes.

**Sd/- Puspanjali Patashani**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar on dtd. 28.10.2025 I, Bijaya Kumar Sahoo resident of At- Champattipur, Po- Padanapur, Ps-Banki, Dist- Cuttack, Pin-754007 Odisha declare that I have changed the name of the Daughter from Bijayeen Sahoo to Bijayeni Sahoo. Henceforth she shall be known as Bijayeni Sahoo for all purpose.

**Bijaya Kumar Sahoo**

**AFFIDAVIT**

By virtue of an affidavit sworn before The Notary Public, Bhubaneswar dated 30.10.2025

1. Jyoshna Rani Sahoo, Address At-Batimira, Po-Biridiroad, Dist- jagatsinghpur. Odisha-754111, declare that I have changed my name from Jyoshna Rani Sahoo to Pallavi Padhihary Henceforth, I shall be known as Pallavi Padhihary for all purposes.

**Pallavi Padhihary**
**(Applicant Name)**

**AFFIDAVIT**

By virtue of an affidavit sworn before The Notary Public/ Executive Magistrate, Bhubaneswar dated 15.10.2025

1. Mr. Samir Kumar Digal Address At- Barakhama, Ps - Baliguda. Dist - Kandhamal, Odisha-762110, declare that I have changed my son's name from ALEX to ALEX EMMANUEL Henceforth, he shall be known as ALEX EMMANUEL for all purposes.

**Samir Kumar Digal**
**(Applicant Name)**

**OFFICE OF THE PRINCIPAL**
**ATAL BEHARI COLLEGE, BASUDEVPUR**
**E-mail: principal.abcollege@gmail.com**
**No: 1290/Dated-30-10-2025**

**ADVERTISEMENT**

Online applications through HIMS portal are invited from the willing retired teaching and non-teaching employees with maximum age of 69 years as on today for the post of Guest Faculties in Economics-03, History-03. Political Science-02, Odia-02. Sanskrit-02, English-04, Philosophy-02. Mathematics-01, Botany-01, Zoology-02 and posts of guest employees as Librarian-01. PET-01, Junior Clerk-03. Demonstrator (Physics/Chemistry/Botany/Zoology). Remuneration for the above-mentioned posts shall be as per the notification of Higher Education Department, Odisha vide Letter No-57198 & 57203. dated 23-10-2025. The last date of application is 31-10-2025. Link for the HIMS portal- **http://hims.odisha.gov.in.**

**Sd/- Principal, A.B. College. Basudevpur**

E-Mail I.D.-eepwdcuttack@gmail.com
Tel./ Fax No.(0671)-2304128

**OFFICE OF THE SUPERINTENDING ENGINEER**
**CUTTACK (R&B) DIVISION NO.I: CUTTACK**
**GOVERNMENT OF ODISHA "e" procurement Notice**

B - 653

**e-procurement Notice for Building (E.I.) works**
**Bid Identification No. S.E. CTC(R&B) - 46 of 2025-26**

The Superintending Engineer, Cuttack (R&B) Division No. I, Cuttack on behalf of Governor of Odisha invites on Percentage rate basis bid in Single Cover System in ONLINE MODE from eligible contractor for building work (E.I) as mentioned below.

| | | |
|---|---|---|
| 1. | No. of the Work | : 01 (One) No. of E.I Works |
| 2. | Date & time of availability of bid document in the portal | : From dt.03/11/2025 to 5PM of dt.17/11/2025 |
| 3. | Last date / time of receipt of bids in the portal | : 5 PM of dt.17/11/2025 |
| 4. | Date & time of opening of bids | : 11 A.M of dt. 18/11/2025 |
| 5. | Name and address of the Officer Inviting Bid | : Superintending Engineer, Cuttack (R&B) Division No. I, Cuttack |

Further details can be seen from the e-procurement portal **"https://tendersodisha.gov.in"**

OIPR : 34091/11/0105/2526

Sd/- Superintending Engineer
Cuttack (R&B) Division No.I

## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୭୭୨୨, ମାଲକାନଗିରି-କେଶବ ନାୟକ-୯୪୩୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।



କଟକରେ ଅନୁଷ୍ଠିତ ତ୍ରିନେତ୍ର କଳାକେନ୍ଦ୍ର ନୃତ୍ୟୋତ୍ସବ ୨୦୨୫ ପକ୍ଷରୁ କଳା ବିକାଶ କେନ୍ଦ୍ରର ଟ୍ରଷ୍ଟି ରାଜୁ କେୟାଲଙ୍କୁ ସମ୍ମାନିତ କରୁଛନ୍ତି ମାଲେସିଆର ବିଶିଷ୍ଟ ନୃତ୍ୟଗୁରୁ ଡାତୁକ ରମାଲି ଇବ୍ରାହିମ

## ବାଲିଯାତ୍ରାକୁ ଆଉ ୫ ଦିନ, କାଦୁଅରେ ଭର୍ତ୍ତି ମେଳା ପଡ଼ିଆ

କଟକ,(ସବ୍ୟୁ): ଲଘୁଚାପ ଜନିତ ବର୍ଷା ବାଲିଯାତ୍ରା ପ୍ରସ୍ତୁତିରେ ବାଧା ସୃଷ୍ଟି କରୁଛି । ମେଳା ପଡ଼ିଆ ଏବେ ପାଣି କାଦୁଅରେ ଭର୍ତ୍ତି ହୋଇ ରହିଛି । ବାଲିଯାତ୍ରା ଆୟୋଜନର ଚୂଡ଼ାନ୍ତ ପ୍ରସ୍ତୁତି ସମ୍ପର୍କରେ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହ ଆଜି ଏକ ସମୀକ୍ଷା ବୈଠକ କଟକ ଇନ କଟକରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ବିଦ୍ୟୁତ୍ ବ୍ୟବସ୍ଥା ସମେତ ସମସ୍ତ ନିରାପତ୍ତା ବ୍ୟବସ୍ଥା, ସୁରକ୍ଷା, ଶୌଚାଳୟ, ପାର୍କିଂ, ଯାନବାହନ ଚଳାଚଳ, ଆବଶ୍ୟକୀୟ ରାସ୍ତାଘାଟ ନିର୍ମାଣ ଓ ମହାନଗର ନିଗମ ଦ୍ୱାରା ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା ଆଦି ସମ୍ପର୍କରେ ସମୀକ୍ଷା କରିଥିଲେ । ସିଏମସି ଆୟୁକ୍ତ କିରନଦୀପ କୌର ସହୋତାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ ।

## ଇନ୍‌ସ୍ୟୁରାନ୍ସ ପାଇବା ପାଇଁ ନିଜ ଗୋଦାମରୁ ଡକାୟତି ଯୋଜନା

# ୧୩ ଗିରଫ, ୩ ପିକ୍‌ଅପ୍ ଭ୍ୟାନ୍ ସମେତ ବହୁ ସାମଗ୍ରୀ ଜବତ

ଭୁବନେଶ୍ୱର, (ସବ୍ୟୁ) : ଇନ୍‌ସ୍ୟୁରାନ୍ସ କ୍ଲେମ୍ କରିବା ପାଇଁ ନିଜ ପ୍ଲାଇଉଡ୍ ଗୋଦାମରୁ ଡକାୟତି ଯୋଜନା କରୁଥିବା ମାଲିକ ସନ୍ତୋଷ ମହାରଣା ସମେତ ୧୩ଜଣଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୋଲିସ । ସେମାନଙ୍କ ନିକଟରୁ ତିନୋଟି ପିକ୍‌ଅପ୍ ଭ୍ୟାନ୍, ବୁଲେଟ୍ ଓ ଡକାୟତି ସାମଗ୍ରୀ ପ୍ରଭୃତି ଜବତ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ଡିସିପି ଜଗମୋହନ ମିନା କହିଛନ୍ତି ।



ସନ୍ତୋଷ ମହାରଣା ତମାଣ୍ଡୋ ଥାନା ଅଞ୍ଚଳରେ ପ୍ଲାଇଉଡ୍ ଗୋଦାମ କରିଥିବା ବେଳେ ବ୍ୟବସାୟ ଭଲ ଚାଲୁନାହିଁ । ଯାହା ଫଳରେ ସେ ଗୋଦାମ ଯାହା ଘରେ କରିଛନ୍ତି ତାଙ୍କୁ ଦେଢବର୍ଷ ହେବ ଭଡା ଦେଇପାରୁ ନାହାନ୍ତି । ଇନ୍‌ସ୍ୟୁରାନ୍ସ କରିଥିବାରୁ ସେ ଡକାୟତି ଯୋଜନା ପ୍ରସ୍ତୁତ କରୁଥିବା ବେଳେ ଡାବାରୁ ୧୩ଜଣଙ୍କୁ ଗିରଫ କଲା ପୋଲିସ । ସନ୍ତୋଷୟୁଟ୍ୟୁବ୍‌ରୁ ଭୁଡି ଦେଖିବା ପରେ ଏହି ଯୋଜନା କରିଥିବା ପୋଲିସକୁ କହିଛି । ଦୋକାନରୁ ସବୁ ଲୁଟ୍ କରିବା ପରେ ମୟୂରଭଞ୍ଜର ମନୋଜ ନାମକ ଜଣେ ପ୍ଲାଇଉଡ୍ ବ୍ୟବସାୟୀଙ୍କୁ ସେହି ସାମଗ୍ରୀ ଦେବା ପାଇଁ ତାକୁ ମଧ୍ୟ ସାଙ୍ଗରେ ରଖିଥିବା ପୋଲିସ କହିଛି । ସନ୍ତୋଷ ଓ ମନୋଜଙ୍କ ସମେତ ଗିରଫ ହୋଇଥିବା ଅନ୍ୟ ଅଭିଯୁକ୍ତମାନେ ହେଲେ ଏସ୍. କେ. ମକ୍‌ସାଟ୍, ଏସ୍.କେ. ଅବଦୁଲ୍ ରେହେମାନ, ବସନ୍ତ କୁମାର ସେନାପତି, ଏସ୍‌କେ ରାଜୁ, ସମୀର ଜେନା, ଏସ୍‌କେ ନାସିର, ହରିହର ସାହୁଆନ, ହରିକୃଷ୍ଣ ନାୟକ, ଶ୍ୟାମସୁନ୍ଦର ସିଂ, ଏସ୍.କେ. ରାଜା ଓ ଜିସାନ ଖାନ୍ । ଏମାନେ ହଜାରେ ଟଙ୍କା ଲେଖାଏଁ ଅଗ୍ରୀମ ନେଇଥିଲେ । ଇନ୍‌ସ୍ୟୁରାନ୍ସ ଟଙ୍କା ମିଳିବା ପରେ ୫ ହଜାର ଲେଖାଏଁ ନେବେ ବୋଲି ଚୁକ୍ତି ହୋଇଥିବା ଡିସିପି କହିଛନ୍ତି ।

## ଟଙ୍କା ଉଡୁଛି ବିଜେପି ଓ ବିଜେଡିର, ପୋଲିସ ପଶୁଛି କଂଗ୍ରେସ ଅଫିସରେ

# ନିର୍ବାଚନ ସମୟରେ ସିଇଓ ଅନ୍ୟ ଦାୟୀତ୍ୱରେ ରହିବା ଉଚିତ୍ କି ?

ନୂଆପଡ଼ା ,(ସବ୍ୟୁ): ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କ ବିଜୟ ସମ୍ଭାବନା ଉଜ୍ଜ୍ୱଳ ଥିବା ଜାଣି ବିଜେପି ସରକାର କଂଗ୍ରେସ ଅଫିସରେ ପୋଲିସ ପୁରାଇ ଦଳର ନେତା ଓ କର୍ମୀଙ୍କ ମନୋବଳ ଭାଙ୍ଗିବାକୁ କରୁଥିବା ଉଦ୍ୟମ ନିଷ୍ଫଳ ହେବ ବୋଲି ପିସିସି ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଅରବିନ୍ଦ ଦାସ ସ୍ଥାନୀୟ ଖୁଣ୍ଟିଆ ଭାବରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଦଳୀୟ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ଚାଲିବା ବେଳେ ଅତର୍କିତ ଭାବେ ସଦଳ ବଳେ ପୋଲିସ ପଶି ଆସିବା ନିନ୍ଦନୀୟ । ଯଦି ଆଗଚଲା ହୋଇ ପୋଲିସ ନିଜ ତରଫରୁ ପସିଥିଲା ତେବେ ଟାଉନ ଥାନା ଅଧିକାରୀଙ୍କୁ ତୁରନ୍ତ ନିଲମ୍ବନ କରି ବିଜେପି ଏହି ବିବାଦରୁ ନିଜକୁ ମୁକ୍ତ କରୁ ବୋଲି ସେ ଦାବି କରିଥିଲେ । ସେହିପରି, ପିସିସି ସଭାପତି ଏବଂ ତାଙ୍କ ପୁଅଙ୍କ ବିରୁଦ୍ଧରେ କୁତ୍ସାରଟନା ଓ ଅପପ୍ରଚାର କରୁଥିବା ଏକ ନିର୍ଦ୍ଦିଷ୍ଟ ୱେବ୍ ଚ୍ୟାନେଲ ବିରୁଦ୍ଧରେ ଗତ ୨୩ ତାରିଖରେ ରାଜ୍ୟର ସମସ୍ତ ଜିଲ୍ଲା ସଦର ମହକୁମାରେ ଜିଲ୍ଲା କଂଗ୍ରେସ କମିଟି ମାନଙ୍କ ତରଫରୁ ଏତଲା ଦିଆଯାଇଥିଲା । ଅନ୍ୟପକ୍ଷରେ



ଉପ-ନିର୍ବାଚନ ଥିବା ବେଳେ, ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନ, ଯିଏକି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର କମିସନର ତଥା ଶାସନ ସଚିବ ଦାୟିତ୍ୱରେ ଅଛନ୍ତି, ଆଦର୍ଶ ଆଚରଣ ବିଧିର ଉଲ୍ଲଙ୍ଘନ କରୁଛନ୍ତି । ନିର୍ବାଚନ ସମୟରେ ଦକ୍ଷିଣ ପଶ୍ଚିମାଞ୍ଚଳ ଆଇଜିଙ୍କୁ ଛୁଟିରେ ଯିବା ପାଇଁ କହି ଉତ୍ତରାଞ୍ଚଳର ବିବାଦୀୟ ଆଇଜି ହିମାଂଶୁ ଲାଲଙ୍କୁ ଅତିରିକ୍ତ ଦାୟୀତ୍ୱ କାହା ସ୍ୱାର୍ଥରେ ବୋଲି ସେ ପ୍ରଶ୍ନ କରିଥିଲେ । ପିସିସି ମୁଖପାତ୍ର ବିଭୂତି ଭୂଷଣ ମହାପାତ୍ର କହିଥିଲେ, ନୂଆପଡ଼ାରେ ନୂଆପଡ଼ା ଡିସିସି ଗଣମାଧ୍ୟମ ସଂଯୋଜକ ସୁଧୀର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସର ରାଷ୍ଟ୍ରୀୟ ପ୍ରବକ୍ତା ଡ଼ ହମିଦ ହୁସେନ ଓ ଟିଟିଲାଗଡ କଂଗେସ ବିଧାୟକ ପ୍ରାର୍ଥୀ ବିରେନ୍ଦ୍ର ବାଗ ଉପସ୍ଥିତ ଥିଲେ ।

# ଆଜିଠୁ ଭୁବନେଶ୍ୱରରେ ଦୁଇଦିନିଆ ହସ୍ତତନ୍ତ, ହସ୍ତଶିଳ୍ପ ଉପରେ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର (ସବ୍ୟୁ): ୩୧ ଅକ୍ଟୋବରରୁ ୧ ନଭେମ୍ବର ପର୍ଯ୍ୟନ୍ତ ଭୁବନେଶ୍ୱରରେ ହସ୍ତତନ୍ତ ଏବଂ ହସ୍ତଶିଳ୍ପ ଉପରେ ଏକ ଜାତୀୟ ସମ୍ମିଳନୀ ଆୟୋଜନ କରାଯିବ । ବୟନଶିଳ୍ପ ମନ୍ତ୍ରଣାଳୟ ଅଧୀନ ଉନ୍ନୟନ କମିଶନର (ହସ୍ତତନ୍ତ ଏବଂ ହସ୍ତଶିଳ୍ପ)ଙ୍କ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ହେବାକୁ ଯାଉଥିବା ଏହି ସମ୍ମିଳନୀ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶର ବରିଷ୍ଠ ଅଧିକାରୀ ଏବଂ ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ରର ପ୍ରତିନିଧିମାନଙ୍କୁ ଏକତ୍ର କରିବ । ସମ୍ମିଳନୀର ଦୁଇଟି ଉଦ୍ଦେଶ୍ୟ ହେଉଛି ଭାରତରେ ହସ୍ତତନ୍ତ କ୍ଷେତ୍ରର ସୁଯୋଗ ଓ ଆହ୍ୱାନକୁ ବୁଝିବା ଏବଂ ଦ୍ୱିତୀୟତଃ ଭାରତ ସରକାରଙ୍କ ଅଧୀନରେ ଏହି କ୍ଷେତ୍ର ପାଇଁ ଆଗାମୀ ନୂତନ ଯୋଜନା ଉପରେ ବିଚାରବିମର୍ଶ କରିବା । ନୂତନ ଯୋଜନାର ପ୍ରଶାସନିକ ଢାଞ୍ଚାରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ପ୍ରସ୍ତାବ ଦିଆଯାଇଛି ଯେଉଁଥିରେ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶ ସହିତ ଅଧିକ ସମ୍ପର୍କ ସ୍ଥାପନ ଉପରେ ଗୁରୁତ୍ୱ ଦିଆଯିବ । ସମ୍ମିଳନୀରେ ପ୍ରସ୍ତାବିତ ଆଲୋଚନା ହସ୍ତତନ୍ତ ଏବଂ ହସ୍ତଶିଳ୍ପ କ୍ଷେତ୍ର ପାଇଁ ଭବିଷ୍ୟତର କାର୍ଯ୍ୟଖସଡ଼ା ଗଠନ କରିବାରେ ସାହାଯ୍ୟ କରିବ ।

ଉଦଘାଟନୀ ଅଧିବେଶନରେ ଓଡ଼ିଶା ସରକାରଙ୍କ ମୁଖ୍ୟ ସଚିବ ମନୋଜ ଆହୁଜା ମୁଖ୍ୟ ଅତିଥି ଭାବରେ ଯୋଗଦେବେ । ଉଦଘାଟନୀ ଅଧିବେଶନରେ ଓଡ଼ିଶା ସରକାରଙ୍କ ଉନ୍ନୟନ କମିଶନର ତଥା ଯୋଜନା ଓ ସଂଯୋଜନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମ୍ମାନିତ ଅତିଥି ଭାବରେ ଯୋଗଦେବେ । ଭାରତ ସରକାରଙ୍କ ବୟନଶିଳ୍ପ ମନ୍ତ୍ରଣାଳୟର ସଚିବ ନୀଲମ ଶାମି ରାଓ "ହସ୍ତତନ୍ତ ଏବଂ ହସ୍ତଶିଳ୍ପ କ୍ଷେତ୍ର ପାଇଁ ନୂତନ ଯୋଜନା - ଏକ ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ" ଅଧିବେଶନକୁ ଉଦଘାଟନ କରିବେ ଏବଂ ଏହାର ଦ୍ୱିତୀୟ ଦିନରେ "ପ୍ରଶାସନିକ ଢାଞ୍ଚାରେ ମୌଳିକ ପରିବର୍ତ୍ତନ" ଅଧିବେଶନକୁ ମଧ୍ୟ ସମ୍ବୋଧିତ କରିବେ । ବୟନଶିଳ୍ପ ମନ୍ତ୍ରଣାଳୟର ଉନ୍ନୟନ କମିଶନର (ହସ୍ତତନ୍ତ) ଡକ୍ଟର ଏମ୍. ବୀଣା, ଉନ୍ନୟନ କମିଶନର (ହସ୍ତଶିଳ୍ପ) ଅମୃତ ରାଜ, ଏବଂ ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ କମିଶନର ତଥା ସଚିବ ଶ୍ରୀମତୀ ପୁନମ ଗୁହା ମଧ୍ୟ ଉଦଘାଟନୀ ଅଧିବେଶନରେ ଯୋଗଦେବେ । ସମ୍ମିଳନୀର ଲକ୍ଷ୍ୟ ହେଉଛି ଅଂଶୀଦାରମାନଙ୍କ ମଧ୍ୟରେ ଆଲୋଚନା, ସହଯୋଗ ଏବଂ ନୀତିଗତ ସମନ୍ୱୟ ପାଇଁ ଗୋଟିଏ ମଞ୍ଚ ପ୍ରଦାନ କରିବା । ଏକ ଦୃଢ଼ ପ୍ରଶାସନିକ ଢାଞ୍ଚା ଗଠନ କରିବା ଏବଂ ଦେଶବ୍ୟାପୀ କାରିଗର ଏବଂ ବୁଣାକାରମାନଙ୍କୁ ପ୍ରଭାବଶାଳୀ ଲାଭ ପ୍ରଦାନ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ଅଧିକାରୀଙ୍କ ସକ୍ରିୟ ଅଂଶଗ୍ରହଣ ଗୁରୁତ୍ୱପୂର୍ଣ୍ଣ ହେବ ।

## ୧୬ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଜବତ: ଜଣେ ଗିରଫ

କଟକ,(ସବ୍ୟୁ): ଜଣେ ପେଷାଦାର ବ୍ରାଉନସୁଗର ବେପାରୀକୁ ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ଗିରଫ କରିଛି । ଅଭିଯୁକ୍ତ ଜଣକ ହେଉଛି ଯାଜପୁର ଜିଲ୍ଲା ବୈରୀ ଥାନା ନୂଆପଟଣା ଗାଁର ସୁଦାମ ସାହୁ(୩୦) । ତା' ପାଖରୁ ୧୬୮ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି । ଗୁରୁବାର ପୂର୍ବାହ୍ନରେ ଅଭିଯୁକ୍ତ ସୁଦାମ ବିପୁଳ ପରିମାଣର ନିଶାଦ୍ରବ୍ୟ ଧରି କଟକ ଅଭିମୁଖେ ଆସୁଥିଲା । ଏନେଇ ସୂଚନା ପାଇବାମାତ୍ରେ ଫ୍ଲାଇଂ ସ୍କ୍ୱାଡ ରାଜପଥର ମଙ୍ଗୁଳି ଛକରେ ପହଞ୍ଚି ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଥିଲା । କିଛି ସମୟ ପରେ ସେହିବାଟ ଦେଇ ଏକ ପଲସର ବାଇକରେ ଯାଉଥିବା ସୁଦାମ ଧରାପଡିଥିଲା । ତାକୁ ଅଟକାଇ ତଲାସି ନେବାରୁ ତା' ପାଖରୁ ୧୬୮ ଗ୍ରାମ ଓଜନର ବ୍ରାଉନସୁଗର ମିଳିଥିଲା । ଯାହାର ମୂଲ୍ୟ ପ୍ରାୟ ୧୬ ଲକ୍ଷ ୮୦ ହଜାର ଟଙ୍କା ହେବ । ନିଶାଦ୍ରବ୍ୟ, ବାଇକ ଜବତ ସହିତ ସୁଦାମକୁ ଗିରଫ କରାଯାଇଥିଲା । ଅଭିଯୁକ୍ତ ଜଣକ ଦୀର୍ଘ ଦିନ ହେବ ନିଜେ ନିଶା ସେବନ କରିବା ସହିତ ବିକ୍ରି କରୁଥିଲା । ସେ ଛତିଆ ଅଞ୍ଚଳରୁ ବ୍ରାଉନସୁଗର ଆଣି କଟକ ସହରକୁ ଯୋଗାଣ କରୁଥିଲା । ପୂର୍ବରୁ ତା' ନାଁରେ ଏକାଧିକ ଅପରାଧୀକ ଏବଂ ନିଶା କାରବାର ମାମଲା ଥିବା ତଦନ୍ତରୁ ଜଣାପଡିଛି । କୋର୍ଟ ଚାଲାଣ ପରେ ତାକୁ ଜେଲ ପଠାଇ ଦିଆଯାଇଛି ।

# ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ପଞ୍ଚୁକ ପାଇଁ ପ୍ରସ୍ତୁତି ବୈଠକ

ପୁରୀ, (ସବ୍ୟୁ): ଆସନ୍ତା କାଲି ଅଁଳା ନବମୀ ଠାରୁ ଶ୍ରୀକ୍ଷେତ୍ରରେ ଆରମ୍ଭ ହେବ ପଞ୍ଚୁକ୍ ବ୍ରତ । ଶ୍ରୀମନ୍ଦିରରେ ଜମିବ ଭକ୍ତଙ୍କ ଭିଡ଼ । ଲକ୍ଷାଧିକ ଭକ୍ତଙ୍କ ସମାଗମ ଓ ଶୃଙ୍ଖଳିତ ଦର୍ଶନ କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ପଞ୍ଚୁକରେ କେବଳ ସିଂହଦ୍ୱାର ଦେଇ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ପ୍ରବେଶ କରିବେ । ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ କରିବେ ବୋଲି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଗୁରୁବାର ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ପଞ୍ଚୁକ ବ୍ରତ ପାଳନ ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ଜିଲ୍ଲାପାଳ ଶ୍ରୀ ପରିଡା ଏଥିରେ ଅଧ୍ୟକ୍ଷତା କରିବା ସହ କାର୍ତ୍ତିକ ଏକ ଧର୍ମ ମାସ ହୋଇ ଥିବାରୁ ମହାପ୍ରଭୁଙ୍କ ଦର୍ଶନ ନିମିତ୍ତ ଏମିତି ଲୋକ ମାନଙ୍କ ର ଗହଳି ହୋଇ ଥାଏ । ତେବେ ପଞ୍ଚୁକ ସମୟରେ ହବିଷ୍ୟାଳୀ ମା ମାନଙ୍କ ସହ ଅନ୍ୟାନ୍ୟ ଭକ୍ତ, ଶ୍ରଦ୍ଧାଳୁଙ୍କ ପାଇଁ ଅତ୍ୟଧିକ ଭିଡ ହେବାର ଆଶା କରାଯାଉଛି । ତେଣୁ ଶୃଙ୍ଖଳିତ ଦର୍ଶନ ସହ ସୁରକ୍ଷା ବ୍ୟବସ୍ଥା, ଆଇନ ଶୃଙ୍ଖଳା, ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ଯୋଗାଣ, ଗମନାଗମନ, ଟ୍ରାଫିକ ନିୟନ୍ତ୍ରଣ, ସ୍ୱଚ୍ଛତା ଇତ୍ୟାଦି ଅତ୍ୟାବଶ୍ୟକୀୟ ବ୍ୟବସ୍ଥା ପାଇଁ ପରାମର୍ଶ ଦେଇଥିଲେ । ଶ୍ରଦ୍ଧାଳୁ ମାନଙ୍କ ଦର୍ଶନ ପାଇଁ ବ୍ୟାରିକେଡ ବ୍ୟବସ୍ଥା ହୋଇ ଥିବାରୁ ପାନୀୟ ଜଳ ପ୍ରଦାନ ବ୍ୟବସ୍ଥା କରାଯିବ । ଅଗ୍ନିଶମ ବିଭାଗ ପକ୍ଷରୁ କୌଣସି ଦୁର୍ଘଟଣା ପାଇଁ ପ୍ରସ୍ତୁତ ରହିବା ସହ ନିର୍ଦ୍ଧାରିତ ସ୍ଥାନରେ ଲଗା ଯାଉଥିବା ଦୀପ ଗୁଡିକ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ଓ ପୁଷ୍କରିଣୀ ଏବଂ ସମୁଦ୍ର ନିକଟରେ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ନୀତି କାନ୍ତି ସଠିକ ସମୟରେ ପରିଚାଳନା ପାଇଁ ଜିଲ୍ଲାପାଳ ଶ୍ରୀମନ୍ଦିର ପ୍ରଶାସନ କୁ ପରାମର୍ଶ ଦେଇଥିଲେ । ଯାହା ଫଳରେ ଦର୍ଶନ ଯଥା ଶୀଘ୍ର ତ୍ୱରାନ୍ୱିତ ହୋଇ ପାରିବ ।

ସେହିପରି ପାନୀୟ ଜଳ ଓ ଶୌଚାଳୟ ପାଇଁ ୱାଟକୋ, ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ସିଡିଏମଓ, ସ୍ୱଚ୍ଛତା, ପରିଷ୍କାର ପରିଚ୍ଛନ୍ନତା ଓ ଶୌଚାଳୟ ପାଇଁ ପୁରୀ ପୌରପାଳିକା, ଶ୍ରଦ୍ଧାଳୁଙ୍କୁ ବିବିଧ ସୂଚନା ପ୍ରଦାନ ପାଇଁ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଟ୍ରାଫିକ ନିୟନ୍ତ୍ରଣ, ଶୃଙ୍ଖଳା ରକ୍ଷା ପାଇଁ ଆରକ୍ଷୀ ବିଭାଗ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପାଇଁ ଟିପିସିଓଡିଏଲ, ପାର୍କିଂ ସ୍ଥଳ ଓ ଯାନବାହନ ନିୟନ୍ତ୍ରଣ ପାଇଁ ଆରଟିଓ, ବ୍ୟାରିକେଡ ନିର୍ମାଣ ଆଦି କରାଯିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

## ଅଶୋକା ୟୁନିଭରସିଟି ୟୁଜି ପ୍ରୋଗ୍ରାମ ପାଇଁ ଆବେଦନ ଆରମ୍ଭ

ଭୁବନେଶ୍ୱର(ସବ୍ୟୁ): ଭାରତର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଅଶୋକାୟୁନିଭରସିଟି ପକ୍ଷରୁ ଗତ ୧୩ ତାରିଖରେ ଏହାର ଅଣ୍ଡରଗ୍ରାଜୁଏଟ ପ୍ରୋଗ୍ରାମ ୨୦୨୬ରେ ନାମ ଲେଖା ପାଇଁ ଆପ୍ଲିକେଶନ ୱିଣ୍ଡୋ ଖୋଲାଯାଇଛି । ଆବେଦନକାରୀମାନେ ବିଭିନ୍ନ ପ୍ରକାରର ଅଣ୍ଡରଗ୍ରାଜୁଏଟ ପାଠ୍ୟକ୍ରମ ମଧ୍ୟରୁ ଚୟନ କରିପାରିବେ ଯାହା ଶୈକ୍ଷିକ ଉତ୍କର୍ଷତା ସହ ଅଭିଜ୍ଞତାମୂଳକ ଓ ଆନ୍ତଃବିଷୟିକ ଶିକ୍ଷାକୁ ମିଶ୍ରଣ କରିଥାଏ । ନାମଲେଖା ପ୍ରକ୍ରିୟା ୪ଟି ଆବେଦନ ପର୍ଯ୍ୟାୟରେ ଅକ୍ଟୋବର ୧୩, ୨୦୨୫ରୁ ଆରମ୍ଭ ହୋଇଛି ଏବଂ ମେ' ୩୧ ତାରିଖ ୨୦୨୬ରେ ଶେଷ ହେବ । ନାମଲେଖା ପାଇଁ ଭାରତୀୟ ନାଗରିକଙ୍କ ପାଇଁୟୁନିଭର୍ସିଟି ପକ୍ଷରୁ ଦେଶବ୍ୟାପୀ ୩୭ଟି ଅଫଲାଇନ ସେଣ୍ଟରରେ ଅଶୋକା ଆଡମିଶନ ଆସେସମେଣ୍ଟର ପରିଚାଳନା କରାଯିବ । ଅଶୋକାୟୁନିରଭର୍ସିଟି ପକ୍ଷରୁ ସମସ୍ତ ପ୍ରୋଗ୍ରାମରେ ୫୦୦ ମେଧାବୀ ଓ ଆବଶ୍ୟକତା-ଆଧାରିତ ବୃତ୍ତି ଘୋଷଣା କରାଯାଇଛ । ଏହାମଧ୍ୟରୁ ୨୦୦ ବୃତ୍ତିକୁ ପ୍ରଥମ ଥର ପାଇଁ ମେଧା ବୃତି ଭାବେ ଆରମ୍ଭ କରାଯାଇଛି । ଏହାବ୍ୟତୀତୟୁନିଭର୍ସିଟି ପକ୍ଷରୁ ଜେଇଇ ମେନ୍ସ, ଆଇଜର (ଆଇଏଟି), ସିଏମଆଇ ଓ ଇଣ୍ଡିଆନ ନ୍ୟାଶନାଲ ଅଲିମ୍ପିଆଡ୍ସ (ଆଇଏନଓ)ରେ ୫୦ ଜଣ ଚମତ୍କାର ଆଚିଭରଙ୍କୁ ୧୦୦% ଟ୍ୟୁସନ ଫି' ଛାଡ କରାଯିବ । ଏହି ଜାତୀୟ ଦକ୍ଷତା ପରୀକ୍ଷାରେ ଅଧିକ ସ୍କୋର ସହ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନେ ସ୍ୱତନ୍ତ୍ର ବୃତ୍ତିରୁ ଉପକୃତ ହେବେ ।

## ୨୪ ବର୍ଷ ପରେ ମିଳିଲା ନ୍ୟାୟ

# ମହିଳାଙ୍କୁ ଗୁଣି ଗାରେଡ଼ି ସନ୍ଦେହରେ ହତ୍ୟା, ଚାରି ଅଭିଯୁକ୍ତ ହାଇକୋର୍ଟରେ ନିର୍ଦ୍ଦୋଷ

କଟକ,(ସବ୍ୟୁ): ମୟୁରଭଞ୍ଜ ଜିଲ୍ଲାରେ ଜଣେ ମହିଳାଙ୍କୁ ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା କରାଯାଇଥିବା ଅଭିଯୋଗରେ ଚାରି ଜଣ ଅଭିଯୁକ୍ତ ରୂପା ଜେରାଇ, କୃଷ୍ଣ ଜେରାଇ, ଘାଷିରାମ ଜେରାଇ ଏବଂ ଜଗମୋହନ ଜେରାଇଙ୍କୁ ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲାବେଳ ହାଇକୋର୍ଟ ଏହି ଆସାମୀମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଆସାମୀମାନଙ୍କ ବିରୋଧରେ ସିଧାସଳଖ କୌଣସି ପ୍ରମାଣ ନଥିଲାବେଳେ ସେମାନଙ୍କ ସ୍ୱୀକୋରକ୍ତି ଆଧାରରେ ନିମ୍ନ ଅଦାଲତ ସେମାନଙ୍କୁ ଏହି ଦଣ୍ଡାଦେଶରେ ଦଣ୍ଡିତ କରିଥିଲେ । କିନ୍ତୁ ଡାକ୍ତରୀ ରିପୋର୍ଟ ଏବଂ ଅଭିଯୁକ୍ତମାନଙ୍କ କଥାରେ ତାଳମେଳ ରହୁନଥିବାରୁ ଏହି ଦଣ୍ଡାଦେଶ ଗ୍ରହଣୀୟ ନୁହେଁ ବୋଲି ଲ ହାଇକୋର୍ଟ ମତଦେବା ସହ ନିମ୍ନ ଅଦାଲତଙ୍କ ଆଦେଶକୁ ରଦ୍ଦ କରି ଦେଇଛନ୍ତି । ହାଇକୋର୍ଟଙ୍କ ଏହି ଆଦେଶ ଫଳରେ ଆସାମୀମାନେ ଦୀର୍ଘ ୨୪ବର୍ଷ ପରେ ଏହି ହତ୍ୟା ମାମଲାରୁ ନିର୍ଦ୍ଦୋଷ ରେ ଖଲାସ ହୋଇଛନ୍ତି । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସଙ୍ଗମ କୁମାର ସାହୁ ଏବଂ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି ।

୧୯୯୯ ମସିହା ସେପ୍ଟେମ୍ବର ୨୫ ତାରିଖରେ ଭରତ ଜେରାଇର ଛୋଟ ଝିଅଟି କୌଣସି କାରଣରୁ ଅସୁସ୍ଥ ହେବା ସହ ମୃତ୍ୟୁବରଣ କରିଥିଲା । ଏନେଇ ଭରତ ଜେରାଇ, ରାଇମତି ଜେରାଇଙ୍କୁ ଗୁଣିଗାରେଡ଼ି କରି ତାଙ୍କ ଝିଅକୁ ମାରି ଦେଇଥିବା ସନ୍ଦେହ କରିଥିଲେ । ହଠାତ୍ ଏହାର ପରଦିନ ସକାଳୁ ରାଇମତି ଜେରାଇଙ୍କର କୌଣସି ପତ୍ତା ମିଳିନଥିଲା । ପରିବାର ପକ୍ଷରୁ ଏନେଇ ସ୍ଥାନୀୟ ଥାନାରେ ଏତଲା ଦିଆଯାଇଥିଲା । ପୁଲିସ୍ ସନ୍ଦେହରେ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ପଚରାଉଚୁରା କରିଥିଲା । ସେମାନେ ରାଇମତି ଜେରାଇଙ୍କୁ ରାତିରେ ଅପହରଣ କରି ତାଙ୍କୁ ମାରି ଦେଇଥିବା ପୁଲିସ୍ ଆଗରେ ସ୍ୱୀକାର କରିଥିଲେ । ତାଙ୍କ ଝିଅକୁ ଗୁଣିଗାରେଡ଼ି କରି ସେ ମାରି ଦେଇଥିବାରୁ ଏଭଳି କରିଥିବା କହିଥିଲେ । ଏହି ଆଧାରରେ ପୁଲିସ୍ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ଚାର୍ଜସିଟ୍ ମଧ୍ୟ ଦାଖଲ କରିଥିଲା । ମାମଲାର ଶୁଣାଣି ରାଇରଙ୍ଗପୁର ଅତିରିକ୍ତ ସେସନ୍ସ ଜଜ୍‌ଙ୍କ ଅଦାଲତରେ ହୋଇଥିଲା । ଅଦାଲତ ୨୦୦୦ ମସିହା ଜୁନ୍ ୨୧ରେ ରାୟ ପ୍ରକାଶ କରି ସମସ୍ତ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ ।

# ରେ ସେରା ଟାଇଲସ ସୋରୁମ୍ ଉଦ୍‌ଘାଟିତ




କଟକ,(ସବ୍ୟୁ): ବିଡାନାସୀ ସି ଡ଼ି ଏ ରୋଡ ଠାରେ ରେ ସେରା କମ୍ପାନୀ ର ନୂତନ ଆଉଟ୍ ଲେଟ ମେସରସ ବାଲାଜୀ ମାର୍ବଲସ୍ ଉଦ୍‌ଘାଟନ ହୋଇଯାଇଛି । ପାଞ୍ଚ ହଜାର ବର୍ଗ ଫୁଟ ପରମିତ ଜାଗାରେ ଏହି ଟାଇଲ ଶୋ ରୁମ୍ ରେ ବିଭିନ୍ନ ଭେରାଇଟର ଚଟାଣ କାନ୍ଥ ଟାଇଲ ମାର୍ବଲ ଏବଂ ଗ୍ରାନାଇଟ ଆଦି ମହଜୁଦ ରହିଅଛି । ଏହି ଉଦ୍‌ଘାଟନ ଉତ୍ସବ ରେ ରେ ସେରା କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଦିପେଶ ପଟେଲ ଓ ଆସିଷ୍ଟାଣ୍ଟ ଭାଇସ ପ୍ରେସିଡେଣ୍ଟେ ନାରାୟଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଉଦ୍‌ଘାଟନି ଉତ୍ସବ ରେ ଟାଇଲସ ମାର୍ବଲ ଏବଂ ଗ୍ରାନାଇଟ ସମସ୍ତ ବର୍ଗ ର ଗ୍ରାହକଙ୍କୁ ଆକୃଷ୍ଟ କରିବା ସହ ଖୁବ୍ ସୁଲଭ ମୂଲ୍ୟ ରେ ଯୋଗାଇବ ଦିଆଜିବ ବୋଲି ଇତ୍ୟା ରଞ୍ଜନ ସ୍ୱାଇଁ ଓ କୋ ପ୍ରୋପାଇଟର ନରେଶ ପଣ୍ଡା କହିଛନ୍ତି । ଏହି ଅବସରରେ କମ୍ପାନୀ ର କର୍ମଚାରୀ ସୁରେଶ କୁମାର ସାହୁ, ସୁଶାନ୍ତ କୁମାର ପାଢ଼ୀ, ସୁଦର୍ଶନ ପାଢୀ, ସରୋଜ କୁମାର ପଟ୍ଟନାୟକ, ସୁଶାନ୍ତ କୁମାର ସ୍ୱାଇଁ, ପ୍ରମୋଦ କୁମାର ବେହେରା , ରମେଶ ପଣ୍ଡା , ରଶ୍ମିତା ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିଲେ ।

## ଖଣ୍ଡାୟତ ସମାଜକୁ ଜାତୀୟ ଓବିସି ତାଲିକାଭୁକ୍ତ ଦାବି

ଭୁବନେଶ୍ୱର,(ସବ୍ୟୁ): ଓଡିଶାର ସର୍ବ ପୁରାତନ ତଥା ପାରମ୍ପରିକ ଚାଷୀ ସମାଜ ଓ ସମର କଳାରେ ନିପୁଣ ଜାତି, ଖଣ୍ଡାୟତଙ୍କୁ କେନ୍ଦ୍ରୀୟ ପଛୁଆବର୍ଗ ଶ୍ରେଣୀଭୁକ୍ତ କରିବା ପାଇଁ ନିଖିଳ ଓଡିଶା ଖଣ୍ଡାୟତ କ୍ଷତ୍ରୀୟ ପାଇକ ଓ ଚଷା ମହାସଂଘ ପକ୍ଷରୁ, ଜାତୀୟ ପଛୁଆବର୍ଗ କମିଶନ ନିକଟରେ ଦାବୀ କରାଯାଇଛି । ଏ ନେଇ ସଂଗଠନ ପକ୍ଷରୁ ଏକ ତଥ୍ୟସମ୍ବଳିତ ସ୍ମାରକପାତ୍ର କମିଶନଙ୍କୁ ଅଧ୍ୟକ୍ଷ ହଂସରାଜ ଗଙ୍ଗାରାମ ଅହୀରଙ୍କ ସମେତ ଅନ୍ୟ ଦୁଇଜଣ ସଭ୍ୟ ଭୁବନ ଭୂଷଣ କମାଲ ଓ କମିଶନ ସଚିବ ମୀତା ରାଜିବଲୋଚନଙ୍କୁ ବୁଧବାର ଭୁବନେଶ୍ୱରସ୍ଥ ରାଜ୍ୟ ଅତିଥିଭବନରେ ଅନୁଷ୍ଠିତ ଜନ ଶୁଣାଣି ଅବସରରେ ପ୍ରଦାନ କରାଯାଇଥିଲା । ଏହି ଅବସରରେ 'ଖଣ୍ଡାୟତ' ସମାଜର ସାମାଜିକ, ରାଜନୈତିକ, ଅର୍ଥନୈତିକ ସ୍ଥିତି ତଥା ଶିକ୍ଷା, ଐତିହ୍ୟ, ସଂସ୍କୃତି ଓ ପରମ୍ପରା ବିଷୟରେ ଉପସ୍ଥାପନ କରି, ମହାସଂଘର ସାଧାରଣ ସମ୍ପାଦକ ସୁଦର୍ଶନ ଛୋଟରାୟ ଏହି ଜାତିର ଲୋକେ କିଭଳି ବ୍ରିଟିଶ ଶାସନ ସମୟରୁ ଜମି, ବସତି ହରାଇ ସର୍ବସ୍ୱାନ୍ତ ହେବାରେ ଲାଗିଛନ୍ତି ଓ ଆଜିର ଦିନରେ ଶିକ୍ଷା, ଚାକିରୀ ଓ ସାମାଜିକ ସ୍ଥିତି ଦୃଷ୍ଟିରୁ ପଛରେ ଅଛନ୍ତି ଓ ପ୍ରବାସୀ ଶ୍ରମିକ ଭାବେ ଦେଶ, ବିଦେଶ ଯାଇ ପରିବାର ପ୍ରତିପୋଷଣ କରୁଛନ୍ତି ବର୍ଣ୍ଣନା କରିଥିଲେ । ଏସବୁ ତଥ୍ୟ ଶୁଣିବା ପରେ କମିଶନ ଅଧ୍ୟକ୍ଷ ରାଜ୍ୟ ସରକାରଙ୍କ ତଫସିଲଭୁକ୍ତ ଜାତି, ଜନଜାତି ଓ ପଛୁଆବର୍ଗ ବିଭାଗର ସଚିବଙ୍କୁ 'ଖଣ୍ଡାୟତ' ସମାଜର ସ୍ଥିତି ଓ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ତଥା ସୁପାରିଶ ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

# ଡ୍ରିମ୍ସ ନର୍ସିଂ ସ୍କୁଲ ପକ୍ଷରୁ ସ୍ତନ କର୍କଟ ସଚେତନତା

କଟକ, (ସବ୍ୟୁ) : ଡ୍ରିମ୍ସ ସ୍କୁଲ ଅଫ ନର୍ସିଂ ପକ୍ଷରୁ ଟାଙ୍ଗୀ ମହାବିଦ୍ୟାଳୟରେ ସ୍ତନ କର୍କଟ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ଏଭଳି ସମାଜ କଲ୍ୟାଣ ଓ ଜନସଚେତନତା କାର୍ଯ୍ୟକ୍ରମ ପାଇଁ ଛାତ୍ରଛାତ୍ରୀଙ୍କୁ ବଧାଇ ଜଣାଇଥିଲେ । ଟାଙ୍ଗୀ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ବିଲକେଶ ପରଭିନ୍‌ଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିକ୍ଷାନୁଷ୍ଠାନ ପରିସରରେ ଥିବା ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା । ଡ୍ରିମ୍ସ ସ୍କୁଲ ଅଫ ନର୍ସିଂର ଡିନ୍ ଡ. ପ୍ରଥିମା ପ୍ରକାଶମ୍, ସହକାରୀ ଡିନ୍ ଏନ୍ ପ୍ରେମଲତା ଦେବୀ, ଅଧ୍ୟାପିକା ରଂଜିତା ବେହେରା, ଅଧ୍ୟାପକ ମାନସ କୁମାର ବେହେରା, ସହକାରୀ ପ୍ରାଧ୍ୟାପିକା ଉର୍ମିଳା ସ୍ୱାଇଁ, ସଂଗୀତା ନାୟକ, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ଯୋଗଦେଇ 'ସ୍ୱାସ୍ଥ୍ୟ ହିଁ ସମ୍ପଦ' ଏବଂ ଏଭଳି କାର୍ଯ୍ୟକ୍ରମ ଆୟୋଜନ ଦ୍ୱାରା କେବଳ ଶିକ୍ଷାନୁଷ୍ଠାନର ଛାତ୍ରୀ ନୁହଁନ୍ତି ଅନ୍ୟମାନେ ମଧ୍ୟ ଉପକୃତ ହୋଇପାରିବେ ବୋଲି କହିଥିଲେ । ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ପ୍ରାରମ୍ଭିକ ପର୍ଯ୍ୟାୟରେ ରୋଗ ଚିହ୍ନଟ ଓ ଚିକିତ୍ସା ଦ୍ୱାରା ସ୍ତନ କର୍କଟକୁ ଦୂରେଇ ଦେଇ ହେବବୋଲି ଭିଡିଓ ପ୍ରଦର୍ଶନ ମାଧ୍ୟମରେ ସଚେତନ କରାଯାଇଥିଲା । ବର୍ଷା ସାହୁ, ବିଜୟ ନାୟକ, ଚନ୍ଦନା ପଣ୍ଡା, ଶ୍ରାବଣୀ ପଣ୍ଡା, ବନଜା ପ୍ରିୟଦର୍ଶିନୀ କର ପ୍ରମୁଖ ବିଏସ୍‌ସି ନର୍ସିଂଛାତ୍ରଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ଟାଙ୍ଗୀ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ପରଭିନ୍ ଙ୍କୁ 'ଡ୍ରିମ୍ସ' ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅଧ୍ୟାପିକା ମନୀଷା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



## ଜାତୀୟ ଏଫପିଓ କନକ୍ଲେଭ ୨୦୨୫

# ସ୍ୱଦେଶୀ ମାଧ୍ୟମରେ ଆତ୍ମନିର୍ଭରଶୀଳ ଜରୁରୀ

**ନୂଆଦିଲ୍ଲୀ:** କେନ୍ଦ୍ର କୃଷି , କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଦିଲ୍ଲୀରେ ଜାତୀୟ ଏଫପିଓ କନକ୍ଲେଭ ୨୦୨୫ ଉଦଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଭାରତର ୨୪ ରାଜ୍ୟ ଏବଂ ୧୪୦ ଜିଲ୍ଲାରୁ ୫୦୦ ରୁ ଅଧିକ ପ୍ରଗତିଶୀଳ ଚାଷୀ, କୃଷକ ଉତ୍ପାଦକ ସଂଗଠନ (ଏଫପିଓ), କାର୍ଯ୍ୟାନ୍ୱୟନ ଏଜେନ୍ସି ଏବଂ କ୍ଲଷ୍ଟର-ଆଧାରିତ ବ୍ୟବସାୟ ସଂଗଠନ ଅଂଶଗ୍ରହଣ କରିଥିଲେ ।

ସମାବେଶକୁ ସମ୍ବୋଧିତ କରି କେନ୍ଦ୍ର ମନ୍ତ୍ରୀ ଚାଷୀ,ଏଫପିଓ ସଦସ୍ୟ ଏବଂ ଅଂଶଗ୍ରହଣକାରୀ ସଂସ୍ଥାଗୁଡ଼ିକର ପ୍ରୟାସକୁ ପ୍ରଶଂସା କରିଥିଲେ, ଚାଷୀମାନଙ୍କୁ ଉତ୍ପାଦକରୁ ଉଦ୍ୟୋଗୀ ଏବଂ ବ୍ୟବସାୟୀରେ ପରିଣତ କରିବାକୁ ଆହ୍ୱାନ କରିଥିଲେ ଯାହା ଦ୍ୱାରା ସମ୍ପୂର୍ଣ୍ଣ ଲାଭ ସିଧାସଳଖ ସେମାନଙ୍କ ପାଖରେ ପହଞ୍ଚିପାରିବ । କୃଷି ଜୀବିକା ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଉଭୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେ କହିଥିଲେ,



କୃଷକମାନଙ୍କ ଲାଭ ପାଇଁ ସମନ୍ୱିତ କୃଷି ଉପରେ ଆମର ଧ୍ୟାନ । କେବଳ ଶସ୍ୟ ଉପରେ ନିର୍ଭର କରିବା ଯଥେଷ୍ଟ ହେବ ନାହିଁ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ଆନୁଷଙ୍ଗିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରାଯିବା ଆବଶ୍ୟକ । ମୂଲ୍ୟ ବୈଷମ୍ୟ ଉପରେ ଚିନ୍ତା ପ୍ରକାଶ କରି ଶ୍ରୀ ଚୌହାନ କହିଥିଲେ ଯେ ଚାଷୀମାନେ ପ୍ରାୟତଃ ସେମାନଙ୍କ ଉତ୍ପାଦର ଉଚିତ ମୂଲ୍ୟ ପାଆନ୍ତି ନାହିଁ, ଯେତେବେଳେ ଗ୍ରାହକମାନେ ଅଧିକ ମୂଲ୍ୟ ଦିଅନ୍ତି । କେନ୍ଦ୍ର ମନ୍ତ୍ରୀ ଘୋଷଣା କରିଥିଲେ ଯେ ଚାଷୀମାନେ ଉଚ୍ଚମାନର ବିହନ ପାଇବା ନିଶ୍ଚିତ କରିବା ପାଇଁ ସରକାର ଖୁବ୍ ଶୀଘ୍ର ଏକ ବିହନ ଆଇନ ପ୍ରଣୟନ କରିବେ । ସେ ଆହୁରି ମଧ୍ୟ କହିଥିଲେ ଯେ ସରକାର ନକଲି ବିହନ ଏବଂ କୀଟନାଶକ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ଏବଂ ଚାଷୀମାନଙ୍କୁ ସୁରକ୍ଷା ଦେବା ପାଇଁ କଠୋର ଆଇନ ପ୍ରଣୟନ କରିବେ ।

ଶ୍ରୀ ଚୌହାନ ଏଫପିଓଗୁଡ଼ିକୁ କ୍ଷୁଦ୍ର ଚାଷୀଙ୍କ କଲ୍ୟାଣ ପାଇଁ ଗମ୍ଭୀରତାର ସହ କାମ କରିବାକୁ ଏବଂ ମନ୍ତ୍ରଣାଳୟ ସହିତ ବ୍ୟବହାରିକ ପରାମର୍ଶ ବାଣ୍ଟିବାକୁ ଅନୁରୋଧ କରିଥିଲେ ।

# ଦିଲ୍ଲୀ ଦଙ୍ଗାକୁ ନେଇ ପୋଲିସର ବିସ୍ଫୋରକ ତଥ୍ୟ

**ନୂଆଦିଲ୍ଲୀ:** ୨୦୨୦ ମସିହା ଦିଲ୍ଲୀ ଦଙ୍ଗା ଘଟଣାରେ ପୁଲିସ୍ ପ୍ରସ୍ତୁତ କରିଥିବା ସତ୍ୟପାଠରେ ରହିଛି ସାଂଘାତିକ ତଥ୍ୟ । ଦିଲ୍ଲୀ ଦଙ୍ଗା ପଛର ଷଡ଼ଯନ୍ତ୍ରର ଅଭିଯୋଗରେ ଗିରଫ ହୋଇ ଜେଲରେ ଥିବା ଉମର ଖାଲିଦ, ଶର୍ଜିଲ ଇମାମ, ମୀରାନ ହାଇଦର, ଗୁଲଫିଶ ଫାତିମା ଓ ଅନ୍ୟ ଅଭିଯୁକ୍ତଙ୍କ ଜାମିନକୁ ବିରୋଧ କରିବା ପାଇଁ ଦିଲ୍ଲୀ ପୁଲିସ୍ ଗୋଟିଏ ସତ୍ୟପାଠ ପ୍ରସ୍ତୁତ କରିଛି । ଏହି ସତ୍ୟପାଠକୁ ପୁଲିସ୍ ସୁପ୍ରିମକୋର୍ଟରେ ଦାଖଲ କରିବ । ଏଥିରେ ପୁଲିସ୍ ଦାବି କରିଛି ଯେ ଦିଲ୍ଲୀ ଦଙ୍ଗା ଗୋଟିଏ ଯୋଜନାବଦ୍ଧ ଶାସନ ପରିବର୍ତ୍ତନ ଅପରେସନର ଅଂଶବିଶେଷ ଥିଲା । ଅର୍ଥାତ ଦେଶର ଛବିକୁ ମଳିନ କରି କ୍ଷମତା ପରିବର୍ତ୍ତନ ପାଇଁ ଅଭିଯୁକ୍ତମାନେ ଷଡ଼ଯନ୍ତ୍ର କରିଥିଲେ । ଦେଶରେ ଶାସନ ପରିବର୍ତ୍ତନ କରିବା ସେମାନଙ୍କର ଏକମାତ୍ର ଲକ୍ଷ୍ୟ ଥିଲା । ପୁଲିସର କହିବା କଥା ଯେ ଦଙ୍ଗା ଆଦୌ ଅଚାନକ ନଥିଲା । ବେଶ ଯୋଜନାବଦ୍ଧ ଭାବେ ଦେଶର ଶାନ୍ତିକୁ ଭଙ୍ଗ କରିବା ଓ ବିଶ୍ୱସ୍ତରରେ ଭାରତର ଛବିକୁ କ୍ଷତି ପହଞ୍ଚାଇବା ପାଇଁ ଏପରି ହିଂସାକାଣ୍ଡ ଘଟା ଯାଇଥିଲା । ୨୦୨୦ ଦଙ୍ଗା ଘଟଣାରେ ଖାଲିଦ ଓ ଅନ୍ୟମାନଙ୍କୁ ପୁଲିସ୍ ୟୁଏପିଏ ବଳରେ ଗିରଫ କରିଛି । ସେମାନଙ୍କୁ ଦିଲ୍ଲୀ ହାଇକୋର୍ଟ ଜାମିନ ଦେବାକୁ ମନା କରିବା ପରେ ସମସ୍ତେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସୁପ୍ରିମକୋର୍ଟ ସେମାନଙ୍କ ଆବେଦନର ଶୁଣାଣି କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ଦିଲ୍ଲୀ ପୁଲିସ୍ ଏହାକୁ ବିରୋଧ କରିବାକୁ ପ୍ରସ୍ତୁତି ଆରମ୍ଭ କରିଦେଇଛି । ପୁଲିସ୍ କହିଛି ଯେ ସେମାନେ ସାକ୍ଷୀଙ୍କ ବୟାନ ରେକର୍ଡ କରିଛନ୍ତି । ଅଭିଯୁକ୍ତମାନେ ଗୋଟିଏ ଗଭୀର ଷଡ଼ଯନ୍ତ୍ରର ଅଂଶବିଶେଷ ସହ ଜଡ଼ିତ ଥିବା ବିଭିନ୍ନ ଦସ୍ତାବିଜ ଓ ବୈଷୟିକ ପ୍ରମାଣ ମିଳିଛି । ନାଗରିକତା(ସଂଶୋଧନ) ଅଧିନିୟମ(ସିଏଏ) ବିରୋଧରେ ଥିବା ଅସନ୍ତୋଷକୁ ଅସ୍ତ୍ର ଭାବେ ବ୍ୟବହାର କରି ଭାରତର ସଂହତି ଓ ଅଖଣ୍ଡତା ଉପରେ ଶକ୍ତ ପ୍ରହାର କରିବା ପାଇଁ ଏହି ହିଂସାକାଣ୍ଡ ବା ଅଶାନ୍ତିକୁ ସୃଷ୍ଟି କରାଯାଇଥିବା ପୁଲିସ୍ କହିଛି । ଦିଲ୍ଲୀ ହିଂସାକାଣ୍ଡରେ ୫୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ସାଧାରଣ ସମ୍ପତ୍ତି ବ୍ୟାପକ ଭାବେ କ୍ଷତି ହୋଇଥିଲା । ଘଟଣାକୁ ନେଇ କେବଳ ଦିଲ୍ଲୀରେ ୭୫୦ଟି ଏଫଆଇଆର ରୁଜୁ କରାଯାଇଥିଲା ।

# ରାହୁଲ, ତେଜସ୍ୱୀଙ୍କୁ କଟାକ୍ଷ କଲେ ମୋଦୀ

**ମୁଜାଫରପୁର:** ଗୁରୁବାର ଦିନ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଏବଂ ରାଷ୍ଟ୍ରୀୟ ଜନତା ଦଳ ନେତା ତେଜସ୍ୱୀ ଯାଦବଙ୍କୁ ନେଇ କଡ଼ା ସମାଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ମୋଦୀ ସେ ଦୁଇ ଜଣଙ୍କୁ ଦୁଇ ଦୁର୍ନୀତିସଂପନ୍ନ ପରିବାରର ୨ ରାଜକୁମାର ବୋଲି ସମ୍ବୋଧନ କରିଛନ୍ତି । ମୋଦୀ ଆହୁରି ବି ଦାବି କରିଛନ୍ତି ଯେ ଦୁହେଁ ମିଥ୍ୟା ପ୍ରତିଶ୍ରୁତିର ଦୋକାନ ଚଳାଉଛନ୍ତି ।


ବିହାରର ମୁଜାଫରପୁରରେ ଏକ ମେଗା ନିର୍ବାଚନୀ ରାଲିକୁ ସମ୍ବୋଧିତ କରିବା ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଦୁଇ ବିରୋଧୀ ନେତାଙ୍କୁ ଭାରତ ଏବଂ ବିହାରର ସର୍ବାଧିକ ଦୁର୍ନୀତିଗ୍ରସ୍ତ ପରିବାରର ଯୁବରାଜ ବୋଲି ମଧ୍ୟ କହିଛନ୍ତି । ମୋଦୀ କୁହନ୍ତି, '' ହଜାର ହଜାର କୋଟି ଟଙ୍କାର ଦୁର୍ନୀତିରେ ଉଭୟ ଜାମିନରେ ଅଛନ୍ତି ।ମୋଦୀ ଏପରି କହିବା ବେଳେ କରତାଳିରେ ପୂରା ଅଞ୍ଚଳ କମ୍ପି ଉଠିଥିଲା । ଉଲ୍ଲେଖଯୋଗ୍ୟ, ଗତକାଲି ବିହାର ନିର୍ବାଚନ ପ୍ରଚାର ସମୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଥିଲେ କି ମୋଦୀ ଭୋଟ୍ ପାଇଁ କିଛି ବି କରିପାରନ୍ତି । ଆବଶ୍ୟକ ପଡ଼ିଲେ ସେ ଭୋଟ୍ ପାଇଁ ନାଚି ବି ପାରନ୍ତି ।



ଯଦି ତୁମେ ନରେନ୍ଦ୍ର ମୋଦୀଙ୍କୁ ତୁମର ଭୋଟ୍ ବଦଳରେ ନାଚିବାକୁ କୁହ, ତେବେ ସେ ମଞ୍ଚ ଉପରେ ନାଚିବେ । ଗାନ୍ଧୀ ମୁଜାଫରପୁରରେ ଆରଜେଡି ନେତା ଏବଂ ମହାଗଠବନ୍ଧନର ମୁଖ୍ୟମନ୍ତ୍ରୀ ଚେହେରା ତେଜସ୍ୱୀ ଯାଦବଙ୍କ ସହିତ ଏକ ମିଳିତ ରାଲିକୁ ସମ୍ବୋଧିତ କରିବା ସମୟରେ ଏପରି କହିଥିଲେ ।

# ଚାବାହାର ବନ୍ଦର ଉପରୁ ଆମେରିକାର କଟକଣା କୋହଳ

**ନୂଆଦିଲ୍ଲୀ :** ଇରାନର ଚାବାହାର ବନ୍ଦର ଉପରେ ଛଅ ମାସ କୋହଳ ହେବ ଆମେରିକାର ଆର୍ଥିକ କଟକଣା । ଏ ନେଇ ଭାରତର ବୈଦେଶିକ ମନ୍ତ୍ରାଳୟ ନିଶ୍ଚିତ କରିଛି । ଏହା ଭାରତ ପାଇଁ ଏକ ବଡ଼ ଆଶ୍ୱସ୍ତି ବୋଲି ମନେକରାଯାଉଛି ।ଗତ ବର୍ଷ ଭାରତ ସରକାର ଇରାନ ସହିତ ଏକ ୧୦ ବର୍ଷର ଚୁକ୍ତି ସ୍ୱାକ୍ଷର କରିଥିଲେ, ଯାହା ଅଧୀନରେ ରାଷ୍ଟ୍ରାୟତ୍ତ କମ୍ପାନୀ ଇଣ୍ଡିଆ ପୋର୍ଟସ୍ ଗ୍ଲୋବାଲ୍ ଲିମିଟେଡ୍ ଚାବାହାରରେ ୩୭୦ ନିୟୁତ ଡଲାର ନିବେଶ କରିବାକୁ ପ୍ରତିଶ୍ରୁତି ଦେଇଥିଲା । ଭାରତ ଏବଂ ଆମେରିକା ଏକ ପ୍ରମୁଖ ବାଣିଜ୍ୟ ଚୁକ୍ତିକୁ ଚୂଡ଼ାନ୍ତ କରୁଥିବା ସମୟରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଏହି ଘୋଷଣା ଆସିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଆମେ ବାଣିଜ୍ୟ ଚୁକ୍ତିକୁ ଚୂଡ଼ାନ୍ତ କରିବା ପାଇଁ ଆମେରିକା ପକ୍ଷ ସହିତ ଆଲୋଚନା ଜାରି ରଖିବୁ । ଉଭୟ ପକ୍ଷ ନିରନ୍ତର ଆଲୋଚନାରେ ଅଛନ୍ତ ।



ଇରାନ ବନ୍ଦର ଉପରେ ଲାଗୁ ପ୍ରତିବନ୍ଧକ ପ୍ରତ୍ୟାହାର କରିବା ପାଇଁ ଆମେରିକା ପୂର୍ବରୁ ସେପ୍ଟେମ୍ବର ୨୯ ତାରିଖ ଧାର୍ଯ୍ୟ କରିଥିଲା । କିନ୍ତୁ ଏବେ ଏହାକୁ ଛଅ ମାସ ବୃଦ୍ଧି କରାଯାଇଛି । ଆଫଗାନିସ୍ତାନ, ଉଜବେକିସ୍ତାନ, ତାଜିକିସ୍ତାନ ପରି ଦେଶମାନଙ୍କୁ ନିଜର ମାଲ୍ ପହଞ୍ଚାଇବାକୁ ଭାରତ ଚାବାହାରର ଏକ ଟର୍ମିନାଲର ବିକାଶ କରିଛି । ଏଥିପାଇଁ ଇଣ୍ଡିଆ ପୋର୍ଟସ୍ ଗ୍ଲୋବାଲ୍ ଲିମିଟେଡ୍ ୩୭ କୋଟି ଡଲାରର ନିବେଶ କରିଛି ।

# ଛୋଟ ପିଲାଙ୍କୁ ପଣବନ୍ଦୀ କରିଥିବା ବ୍ୟକ୍ତିଙ୍କୁ ଗୁଳିମାଡ଼

**ମୁମ୍ବାଇ:** ମୁମ୍ବାଇର ଆରଏ ଷ୍ଟୁଡିଓରେ ୧୭ ଜଣ ପିଲାଙ୍କୁ ପଣବନ୍ଦୀ କରି ରଖିଥିବା ରୋହିତ ଆର୍ଯ୍ୟ ପୁଲିସ୍ ଗୁଳିରେ ପ୍ରାଣ ହରାଇଛି । ରୋହିତ ୧୭ ଜଣ ଛୋଟ ପିଲା, ଜଣେ ବରିଷ୍ଠ ନାଗରିକ ଓ ଜଣେ ସାଧାରଣ ଲୋକଙ୍କୁ ପଣବନ୍ଦୀ କରି ରଖିଥିଲା ।ପୁଲିସ ସେମାନଙ୍କୁ ମୁକୁଳାଇବା ବେଳେ ରୋହିତକୁ ଗୁଳି କରିବାକୁ ବାଧ ହୋଇଥିଲା । ଗୁଳି ମାଡ଼ରେ ଆହତ ହୋଇଥିବା ରୋହିତକୁ ଗୁରୁତର ଅବସ୍ଥାରେ ପୋୱାଇ ଅଞ୍ଚଳରେ ଥିବା ବିଲଡିଂରୁ ହସ୍ପିଟାଲ ନିଆଯାଇଥିଲା । କିନ୍ତୁ ସେଠାରେ ତା'ର ମୃତ୍ୟୁ ହୋଇଥିବା ଜଣାପଡ଼ିଛି ।



ପୁଲିସର କହିବା କଥା ଯେ ପଣବନ୍ଦୀଙ୍କୁ ମୁକୁଳାଇବା ବେଳେ ରୋହିତ ବାଧକ ସାଜିଥିଲା । ସେ ପୁଲିସର ମୁକାବିଲା କରିବାକୁ ଏୟାର ଗନ ବ୍ୟବହାର କରିଥିଲା । ଏହାର ଜବାବରେ ପୁଲିସ୍ ମାତ୍ର ଗୋଟିଏ ରାଉଣ୍ଡ ଗୁଳି ଚଳାଇଥିଲା । ଗୁଳି ମାଡ଼ରେ ଆହତ ହୋଇଥିବା ରୋହିତକୁ ହସ୍ପିଟାଲ ନିଆଯାଇଥିଲେ ହେଁ ସେଠାରେ ତା'କୁ ଡାକ୍ତର ମୃତ ଘୋଷଣା କରିଛନ୍ତି । ପୋୱାଇ ଅଞ୍ଚଳରେ ଥିବା ଆରଏ ଷ୍ଟୁଡିଓରେ ପୂରା ଘଟଣା ଘଟିଥିଲା ।ଏଠାରେ ରୋହିତ ଅଡିସନ ନାଁରେ ଛୋଟ ପିଲାମାନଙ୍କୁ ଡାକିଥିଲା । ସମସ୍ତ ବୟସ ୮ରୁ ୧୪ ବର୍ଷ ମଧ୍ୟରେ । ସେମାନଙ୍କୁ ଷ୍ଟୁଡିଓ ଭିତରେ ସେ ବେଶ କିଛି ଘଣ୍ଟା କାଳ ପଣବନ୍ଦୀ କରି ରଖିଥିଲା ।ଏ ସମ୍ପର୍କରେ ଦିନ ୧.୪୫ରେ ପୁଲିସକୁ ଖବର ମିଳିଥିଲା । ଏହାପରେ ତୁରନ୍ତ ଅପରେସନ ଆରମ୍ଭ କରାଯାଇଥିଲା । ପ୍ରଥମେ ପୁଲିସ୍ ଅଭିଯୁକ୍ତ ରୋହିତକୁ ବୁଝାସୁଝା କରି ପଣବନ୍ଦୀମାନଙ୍କୁ ଛାଡ଼ିବାକୁ କୁହାଯାଇଥିଲା । ହେଲେ ସେ କିଛି ବି ଶୁଣି ନଥିଲା । ସେ ପିଲାମାନଙ୍କୁ ଛାଡ଼ିବା ବଦଳରେ ସେ କ୍ଷତି ପହଞ୍ଚାଇବାକୁ ଧମକ ଦେଇଥିଲା । ରୋହିତ କୌଣସି କଥା ନ ଶୁଣିବାରୁ ପୁଲିସ୍ ବାଧ ହୋଇ ବାଥରୁମ ପଟେ ବଳପୂର୍ବକ ଷ୍ଟୁଡିଓ ଭିତରେ ପ୍ରବେଶ କରିଥିଲା । ଏହାପରେ ସମସ୍ତ ୧୭ ଜଣ ପିଲାଙ୍କୁ ସେଠାରୁ ମୁକୁଳାଇଥିଲା । ଏହି ଅପରେସନ ବେଳେ ରୋହିତ ଆହତ ହୋଇଥିଲା ଓ ଚିକିତ୍ସାଧୀନ ଅବସ୍ଥାରେ ତା'ର ମୃତ୍ୟୁ ହୋଇଥିବା ପୁଲିସ୍ ନିଶ୍ଚିତ କରିଛି ।


# ତୃତୀୟ ଶ୍ରେଣୀ ପିଲା ପଢ଼ିବେ ଏଆଇ

**ନୂଆଦିଲ୍ଲୀ:** କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅନ୍ତର୍ଗତ ବିଦ୍ୟାଳୟ ଶିକ୍ଷା ଏବଂ ସାକ୍ଷରତା ବିଭାଗ କୃତ୍ରିମ ବୁଦ୍ଧିମତା ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଏବଂ କମ୍ପ୍ୟୁଟେସନାଲ୍ ଥିଙ୍କିଙ୍ଗକୁ ଭବିଷ୍ୟତ ଶିକ୍ଷାର ଅତ୍ୟାବଶ୍ୟକ ଉପାଦାନ ଭାବରେ ଆଗକୁ ବଢାଇବା ପାଇଁ ନିଜର ପ୍ରତିବଦ୍ଧତାକୁ ଦୋହରାଇଛି । ଏହି କ୍ରମରେ ଦେଶର ସବୁ ବିଦ୍ୟାଳୟରେ ତୃତୀୟ ଶ୍ରେଣୀରୁ ଏଆଇ ଶିକ୍ଷା ପାଠ୍ୟକ୍ରମର ଶୁଭାରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏହି ବିଭାଗ, ପରାମର୍ଶ ପ୍ରକ୍ରିୟା ମାଧ୍ୟମରେ ବିଦ୍ୟାଳୟ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ଢାଞ୍ଚା (ଏନସିଏଫଏସଇ) ୨୦୨୩ର ବ୍ୟାପକ ପରିସର ମଧ୍ୟରେ ଏକ ଅର୍ଥପୂର୍ଣ୍ଣ ଏବଂ ସମାବେଶୀ ପାଠ୍ୟକ୍ରମ ପ୍ରସ୍ତୁତ କରିବାରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ତଥା ସିବିଏସଇ, ଏନସିଇଆରଟି, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଏବଂ ନବୋଦୟ ବିଦ୍ୟାଳୟ ସଂଗଠନ ଭଳି ଅନୁଷ୍ଠାନଗୁଡ଼ିକୁ ସହାୟତା କରୁଛି । ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ କମ୍ପ୍ୟୁଟେସନାଲ୍ ଥିଙ୍କିଙ୍ଗ ଶିଖିବା, ଚିନ୍ତା କରିବା ଏବଂ ଶିଖାଇବାର ଅବଧାରଣାକୁ ସୁଦୃଢ କରିବ । ଏହା ସାର୍ବଜନୀନ ହିତ ପାଇଁ ଏଆଇର ପ୍ରଚଳନକୁ ବିସ୍ତାର କରିବ । ଏହି ପ୍ରୟାସ ଜଟିଳ ଆହ୍ୱାନକୁ ସମାଧାନ କରିବା ଲାଗି ଏଆଇର ନୈତିକ ଉପଯୋଗ ଦିଗରେ ଏକ ନୂତନ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ତୃତୀୟ ଶ୍ରେଣୀରୁ ଏହି ବୈଷୟିକ ଶିକ୍ଷା ଆରମ୍ଭ ହେବା ଫଳରେ ମୌଳିକ ସ୍ତରରେ ଏହାକୁ ସାମିଲ କରାଯାଇପାରିବ । ଏ ପ୍ରସଙ୍ଗରେ ଅକ୍ଟୋବର ୨୯ ତାରିଖରେ ଏକ ଅଂଶୀଦାର ବିଚାରବିମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି । ସିବିଏସଇ, ଏନସିଇଆରଟି, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଏବଂ ନବୋଦୟ ବିଦ୍ୟାଳୟ ସଂଗଠନ ସମେତ ବାହ୍ୟ ବିଶେଷଜ୍ଞ ଏବଂ ଅନ୍ୟ ଅଂଶୀଦାରମାନେ ଏହି ବୈଠକରେ ଯୋଗ ଦେଇଥିଲେ । ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ କମ୍ପ୍ୟୁଟେସନାଲ୍ ଥିଙ୍କିଙ୍ଗ ପାଠ୍ୟକ୍ରମ ବିକଶିତ କରିବା ଲାଗି ଆଇଆଇଟି ମାଡ୍ରାସର ପ୍ରଫେସର କାର୍ତ୍ତିକ ରମଣଙ୍କ ଅଧ୍ୟକ୍ଷତାରେ ଏକ ବିଶେଷଜ୍ଞ ସମିତି ଗଠନ କରାଯାଇଛି । ସ୍କୁଲ ଶିକ୍ଷା ସଚିବ ସଞ୍ଜୟ କୁମାର କହିଛନ୍ତି, କୃତ୍ରିମ ବୁଦ୍ଧିମତ୍ତା ଶିକ୍ଷାକୁ ଆମ ଚାରିପାଖର ଦୁନିଆ ସହ ଜଡିତ ଏକ ମୌଳିକ ସାର୍ବଜନୀନ ଦକ୍ଷତା ଭାବରେ ବିବେଚନା କରାଯିବା ଉଚିତ । ସେ ଆହୁରି ଆଲୋକପାତ କରିଥିଲେ ଯେ ନିଷ୍ଠାର ଶିକ୍ଷକ ତାଲିମ ମଡ୍ୟୁଲ୍ ଏବଂ ଭିଡିଓ-ଆଧାରିତ ଶିକ୍ଷା ସମ୍ବଳ ସମେତ ଶିକ୍ଷକ ତାଲିମ ଏବଂ ଶିକ୍ଷା-ଶିକ୍ଷଣ ସାମଗ୍ରୀ ପାଠ୍ୟକ୍ରମ କାର୍ଯ୍ୟକାରିତାର ଆଧାର ହେବ । ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ଯୁଗ୍ମ ସଚିବ ପ୍ରାଚୀ ପାଣ୍ଡେ ପାଠ୍ୟକ୍ରମର ବିକାଶ ଏବଂ କାର୍ଯ୍ୟକାରିତା ଲାଗି ନିର୍ଦ୍ଧାରିତ ସମୟସୀମା ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ ।ନିଷ୍ପତ୍ତି ଅନୁଯାୟୀ ୨୦୨୬-୨୭ ଶିକ୍ଷା ବର୍ଷ ଠାରୁ ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁରୂପ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ କମ୍ପ୍ୟୁଟେସନାଲ୍ ଥିଙ୍କିଙ୍ଗ ପାଠ୍ୟକ୍ରମର ଶୁଭାରମ୍ଭ କରାଯିବ ।ଏଥିପାଇଁ ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ସମ୍ବଳ ସାମଗ୍ରୀ, ହ୍ୟାଣ୍ଡବୁକ, ଡିଜିଟାଲ ସମ୍ବଳ ବିକଶିତ କରାଯିବ ।




# ସର୍ବସାଧାରଣଙ୍କୁ ଆସିଲେ ଶେଖ ହସିନା

**ନୂଆଦିଲ୍ଲୀ:** ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ଗତ ବର୍ଷ ବିଦ୍ରୋହର ସମ୍ମୁଖୀନ ହେବାପରେ ଅଗଷ୍ଟରେ ତାଙ୍କ ପଦରୁ ଇସ୍ତଫା ଦେଇ ଭାରତର ଆଶ୍ରୟରେ ଅଛନ୍ତି । ନିକଟରେ ହସିନା ଦିଲ୍ଲୀର ଲୋଧି ଗାର୍ଡେନରେ ଦୁଇ ଜଣ ସୁରକ୍ଷାକର୍ମୀଙ୍କ ସହ ବୁଲୁଥିବା ନଜର ଆସିଥିଲେ । ଶେଖ ହସିନା ନିକଟରେ ବାଂଲାଦେଶରେ ହେବାକୁ ଥିବା ସାଧାରଣ ନିର୍ବାଚନ, ଆୱାମୀ ଲିଗ୍ ପାର୍ଟି, ତାଙ୍କ ବିରୋଧରେ ଅପରାଧିକ ମାମଲା ଏବଂ ତାଙ୍କ ଭବିଷ୍ୟତ ଯୋଜନା ବିଷୟରେ ଖୋଲା




ମତ ରଖିଛନ୍ତି । ୭୮ ବର୍ଷୀୟା ହସିନା କ୍ଷମତାରୁ ବହିଷ୍କୃତ ହେବା ପରେ ପ୍ରଥମ ଥର ପାଇଁ ଗଣମାଧ୍ୟମ ସହ କଥା ହୋଇଛନ୍ତି । ସେ କହିଛନ୍ତି ଯେ ଗତ ବର୍ଷ ଅଗଷ୍ଟରେ ଢାକାରେ ହିଂସା ଆରମ୍ଭ ହେବା ପରେ ସେ ହେଲିକପ୍ଟର ଯୋଗେ ଭାରତରେ ପହଞ୍ଚିଥିଲେ ଏବଂ ସେବେଠାରୁ ସେ ନୂଆଦିଲ୍ଲୀରେ ସୁରକ୍ଷିତ ଓ ମୁକ୍ତ ଭାବେ ରହୁଛନ୍ତି ।

ସେ କହିଛନ୍ତି ଯେ ସେ ଦିଲ୍ଲୀରେ ସ୍ୱାଧୀନ ଜୀବନଯାପନ କରୁଛନ୍ତ । କିନ୍ତୁ ପରିବାରର ସୁରକ୍ଷାକୁ ଦୃଷ୍ଟିରେ ରଖି ମଧ୍ୟ ସତର୍କ ଅଛନ୍ତି । ହସିନା କହିଥିଲେ ଯେ ୧୯୭୫ ସାମରିକ ବିଦ୍ରୋହରେ ତାଙ୍କ ପିତା ଏବଂ ତିନି ଭାଇ ନିହତ ହୋଇଥିଲେ । ସେ ଏବଂ ତାଙ୍କ ଭଉଣୀ ସେହି ସମୟରେ ବିଦେଶରେ ଥିଲେ । ପୂର୍ବତନ ପ୍ରଧାନମନ୍ତ୍ରୀ କହିଛନ୍ତି, ଆୱାମୀ ଲିଗ୍ ଦଳ କ୍ଷମତାରେ କିମ୍ବା ବିରୋଧୀ ଦଳରେ ରହିବା ପରେ ହିଁ ସେ ବାଂଲାଦେଶ ରାଜନୀତିକୁ ପ୍ରତ୍ୟାବର୍ତ୍ତନ କରିବେ । 'ଆମ ଦଳକୁ ଏବେ ନିଷିଦ୍ଧ କରାଯାଇଛ ।ନିର୍ବାଚନରେ ଭାଗ ନେବା ସୁଯୋଗ ଦିଆନଗଲେ ଆମେ ନିର୍ବାଚନ ବହିଷ୍କାର କରିବୁ ବୋଲି ସେ କହିଛନ୍ତି । ଦେଶରେ ସମ୍ବିଧାନ ଅନୁଯାୟୀ ଶାସନ ଏବଂ ରାଜନୈତିକ ସ୍ଥିରତା ରହିଲେ ହିଁ ତାଙ୍କ ପ୍ରତ୍ୟାବର୍ତ୍ତନ ସମ୍ଭବ ହେବ । କୌଣସି ଜଣେ ବ୍ୟକ୍ତି କିମ୍ବା ପରିବାର ଦେଶର ଭବିଷ୍ୟତ ସ୍ଥିର କରିପାରିବେ ନାହିଁ ବୋଲି ହସିନା କହିଛନ୍ତି ।

# 'ଡିଜିଟାଲ ଆରେଷ୍ଟ'ରେ ୧.୨ କୋଟି ହରାଇ ଟଳି ପଡ଼ିଲେ ବୃଦ୍ଧ

**ପୁଣେ:** ସାଇବର ଠକମାନେ ତଥାକଥିତ ଡିଜିଟାଲ ଆରେଷ୍ଟ ବଳରେ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ତାଙ୍କ ପତ୍ନୀଙ୍କ ଠାରୁ ନେଇ ଯାଇଛନ୍ତି ୧.୧୯ କୋଟି । ଏପରି ଠକେଇ ବିଷୟରେ ଜାଣିବା ପରେ ପୁଣେର ୮୨ ବର୍ଷୀୟ ଅବସର ପ୍ରାପ୍ତ କର୍ମଚାରୀ ଜଣଙ୍କ ଟଳି ପଡ଼ିଛନ୍ତି । ଅଚାନକ ଏପରି ଠକେଇ ଖବର ପାଇ ବୃଦ୍ଧ ଜଣଙ୍କ ମାନସିକ ଚାପରେ ରହିଥିଲେ । ଅକ୍ଟୋବର ୨୨ରେ ସେ ଘର ଭିତରେ ହିଁ ଅଚେତ ହୋଇ ଯାଇଥିଲେଛ ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଡିଜିଟାଲ ଆରେଷ୍ଟର ଠକେଇ ଅଗଷ୍ଟ ୧୬ରୁ ସେପ୍ଟେମ୍ବର ୧୭ ଯାଏ ଚାଲିଥିଲା । ସାଇବର ଠକମାନେ ନିଜକୁ ମୁମ୍ବାଇ ସାଇବର ପୁଲିସ୍ ଓ ସିବିଆଇ ଅଧିକାରୀ ଭାବେ ପରିଚୟ ଦେଇ ଏପରି ଲୁଟ କରିଥିଲେ । ୮୨ ବର୍ଷୀୟ ବୃଦ୍ଧ ଓ ତାଙ୍କର ୮୦ ବର୍ଷୀୟ ପତ୍ନୀ ପୁଣେରେ ରୁହନ୍ତି ।ସେମାନଙ୍କର ୩ ଝିଅ ବିଦେଶରେ । ଏହାର ଫାଇଦା ଉଠାଇ ବୃଦ୍ଧ ଦମ୍ପତିଙ୍କୁ ସାଇବର ଠକମାନେ ମନି ଲଣ୍ଡରିଂ ମାମଲା କଥା କହି ଭୟଭୀତ କରାଇଥିଲେ । ଏହାପରେ ୩ ଦିନ କାଳ ଡିଜିଟାଲ ଆରେଷ୍ଟ ରଖି ନିଜର ଲୁଟ ଯୋଜନାକୁ କାର୍ଯ୍ୟକାରୀ କରିଥିଲେ । ବୃଦ୍ଧଙ୍କ ପତ୍ନୀ ମଙ୍ଗଳବାର ଦାଖଲ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ ତାଙ୍କ ସ୍ୱାମୀ




ତାଙ୍କ ଜୀବନର ସବୁ ଆୟ ସାଇବର ଠକାମୀ ଯୋଗୁ ହରାଇଥିଲେ । ଏଥିଯୋଗୁ ସେ ପ୍ରବଳ ମାନସିକ ଚାପରେ ରହିଥିବା ବେଳେ ଠକମାନେ ତାଙ୍କୁ ନିୟମିତ ଧମକାଇ ଚାଲିଥିଲେ । ଏଥିଯୋଗୁ ବୃଦ୍ଧ ଜଣଙ୍କ ଅକ୍ଟୋବର ୨୨ରେ ହଠାତ ଅଚେତ ହୋଇ ତଳେ ପଡ଼ି ଯାଇଥିଲେ । ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲେ ହେଁ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା ।ଠକେଇ ଅଗଷ୍ଟ ୧୬ରୁ ଆରମ୍ଭ ହୋଇଥିଲା । ମୁମ୍ବାଇ ପୁଲିସର ଏନକାଉଣ୍ଟର ସ୍ପେଶାଲିଷ୍ଟ ଭାବେ ନିଜକୁ ପରିଚୟ ଦେଇ ବୃଦ୍ଧଙ୍କୁ ପ୍ରଥମେ ଗୋଟିଏ କଲ ଆସିଥିଲା । ଫୋନ କରିଥିବା ବ୍ୟକ୍ତି ତାଙ୍କୁ କହିଥିଲା ଯେ ଗୋଟିଏ ଘରୋଇ ଏୟାର ଲାଇନ ସହ ଜଡ଼ିତ ମନି ଲଣ୍ଡରିଂ ମାମଲାରେ ବୃଦ୍ଧଙ୍କ ଆଧାର କାର୍ଡ ଓ ବ୍ୟାଙ୍କ ଆକାଉଣ୍ଟର ଅପବ୍ୟବହାର କରାଯାଇଛି । ଏହାକୁ ଶୁଣି ବୃଦ୍ଧ ଜଣଙ୍କ ପୂରା ଡରି ଯାଇଥିଲେ । କିଛି ସମୟ ପରେ ଆଉ ଜଣେ ଠକ ନିଜକୁ ଦିଲ୍ଲୀ ସିବିଆଇର ଆଇପିଏସ୍ ଅଫିସର ଭାବେ ପରିଚୟ ଦେଇ ବୃଦ୍ଧଙ୍କୁ ଫୋନ କରିଥିଲା । ବୃଦ୍ଧ ଦମ୍ପତି ମନି ଲଣ୍ଡରିଂ ମାମଲାରେ ଜଡ଼ିତ ରହିଛନ୍ତି ଓ ସେମାନଙ୍କୁ ଘରେ ଗିରଫଦାରୀ କିମ୍ବା ଜେଲରେ ରହିବାକୁ ପଡ଼ିବ ବୋଲି କଲର ଜଣକ କହିଥିଲା ।ଏହାପରେ ଠକମାନେ ବୃଦ୍ଧଙ୍କୁ ତାଙ୍କ ଫୋନ କ୍ୟାମେରା ଅନ ରଖିବାକୁ କହିଥିଲେ । ଏପରି ଭାବେ ସେମାନଙ୍କୁ ୩ ଦିନ କାଳ ଡିଜିଟାଲ ଆରେଷ୍ଟରେ ରଖା ଯାଇଥିଲା । ଏହି ସମୟରେ ସେମାନେ ବୃଦ୍ଧ ଦମ୍ପତିଙ୍କ ସମସ୍ତ ବ୍ୟାଙ୍କ ଓ ଆଧାର କାର୍ଡ ତଥ୍ୟ ହାସଲ କରି ନେଇଥିଲେ । ଏଥିସହ ସେମାନଙ୍କ ପାଖରେ ଥିବା ସମସ୍ତ ଟଙ୍କାକୁ ୫ଟି ଭିନ୍ନଭିନ୍ନ ଆକାଉଣ୍ଟକୁ ପଠାଇବାକୁ କହିଥିଲେ । ସେପ୍ଟେମ୍ବର ୧୭ ମଧ୍ୟରେ ସେମାନେ ବିଭିନ୍ନ ପର୍ଯ୍ୟାୟରେ ଫୋନ କରି ଟଙ୍କା ନେଇଥିଲେ । ବୃଦ୍ଧ ଜଣଙ୍କ ରଖିଥିବା ସମସ୍ତ ଜମା ଠାରୁ ଆରମ୍ଭ କରି ୩ ଝିଅ ବିଦେଶରୁ ପଠାଇଥିବା ଟଙ୍କା ସେମାନେ ନେଇ ଯାଇଥିଲେ । ଠକମାନେ ମୋଟ ୧.୧୯ କୋଟି ଟଙ୍କା ନେବା ପରେ ହଠାତ ଫୋନ କରିବା ବନ୍ଦ କରିଦେଇଥିଲେ । ଫୋନ କଲ ନ ଆସିବାରୁ ବୃଦ୍ଧ ଦମ୍ପତି ଠକାମୀରେ ପଡ଼ିଥିବା ହୃଦୟଙ୍ଗମ କରିଥିଲେ । ସେମାନେ ବିଦେଶରେ ଥିବା ଜଣେ ଝିଅଙ୍କୁ ଯୋଗାଯୋଗ କରିବାରୁ ସେ ପୁଲିସରେ ଅଭିଯୋଗ କରିବାକୁ କହିଥିଲେ । ପୁଲିସରେ ଅଭିଯୋଗ ହେବା ପରେ ପୂରା ଘଟଣାସାମ୍ନାକୁ ଆସିଛି ।

# କାହିଁକି କଳାପଟି ପିନ୍ଧିଲେ ଭାରତ, ଅଷ୍ଟ୍ରେଲୀୟ ଖେଳାଳି

ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି): ମହିଳା ବିଶ୍ୱକପ୍ ସେମିଫାଇନାଲରେ ଭାରତ ଓ ଅଷ୍ଟ୍ରେଲିଆ ପରସ୍ପରକୁ ଭେଟିଛନ୍ତି। ଏହି ମ୍ୟାଚରେ ଉଭୟ ଦେଶର ଖେଳାଳିଙ୍କ ଠାରୁ ଆରମ୍ଭ କରି ମ୍ୟାଚ ସହ ଜଡିତ ସମସ୍ତ ସଦସ୍ୟ କଳାପଟି ବାନ୍ଧିଛନ୍ତି। କଣ ପାଇଁ ଏମାନେ କଳାପଟି ପାନ୍ଧି ମ୍ୟାଚ ଖେଳୁଛନ୍ତି ? ଜଣେ ୧୭ ବର୍ଷୀୟ ଅଷ୍ଟ୍ରେଲୀୟ କ୍ରିକେଟରଙ୍କ ସ୍ମୃତିରେ ଖେଳାଳିମାନେ କଳାପଟି ପରିଧାନ କରିଛନ୍ତି।୧୭ ବର୍ଷୀୟ ବେନ ଅଷ୍ଟିନଙ୍କ ବେକରେ ବଲ ମାଡ ହେବାରୁ ବୁଧବାର ମେଲବୋର୍ଣ୍ଣରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ବିୟୋଗରେ ଉଭୟ ଭାରତୀୟ ଓ ଅଷ୍ଟ୍ରେଲିଆ ଖେଳାଳି ଶୋକ ପ୍ରକାଶ କରିବା ସହ ହାତରେ କଳାପଟି ପିନ୍ଧିଛନ୍ତି। ଟି-୨୦ ମ୍ୟାଚ ପୂର୍ବରୁ ମ୍ୟାଚ ପୂର୍ବରୁ ଅଷ୍ଟିନ ଅଭ୍ୟାସ କରୁଥିଲେ। ଏହି ସମୟରେ ଏକ ଦ୍ରୁତଗତିରେ ବଲ ତାଙ୍କ ବେକମୁଣ୍ଡାରେ ବାଜିଥିଲା। ଥୋଡାଉନ ଅଭ୍ୟାସ ସମୟରେ ଏପରି ଘଟଣା ଘଟିଥିଲା। ବଲଟି ସାଇଡଆର୍ମରୁ ଫିଙ୍ଗା ଯାଇଥିଲା। ଏହା ଦ୍ରୁତଗତିରେ ଆସି ଅଷ୍ଟିନଙ୍କ ବେକରେ ମାଡ ହେବାରୁ ସେ ସାଥି ଖେଳାଳିଙ୍କ ସାମ୍ନାରେ ହିଁ ଟଳି ପଡିଥିଲେ। ଅଷ୍ଟିନ ହେଲମେଣ୍ଟ ପିନ୍ଧି ଥିଲେ। କିନ୍ତୁ ବେକ ପାଖରେ ଥିବା ସୁରକ୍ଷା କବଚ ସେଥିରେ ନଥିଲା। ଏଥିଯୋଗୁଁ ବଲଟି ତାଙ୍କ ବେକ ମୁଣ୍ଡାରେ ମାଡ ହୋଇଥିଲା। ଘଟଣା ପରେ ତୁରନ୍ତ ତାଙ୍କୁ ଅତ୍ୟାଧୁନିକ ଜୀବନରକ୍ଷାକାରୀ ବ୍ୟବହାର କରି ହସ୍ପିଟାଲ ନିଆଯାଇଥିଲା। ଦିନ ତମାମ ଅଷ୍ଟିନ ଜୀବନ ମୃତ୍ୟୁ ସହ ସଂଘର୍ଷ କରିଥିଲେ। ବୁଧବାର ତାଙ୍କର ମୃତ୍ୟୁ ହୋଇଥିଲା। ଏପରି ଘଟଣା କ୍ରିକେଟ୍ ଜଗତରେ ଶୋକ ଖେଳାଇ ଦେଇଛି। ଅଷ୍ଟିନଙ୍କ ସ୍ମୃତିରେ ଗୁରୁବାର ଭାରତ ଓ ଅଷ୍ଟ୍ରେଲିଆର ମହିଳା ଖେଳାଳି ହାତରେ କଳାପଟି ବାନ୍ଧି ମ୍ୟାଚ ଖେଳିଛନ୍ତି।

## ମହିଳା ବିଶ୍ୱକପ: ହୃଦୟ ଜିତିଲେ ଜେମିମା

# ରବିବାର ଭାରତ-ଦ.ଆଫ୍ରିକା ଫାଇନାଲ

ମୁମ୍ବାଇ,୩୦।୧୦(ଏଜେନ୍ସି): ମହିଳା ଦିନିକିଆ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି ଭାରତ। ସେମିରେ ୭ ଥରର ଚାମ୍ପିଅନ ଅଷ୍ଟ୍ରେଲିଆକୁ ୫ ଓ୍ୱିକେଟରେ ହରାଇ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଜେମିମା ରୋଡ୍ରିଗୁଏଜ୍ ଦମଦାର ଶତକ ଓ ଅଧିନାୟକ ହରମନପ୍ରୀତ କୌର ଅର୍ଦ୍ଧଶତକ ଭାରତକୁ ବିଜୟୀ କରାଇଛି। ଏହା ସହ ଭାରତୀୟ ମହିଳା ଦଳ ତୃତୀୟ ଥର ଦିନିକିଆ ବିଶ୍ୱକପ୍ ଫାଇନାଲରେ ପହଞ୍ଚିଛି। ଏହା ପୂର୍ବରୁ ଦଳ ୨୦୦୫ ଏବଂ ୨୦୧୭ରେ ଫାଇନାଲ୍ ଖେଳିଥିଲେ ହେଁ ଉପବିଜେତା ହୋଇଥିଲା। ଅନ୍ୟପଟେ ପରାଜୟ ସହ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆର ଅଭିଯାନ ଶେଷ ହୋଇଛି। ନଭେମ୍ବର ୨ରେ ଫାଇନାଲରେ ମୁହାଁମୁହିଁ ହେବେ ଭାରତ ଓ ଦକ୍ଷିଣ ଆଫ୍ରିକା। ରବିବାର ମହାଲଢ଼େଇ ହେବ। ପ୍ରଥମ ଥର ଦ.ଆଫ୍ରିକା ମହିଳା ଦଳ ବିଶ୍ୱକପ ଫାଇନାଲରେ ପ୍ରବେଶ କରିବା ସହ ଟାଇଟଲ ପାଇଁ ଲଢ଼ିବ। ଟସ୍ ଜିତି ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ଫୋଏବେ ଲିଚଫିଲ୍ଡଙ୍କ ୧୧୯ ରନ, ଏଲିସ ପେରିଙ୍କ ୭୭ ରନ ଓ ଆସଲେଗ ଗାର୍ଡନେରଙ୍କ ୬୩ ରନ ବଳରେ ୩୩୮ ରନ କରିଥିଲା। ଜବାବରେ ଭାରତ ୪୮.୩ ଓଭରରେ ୫ ଓ୍ୱିକେଟ୍ ହରାଇ ଲକ୍ଷ ହାସଲ କରି ନେଇଥିଲା। ଜେମିମା ରୋଡ୍ରିଗୁଏଜ୍ ଅପରାଜିତ ୧୨୭ ରନ କରି ଦଳକୁ ଜିତାଇଛନ୍ତି। କୌର ୮୯ ରନର ଉଲ୍ଲେଖନୀୟ ଇନିଂସ ଖେଳିଥିଲେ।



୩୩୯ ରନର ବିଶାଳ ବିଜୟ ଲକ୍ଷ୍ୟ ପିଛା କରିଥିବା ଭାରତକୁ ୧୩ ରନ ସ୍କୋରରେ ପ୍ରଥମ ଓ୍ୱିକେଟ୍ ହରାଇଥିଲା। ସେମିଫାଇନାଲରେ ସୁଯୋଗ ପାଇଥିବା ଶେଫାଳି ବର୍ମା(୧୦ ରନ) ମିଳିଥିବା ସୁଯୋଗର ଫାଇଦା ଉଠାଇ ପାରି ନ ଥିଲେ। ସ୍ମୃତି ମନ୍ଧାନା ୨୪ ରନ କରି ଆଉଟ୍ ହୋଇଥିଲେ। ଭାରତ ୫୯ ରନରେ ଦୁଇ ଓପନରଙ୍କୁ ହରାଇଥିଲା। ପରେ ଇନିଂସ ସମ୍ଭାଳିଥିଲେ ଜେମିମା ଓ ଅଧିନାୟକ ହରମନପ୍ରୀତ କୌର। ଦୁହେଁ ଦମଦାର ବ୍ୟାଟିଂ କରିଥିଲେ। କ୍ରିଜରେ ଜମିବା ପରେ ଓଭର ପିଛା ଆବଶ୍ୟକ ରନ ସଂଗ୍ରହ କରି ଚାଲିଥିଲେ। ଏହି କ୍ରମରେ ଦୁଇ ବ୍ୟାଟର ନିଜ ନିଜର ଅର୍ଦ୍ଧଶତକ ପୂରଣ କରି ଶତକ ଆଡ଼କୁ ଅଗ୍ରସର ହୋଇଥିଲେ।

୨୨୬ ରନ ସ୍କୋରରେ ହରମନପ୍ରୀତ ଆଉଟ୍ ହେବା ଭାରତକୁ ବଡ଼ ଝଟକା ଲାଗିଥିଲା। ଭାରତୀୟ ଅଧିନାୟକ ୮୮ ବଲରୁ ୧୦ ଚୌକା ଓ ୨ ଛକା ସହ ୮୯ ରନର ଅଧିନାୟକତ୍ୱ ଇନିଂସ ଖେଳିଥିଲେ। ଏହା ସହ ଜେମିମାଙ୍କ ସହ ୩ୟ ଓ୍ୱିକେଟ୍ ପାଇଁ ୧୬୭ ରନ ଯୋଡ଼ି ଭାରତ ପାଇଁ ବିଜୟର ମୂଳଦୁଆ ପକାଇଥିଲେ। ଏହା ପରେ ରୋଡ୍ରିଗୁଏଜ ଓ ଦୀପ୍ତି ଶର୍ମା ସ୍କୋର ଆଗକୁ ବଢାଇଥିଲେ। ତେବେ ଦୀପ୍ତି ୨୪ ରନ କରି ରନଆଉଟ୍ ହୋଇଥିଲେ। ରୋଡ୍ରିଗୁଏଜ ସେମିରେ ଶତକ ହାସଲ କରିଥିଲେ। ଗୋଟିଏ ରୋଡ୍ରିଗୁଏଜ ଇନିଂସ ସମ୍ଭାଳିଥିଲେ। ରିଚା ଘୋଷ କ୍ରିଜକୁ ଆସିବା ମାତ୍ରେ ବିସ୍ଫୋରକ ବ୍ୟାଟିଂ କରିଥିଲେ। ସେ ୧୬ ବଲରୁ ୨୬ ରନ କରି ଆଉଟ୍ ହୋଇଥିଲେ। ଏହା ପରେ ସଭିଙ୍କ ନଜର ରୋଡ୍ରିଗୁଏଜ୍‌ଙ୍କ ଉପରେ ଥିଲା। ସେ ଧୈର୍ଯ୍ୟର ସହ ବ୍ୟାଟିଂ କରି ଅପରାଜିତ ୧୨୭ ରନ କରି ଦଳକୁ ଜିତାଇଛନ୍ତି। ଅମନଜିତ କୌର ବିଜୟ ସୂଚକ ଚୌକା ମାରି ୧୫ ରନରେ ଅପରାଜିତ ଥିଲେ।

# ଦ୍ୱିତୀୟ ଟି-୨୦ରେ ବି ବର୍ଷା ସାଜିପାରେ ବାଧକ

ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି): କାନବେରାରେ ଖେଳାଯାଇଥିବା ପ୍ରଥମ ଟି-୨୦ ବର୍ଷା ଯୋଗୁଁ ଧୋଇ ଯାଇଥିଲା। ଶୁକ୍ରବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିତୀୟ ଟି-୨୦ ମ୍ୟାଚ ଖେଳାଯିବ। ଏହି ମ୍ୟାଚ ପୂର୍ବରୁ ବଡ ଆଶ୍ୱସ୍ତିର ବିଷୟ ଯେ, ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ଫର୍ମକୁ ଫେରିଛନ୍ତି। ତେଣୁ ଦୃଢ଼ ମନୋବଳ ସହ ଟିମ ଇଣ୍ଡିଆ ମେଲବୋର୍ଣ୍ଣ ଟି-୨୦ ପାଇଁ ମୈଦାନକୁ ଓହ୍ଲାଇବ। ଅଭିଶେକ ଶର୍ମା, ତିଳକ ବର୍ମା ଓ ଶିବମ ଦୁବେ ନିଜର ଆକ୍ରମଣାତ୍ମକ ଶୈଳୀ ଜରିଆରେ ଟି-୨୦ କ୍ରିକେଟରେ ନୂଆ ପରିଚୟ ସୃଷ୍ଟି କରିଛନ୍ତି। ଗତ କିଛି ମାସ ହେବ ସୂର୍ଯ୍ୟଙ୍କ ବ୍ୟାଟ ଚାଲୁ ନଥିଲା। କିନ୍ତୁ ପ୍ରଥମ ଟି-୨୦ରେ ସୂର୍ଯ୍ୟ କୁମାର ୨୪ ବଲରୁ ୩୯ ରନ୍ କରି ଫର୍ମକୁ ଫେରିଥିବା ସଂକେତ ଦେଇଛନ୍ତି। ଜୋସ ହାଜଲେଉଡଙ୍କୁ ୧୨୫ ମିଟର ଲମ୍ବା ଛକା ମାରିଥିଲେ। ଯାହା ଦୀର୍ଘ ସମୟ ଯାଏଁ ସମସ୍ତଙ୍କ ମନେ ରହିବ। ବର୍ଷା କାରଣରୁ କାନବେରାରେ ଖେଳାଯାଇଥିବା ପ୍ରଥମ ଟି-୨୦ ମୁକାବିଲାରେ ମାତ୍ର ୯.୪ ଓଭର ଖେଳ ସମ୍ଭବ ହୋଇଥିଲା। ଭାରତ ଗୋଟିଏ ୱିକେଟ୍ ହରାଇ ୯୭ ରନ୍ କରିଥିଲେ। ସୂର୍ଯ୍ୟ କୁମାର ଓ ଶୁଭମନ ଗିଲ କଙ୍ଗାରୁ ବୋଲରଙ୍କୁ ପ୍ରହାର କରିବା ମୁଣ୍ଡରେ ଥିଲା। ମେଲବୋର୍ଣ୍ଣରେ ଶୁକ୍ରବାର ମ୍ୟାଚରେ ବର୍ଷା ସମ୍ଭାବନା ଅଛି। ଏହା ସତ୍ତ୍ୱେ ଭାରତୀୟ ଦଳ ନିଜ ଲୟ ବଜାୟ ରଖିବାକୁ ଉଦ୍ୟମ କରିବ। ଗମ୍ଭୀର ଚାହାଁନ୍ତି ତାଙ୍କ ଦଳ ନିୟମିତ ଭାବେ ୨୫୦, ୨୬୦ ରନ୍ କରୁ। ଭାରତୀୟ ବ୍ୟାଟର ଆରମ୍ଭରୁ ଆକ୍ରମଣାତ୍ମକ କ୍ରିକେଟ୍ ଖେଳି ଟି-୨୦ ଫର୍ମାଟର ସ୍ୱରୂପକୁ ବଦଳାଇ ଦେଇଛନ୍ତି। ଭାରତର ନଜର ୨୦୨୬ ଟି-୨୦ ବିଶ୍ୱକପ୍ ଟାଇଟଲ ବଜାୟ ରଖିବା ଉପରେ ରହିବ। ଭାରତ ଗତଥର ରୋହିତ ଶର୍ମାଙ୍କ ନେତୃତ୍ୱରେ ୱେଷ୍ଟଇଣ୍ଡିଜ୍ ଓ ଆମେରିକାରେ ଖେଳାଯାଇଥିବା ଟି-୨୦ ବିଶ୍ୱକପ୍ ଜିତିଥିଲା। କାନବେରାରେ ବୋଲିଂ କରିବାରେ ସୁଯୋଗ ପାଇନଥିବା ଭାରତୀୟ ବୋଲର ଯଶପ୍ରୀତ ବୁମରା, ବରୁଣ ଚକ୍ରବର୍ତ୍ତୀ, କୁଲଦୀପ ଯାଦବ ଓ ଅକ୍ଷର ପଟେଲ ଦ୍ୱିତୀୟ ମ୍ୟାଚ ପାଇଁ ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ତେବେ ଭାରତୀୟ ଦଳକୁ ମିଚେଲ ମାର୍ସ ଓ ଟ୍ରେଭିସ ହେଡଙ୍କ ବ୍ୟାଟିଂ ଉପରେ ଅଙ୍କୁଶ ଲଗାଇବାକୁ ପଡ଼ିବ। ଅଷ୍ଟ୍ରେଲିଆ ଦଳ ମଧ୍ୟ ସର୍ବଦା ଆକ୍ରମଣାତ୍ମକ କ୍ରିକେଟ୍ ଖେଳିଥାଏ। ହେଡ, ମାର୍ସ, ମାର୍କସ ଷ୍ଟୋଇନିସ୍ ଟିମ୍ ଡେଭିଡ ଓ ଜୋସ ଇଲିଶ ବଡ଼ ସ୍କୋର କରିବାକୁ ସକ୍ଷମ। ମିଚେଲ ଷ୍ଟାର୍କ ଟି-୨୦ରୁ ସନ୍ୟାସ ଓ ପାର୍ଟ କମିନ୍ସଙ୍କ ଅନୁପସ୍ଥିତି ଅଷ୍ଟ୍ରେଲିଆ ଦଳର ବୋଲିଂ ଆକ୍ରମଣକୁ ସାମାନ୍ୟ ଦୁର୍ବଳ କରିଛି। ତେଣୁ ହାଜେଲ ଉଡଙ୍କ ଉପରେ ଦଳ ଅଧିକ ନିର୍ଭର କରିବ।



# ଏପର୍ଯ୍ୟନ୍ତ ମୁଁ ସୁସ୍ଥ ହୋଇନି: ଆୟର

ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି): ଭାରତର ଷ୍ଟାର ଖେଳାଳି ଶ୍ରେୟାସ ଆୟର ଅସୁସ୍ଥ ଅଛନ୍ତି। କେମିତି ଅଛନ୍ତି ସରପଞ୍ଚ ବାବୁ ? କେବେ ମିଳିବ ହସ୍ପିଟାଲରୁ ଛୁଟି ? ଏଭଳି ଅନେକ ପ୍ରଶ୍ନ ସଭିଙ୍କ ମନରେ। ଶେଷରେ ଶ୍ରେୟାସ ଆୟର ନିଜ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଅପଡେଟ୍ ଦେଇଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଦିନିକିଆ ମ୍ୟାଚରେ କ୍ୟାଚ ନେବା ସମୟରେ ଆୟରଙ୍କ ପଞ୍ଜରାରେ ଆଘାତ ଲାଗି ଥିଲା। ଘଟଣା ପରେ ଉପଅଧିନାୟକ ଆୟରଙ୍କୁ ସିଡନୀର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କୁ ପ୍ରଥମେ ଆଇସିୟୁରେ ରଖାଯାଇଥିଲା ଏବେ ସେ ବ୍ୟକ୍ତିଗତ କ୍ୟାବିନକୁ ଆସିଛନ୍ତି। ଚିକିତ୍ସା ଚାଲିଥିବା ବେଳେ ଶୀଘ୍ର ସୁସ୍ଥ ହେଉଥିବା ଆୟର କହିଛନ୍ତି। ଆୟର ନିଜ ଇନଷ୍ଟାଗ୍ରାମ ଷ୍ଟୋରୀରେ ସ୍ୱାସ୍ଥ୍ୟାବସ୍ଥା ନେଇ ପ୍ରଶଂସକଙ୍କୁ ପ୍ରତିକ୍ରିୟା ଦେଇଛନ୍ତି। ଶ୍ରେୟାସ କହିଛନ୍ତି ମୁଁ ବର୍ତ୍ତମାନ ସୁସ୍ଥ ହେବା ପ୍ରକ୍ରିୟାରେ ଅଛି। ପ୍ରତ୍ୟେକ ଦିନ ସ୍ୱାସ୍ଥ୍ୟ ଟିକେ ଭଲ ଲାଗୁଛି। ସମସ୍ତ ଶୁଭେଚ୍ଛା, ଭଲ ପାଇବା , ଆଶୀର୍ବାଦ ଏବଂ ସମର୍ଥନ ଦେଖି ମୁଁ ଗଭୀର କୃତଜ୍ଞ ବୋଲି ଆୟର କହିଛନ୍ତି।



# ପ୍ରଥମଥର ଫାଇନାଲରେ ଦ.ଆଫ୍ରିକା

ଗୌହାଟୀ,୩୦।୧୦(ଏଜେନ୍ସି): ମହିଳା ବିଶ୍ୱକପରେ ପ୍ରଥମ ଦଳ ଭାବେ ଦ.ଆଫ୍ରିକା ଫାଇନାଲରେ ପ୍ରବେଶ କରିଛି। ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲରେ ଦ.ଆଫ୍ରିକା ୧୨୫ ରନରେ ଇଂଲଣ୍ଡକୁ ହରାଇଛି। ଲଉରାଓଲଭାଙ୍କ ୧୬୯ ରନର ଇନିଂସ ଓ ମାରିଜାନେ କାପଙ୍କ ଘାତକ ବୋଲିଂ ଦଳକୁ ଫାଇନାଲରେ ପହଞ୍ଚାଇଛି। ମହିଳା ବିଶ୍ୱକପ ଇତିହାସରେ ପ୍ରଥମଥର ଦ.ଆଫ୍ରିକା ଫାଇନାଲରେ ପହଞ୍ଚିଛି। ପ୍ରଥମେ ବ୍ୟାଟିଂ କରି ଦ.ଆଫ୍ରିକା ୭ ୱିକେଟ୍ ହରାଇ ୩୧୯ ରନ୍ କରିଥିଲା। ଜବାବରେ ଇଂଲଣ୍ଡ ବ୍ୟାଟିଂ ବିପର୍ଯ୍ୟୟ ଭୋଗି ୧୯୪ ରନର ଇନିଂସ ଖେଳିଥିଲା। ନଭେମ୍ବର ୨ରେ ଫାଇନାଲ ଖେଳାଯିବ। ଦ.ଆଫ୍ରିକା ପାଇଁ ଏହି ବିଜୟ ଗୁରୁତ୍ୱପୂର୍ଣ୍ଣ ଥିଲା। କାରଣ ଏହି ଟୁର୍ଣ୍ଣାମେଣ୍ଟରେ ଗତଥର ଦୁଇ ଦଳ ମୁହାଁମୁହିଁ ହୋଇଥିଲେ। ଦ.ଆଫ୍ରିକା ମାତ୍ର ୬୯ ରନରେ ଅଲଆଉଟ୍ ହୋଇଥିଲା। ଇଂଲଣ୍ଡ ୧୦ ୱିକେଟରେ ମ୍ୟାଚ ଜିତିଥିଲା।




# ରାଜ୍ୟସ୍ତରୀୟ ସ୍କୋଏ ମାର୍ଶାଲଆର୍ଟ: ଅନୁଗୁଳକୁ ୮ ପଦକ

ଅନୁଗୁଳ,୩୦।୧୦(ସବ୍ୟୁ): ଝାରସୁଗୁଡାରେ ୨୦ତମ ରାଜ୍ୟସ୍ତରୀୟ ସ୍କୋଏ ମାର୍ଶାଲଆର୍ଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଅନୁଗୁଳ ଜିଲ୍ଲାରୁ ବାଳକ ଓ ବାଳିକା ପ୍ରତିଯୋଗୀ ଅଂଶଗ୍ରହଣ କରି ଦୁଇଟି ସ୍ୱର୍ଣ୍ଣ ସହ ମୋଟ୍ ୮ ପଦକ ହାସଲ କରିଛନ୍ତି। ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସିଂ ଧନ୍ୟବାଦ ଦେବା ସହ ଜାତୀୟସ୍ତରରେ କିଭଳି ପଦକ ହାସଲ କରିବେ ସେ ସମ୍ପର୍କରେ ଖେଳାଳିଙ୍କୁ ପରାମର୍ଶ ଦେଇଥିଲେ। କୋଚ୍ ଜସ୍ମିନ ସାହୁ ଓ ଦୁଷ୍ମନ୍ତ କୁମାର ନାଥ ଖେଳାଳିଙ୍କୁ ନେଇ ଝାରସୁଗୁଡା ଯାଇଥିଲେ। ଉଭୟ କୋଚଙ୍କ ନିକଟରୁ ପ୍ରଶିକ୍ଷଣ ନେଉଛନ୍ତି। ଅନୁଗୁଳ ଜିଲ୍ଲା ସ୍କୋଏ ମାର୍ଶାଲଆର୍ଟ ସଂଘ ସଭାପତି ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦ ପଦକ ହାସଲ କରିଥିବା ବିଜୟୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



# ଗୌହାଟୀ ଟେଷ୍ଟରେ ଆଗ ଟି-ବ୍ରେକ

ଗୌହାଟୀ,୩୦।୧୦(ଏଜେନ୍ସି): ଭାରତ ଓ ଦ.ଆଫ୍ରିକା ମଧ୍ୟରେ ନଭେମ୍ବର ୧୪ରୁ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଆରମ୍ଭ ହେବାକୁଯାଉଛି। ପ୍ରଥମ ମ୍ୟାଚ କୋଲକାତାର ଇଡେନଗାର୍ଡେନରେ ଖେଳାଯିବ। ଦ୍ୱିତୀୟ ମ୍ୟାଚ ନଭେମ୍ବର ୨୨ରୁ ଗୌହାଟୀରେ ଆରମ୍ଭ ହେବ। ପ୍ରଥମଥର ପାଇଁ ଭାରତରେ ଆଗ ଟି-୨୦ ଏବଂ ପରେ ଲଞ୍ଚ ବ୍ରେକ୍ ହେବ। ବର୍ଷାପାରା ଷ୍ଟାଡିୟମରେ ମ୍ୟାଚର ପ୍ରଥମ ଅଧିବେଶନ ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ଖେଳାଯିବ। ଏହାପରେ ୧୧ଟାରୁ ୧୧.୨୦ ପର୍ଯ୍ୟନ୍ତ ଟି-ବ୍ରେକ ହେବ। ୧୧.୨୦ରୁ ୧.୨୦ ପର୍ଯ୍ୟନ୍ତ ଦ୍ୱିତୀୟ ଅଧିବେଶନ ଖେଳାଯିବ। ୧.୨୦ରୁ ୨ଟା ପର୍ଯ୍ୟନ୍ତ ଲଞ୍ଚ ବ୍ରେକ ହେବ। ଏହାପରେ ତୃତୀୟ ଅଧିବେଶନ ଖେଳା ହେବ। ଗୌହାଟୀରେ ସୂର୍ଯ୍ୟାସ୍ତ ଶୀଘ୍ର ହୋଇଯାଏ ଏହାକୁ ଆଖି ଆଗରେ ରଖି ମ୍ୟାଚ ମଧ୍ୟ ଶୀଘ୍ର ଆରମ୍ଭ ହେବ। ସେଥିପାଇଁ ଟି-ବ୍ରେକର ବ୍ୟବସ୍ଥା ପ୍ରଥମ ରଖାଯାଇଛି। ଅପରାହ୍ଣ ୪ଟା ସୁଧା ମ୍ୟାଚ ଶେଷ ହେବ। ଭାରତରେ ପ୍ରାୟତଃ ସକାଳ ୯.୨୦ରୁ ମ୍ୟାଚ ଆରମ୍ଭ ହୋଇ ୪.୩୦ ପର୍ଯ୍ୟନ୍ତ ଖେଳାଯାଇଥାଏ। ଲଞ୍ଚ ବ୍ରେକ୍ ୧୧.୩୦ରୁ ୧୨.୧୦ ଏବଂ ଟି-ବ୍ରେକ ୨.୧୦ରୁ ୨.୩୦ ପର୍ଯ୍ୟନ୍ତ ହୋଇଥାଏ।

## ଆନ୍ତଃ ଜିଲ୍ଲା କ୍ରିକେଟ୍

# କଳାହାଣ୍ଡିକୁ ହରାଇଲା କେନ୍ଦୁଝର

ଭୁବନେଶ୍ୱର,୩୦।୧୦(ସବ୍ୟୁ): ୧୬ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଏକ ପ୍ରିଲିମିନାରୀ ଲିଗ୍ ମ୍ୟାଚରେ କେନ୍ଦୁଝର ୭ ୱିକେଟରେ କଳାହାଣ୍ଡିକୁ ହରାଇଛି। ବିଡ଼ାନାସୀ କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚରେ କେନ୍ଦୁଝର ୨୫.୩ ଓଭରରେ ୧୦୩ ରନ୍ କରି ଅଲଆଉଟ୍ ହୋଇଥିଲା ସୂର୍ଯ୍ୟ ଅଗ୍ରୱାଲ ସର୍ବାଧିକ ୩୭ ରନ୍ କରିଥିଲେ। ରାହୁଲ ଦେବ ନାୟକଙ୍କୁ ୫ ୱିକେଟ୍ ସଫଳତା ମିଳିଥିଲା। ଜବାବରେ କେନ୍ଦୁଝର ୨୦ ଓଭରରେ ୩ ୱିକେଟ୍ ହରାଇ ୧୦୫ ରନ୍ କରି ବିଜୟୀ ହୋଇଥିଲା। ଆଶୁତୋଷ ନାୟକ ୫୪ ରନର ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ। ୫ ୱିକେଟ୍ ନେଇଥିବା ରାହୁଲ ଦେବ ନାୟକଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା।



# ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତା ଉଦଯାପିତ

ଭୁବନେଶ୍ୱର,୩୦।୧୦(ସବ୍ୟୁ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମର ବିଜୁ ପଟ୍ଟନାୟକ ଭାରୋତ୍ତୋଳନ ପ୍ରଶିକ୍ଷଣ କେନ୍ଦ୍ରଠାରେ ୭୨ତମ ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏଥିରେ ୟୁଥ୍ ଜୁନିୟର ଏବଂ ସିନିୟର ବିଭାଗରେ ଗଞ୍ଜାମ ଚାମ୍ପିଅନ ହୋଇଥିବା ବେଳେ ୟୁଥ୍ ଓ ଜୁନିୟର ବିଭାଗରେ ଢେଙ୍କାନାଳ ରନର୍ସଅପ୍ ହୋଇଛି। ସିନିୟର ବିଭାଗରେ ଖୋର୍ଦ୍ଧା ପ୍ରଥମ ରନର୍ସଅପ୍ ହାସଲ କରିଛି। ବେଷ୍ଟ ଲିଫଟର ୟୁଥ୍ ବାଳକ ଓ ଜୁନିୟର ବିଭାଗରେ ଢେଙ୍କାନାଳର ସୁବ୍ରତ ନାୟକ, ସିନିୟର ବିଭାଗରେ ମୁନି ନାୟକ, ୟୁଥ୍ ବାଳିକା ଓ ଜୁନିୟର ବିଭାଗରେ ନବରଙ୍ଗପୁରର ମୀନା ଶାନ୍ତା ଏବଂ ସିନିୟର ବିଭାଗରେ ମୟୂରଭଞ୍ଜର ସ୍ନେହା ସୋରେନ ବେଷ୍ଟ ଲିଫ୍ଟର ଆଖ୍ୟା ଅର୍ଜନ କରିଛନ୍ତି। ଉଦଯାପନୀ ଉତ୍ସବର ମୁଖ୍ୟ ଅତିଥି ଭାବେ ଓଡ଼ିଶା ଅଲିମ୍ପିକ୍ ସଂଘର ସଭାପତି ସମୀର ମହାନ୍ତି ଯୋଗଦେଇ ଚାମ୍ପିଅନ୍ ଟ୍ରଫି ପ୍ରଦାନ କରିଥିଲେ। ରାଜ୍ୟ ଭାରୋତ୍ତୋଳନ ସଂଘ ଏଭଳି ପ୍ରତିଯୋଗିତା ସଫଳ ରୂପେ ସମ୍ପାଦନା କରିଥିବା ତଥା ନିକଟରେ ପ୍ରୀତିଶ ମିତା ଭୋଇ ବିଶ୍ୱ ରେକର୍ଡ ସୃଷ୍ଟି କରିଥିବାରୁ ଆଗାମୀ ଅଲିମ୍ପିକ ପ୍ରତିଯୋଗିତାରେ ଓଡ଼ିଶାରେ ବହୁ ପ୍ରତିଯୋଗୀ ସୃଷ୍ଟି ହୋଇପାରିବ ବୋଲି ଆଶା ପ୍ରକଟ କରିଥିଲେ। ରାଜ୍ୟ ଭାରୋତ୍ତୋଳନ ସଂଘର ସଭାପତି ଚିତ୍ତରଞ୍ଜନ ସ୍ୱାଇଁ ଖୁବ୍ ଅଳ୍ପ ଦିନରେ ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗର ଅଧିକାରୀଙ୍କ ସହଯୋଗରେ ପ୍ରତିଯୋଗିତାକୁ ସଫଳ ତଥା ସୁଚାରୁରୂପେ ସମ୍ପାଦିତ କରିଥିବାରୁ ଧନ୍ୟବାଦ ଜଣାଇଥିଲେ। ଏହି ପ୍ରତିଯୋଗିତାରେ ଜାତୀୟ ସଂଘ କୋଷାଧ୍ୟକ୍ଷ ପ୍ରଦୀପ ଶର୍ମା ଯୋଗଦେଇ ପ୍ରତିଯୋଗୀ ଓ ଆୟୋଜକଙ୍କୁ ପ୍ରଶଂସା କରିଥିଲେ।




ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପେଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି